ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...


ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net



ବାଲେଶ୍ୱର ❑ ରବିବାର ୧୯ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 October 2025

Vol.No. 36 ■ No.275 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ବିହାର ନିର୍ବାଚନ: ମହାଗଠବନ୍ଧରେ ତୁଟିନି ଆସନ ବଣ୍ଟନ ବିବାଦ



ନୂଆଦିଲ୍ଲୀ,୧୮/୧୦ : ବିହାରରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଶେଷ ହେବା ପରେ ଘମାଘୋଟ ପ୍ରଚାର ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାରେ ମୋଟ୍ ୧୨୧ଟି ଆସନ ପାଇଁ ବିଭିନ୍ନ ଦଳର ୧ ହଜାର ୬୯୮ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆଜି ନାମାଙ୍କନପତ୍ରଗୁଡ଼ିକ ଯାଞ୍ଚ କରାଯିବ । ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି ଅକ୍ଟୋବର ୨୦ । ତେବେ ଏପର୍ଯ୍ୟନ୍ତ ମହାଗଠବନ୍ଧରେ ଆସନ ବଣ୍ଟନ ବିବାଦ ତୁଟିନି । କିଛି ନିର୍ବାଚନ ମଣ୍ଡଳୀରେ ମହାଗଠବନ୍ଧନର ଅଂଶୀଦାର ଦଳ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଛନ୍ତି । ୧୦ଟି ନିର୍ବାଚନମଣ୍ଡଳୀରେ ଏପରି ସ୍ଥିତି ଦେଖିବାକୁ ମିଳିଛି । ଆରଜେଡି ନେତା ତେଜସ୍ୱୀ ଯାଦବ ନିଜକୁ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ସହମତି ଦେଇନାହିଁ । ଏନଡିଏରେ ମଧ୍ୟ ଆସନ ଓ ମୁଖ୍ୟମନ୍ତ୍ରୀ ଚେହେରା ନେଇ କିଛି ଅସନ୍ତୋଷ ରହିଛି । ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତିନିଦିନ ହେଲା ବିହାରରେ ଡେରା ପକାଇଛନ୍ତି । ଆଜି ସେ ଏନଡିଏ ନେତାଙ୍କ ସହ ଆଲୋଚନା କରିବେ । ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ ଦିନ ଗତକାଲି ନାମାଙ୍କନ ଭରିଥିବା ପ୍ରାର୍ଥୀମାନେ ଶକ୍ତି ପ୍ରଦର୍ଶନ କରିଥିଲେ । ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ମଧ୍ୟ ବିହାରରେ ପ୍ରଚାର ଆରମ୍ଭ ହୋଇଯାଇଛି । ତେବେ ବିଭିନ୍ନ ଦଳ ପକ୍ଷରୁ ଷ୍ଟାର୍ ପ୍ରଚାରକଙ୍କ ନାଁ ଘୋଷଣା ପରେ ସେମାନେ ମଇଦାନକୁ ଓହ୍ଲାଇଛନ୍ତି । ଆରମ୍ଭ ହୋଇଛି ଜୋରଦାର ପ୍ରଚାର । ଉଭୟ ଏନଡିଏ ଓ ମହାଗଟବନ୍ଧନ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି । ବିହାରରେ ନଭେମ୍ବର ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ । ନଭେମ୍ବର ୧୧ ତାରିଖରେ ହେବ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ । ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ ଆସନ ପାଇଁ ହେବ ମତଦାନ । ଏଥିପାଇଁ ଅକ୍ଟୋବର ୨୦ ତାରିଖରେ ଶେଷ ହେବ ନାମାଙ୍କନ ।

## ଅକ୍ଟୋବରରେ ପୁଣି ଘାରିଲା ବାତ୍ୟା ଭୟ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ମୌସୁମୀ ବିଦାୟ ନେଇଛି। କିନ୍ତୁ ଅକ୍ଟୋବର ମାସର ପୁଣିଥରେ ଘାରିଛି ବାତ୍ୟା ଭୟ । ଆମେରିକାର ଜିଏଫଏସ ମଡେଲର ଆକଳନ ଅନୁଯାୟୀ, ଅକ୍ଟୋବର ଶେଷ ସୁଦ୍ଧା ଦୁଇ ଦୁଇଟି ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି । ଯଦିଓ ଏନେଇ ଚିତ୍ର ଏବେ କିଛି ସ୍ପଷ୍ଟ ହୋଇନାହିଁ, କିନ୍ତୁ ଦିନ କେଇଟା ମଧ୍ୟରେ ବାତ୍ୟା ନେଇ ସ୍ପଷ୍ଟ ସୂଚନା ମିଳିବ । ତେବେ ଏହି ଖବର ପୁଣିଥରେ ୧୯୯୯ ଅକ୍ଟୋବର ମାସର ମହାପ୍ରଳୟକୁ ମନେପକାଇ ଦେଇଛି। ୧୯୯୯ ମସିହା ଅକ୍ଟୋବର ମାସ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲା ଦୁଇଟି ଶକ୍ତିଶାଳୀ ବାତ୍ୟା । ଗୋଟିଏ ଅକ୍ଟୋବର ୧୭ରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଠାରେ ସ୍ଥଳଭାଗ ଛୁଇଁ ଥିଲା । ଅନ୍ୟଟି ଅକ୍ଟୋବର ୨୯ରେ ଜଗତସିଂହପୁର ଜିଲ୍ଲାର ଏରସମା ଅଞ୍ଚଳରେ ସ୍ଥଳଭାଗ ଛୁଇଁବା ପରେ ରଚିଥିଲା ପ୍ରଳୟ । ଅନ୍ୟପଟେ ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୨୧ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା କ୍ରମେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ । ୨୩ ତାରିଖ ସକାଳ ସୁଦ୍ଧା ଦକ୍ଷିଣ-ବଙ୍ଗୋପସାଗର ଏବଂ ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ତାହା କ୍ରମଶଃ ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ର ଆଡକୁ ମୁହାଁଇବ । ଯାହା ପ୍ରଭାବରେ ୨୧ ତାରିଖରୁ ୨୩ ପର୍ଯ୍ୟନ୍ତ ଘଣ୍ଟା ପ୍ରତି ୩୦ରୁ ୫୫ କିଲୋମିଟର ବେଗରେ ପବନ ବହିବ । କୌଣସି ଜିଏଫଏକ୍ସ ମଡେଲକୁ ଅନୁସରଣ ନକରି ଆଇଏମ୍‌ଡି ପୂର୍ବାନୁମାନକୁ ଅନୁକରଣ କରିବାକୁ କହିଛନ୍ତି ଆଇଏମ୍‌ଡି ଡିଜି । ତେବେ ଓଡ଼ିଶା ପାଇଁ ବାତ୍ୟା ଲାଗି କୌଣସି ୱାର୍ଣ୍ଣିଙ୍ଗ ଦିଆଯାଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଆଇଏମ୍‌ଡି ଡିଜି । ୨୧ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ବାତ୍ୟା ନେଇ ପୂର୍ବାନୁମାନ କରାଯିବ। ଅକ୍ଟୋବର ୨୯ ତାରିଖ ପାଇଁ ସେଭଳି କୌଣସି ପୂର୍ବାନୁମାନ ଏଯାଏଁ ହୋଇନି ।

## ଭୁବନେଶ୍ୱରରେ ନାବାଳିକା ଗଣଦୁଷ୍କର୍ମ: ଦୁଷ୍କର୍ମର ଶିକାର ଝାଡ଼ଖଣ୍ଡର ନାବାଳିକା

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଜନଗହଳି ପୂର୍ଣ୍ଣ ରାଜଧାନୀ ରାଜରାସ୍ତା । ରାସ୍ତାକଡ଼ ଫୁଟପାଥରେ ପଡ଼ିଥିଲେ ରକ୍ତଜୁଡୁବୁଡୁ ନାବାଳିକା । ଦିନକ ତଳେ ଘଟିଥିବା ଲୋମହର୍ଷଣକାରୀ ଘଟଣାକୁ ନେଇ ଭୁବନେଶ୍ୱରରେ ଖେଳିଯାଇଛି ଚାଞ୍ଚଲ୍ୟ । ଜଣେ ୧୬ ବର୍ଷୀୟା ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୮ଟା ବେଳେ ଅଶୋକନଗରରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ ନାବାଳିକା ଜଣକ । କିଛି ଲୋକ ଜନପଥ କଡ଼ରୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେବା ସହ ପୁଲିସକୁ ଖବର ଦେଇଥିଲେ । ପ୍ରାଥମିକ ଭାବେ ନାବାଳିକାଙ୍କ ସହ ଯୌନ ଉତ୍ପୀଡ଼ନ ସ୍ପଷ୍ଟ ହୋଇଥିବା ବେଳେ, କ୍ୟାପିଟାଲ ଥାନାରେ ମାମଲା ରୁଜୁ କରି ଛାନଭିନ କରୁଛି କମିଶନରେଟ୍ ପୁଲିସ । ପୀଡ଼ିତାଜଣକ ମାନସିକ ବିକାରଗ୍ରସ୍ତ ଏବଂ ତାଙ୍କ ଘର ଝାଡ଼ଖଣ୍ଡ ବୋଲି ଜଣାପଡ଼ିଛି । ତେବେ ତାଙ୍କର କୌଣସି ସଂପର୍କୀୟଙ୍କ ପତ୍ତା ମିଳିନଥିବାରୁ ପୁଲିସ ସେ ଦିଗରେ ବି ତଦନ୍ତ ଚଳାଇଛି । ଝାଡ଼ଖଣ୍ଡରୁ କେମିତି ଆସିଲେ ନାବାଳିକା ? ଭୁବନେଶ୍ୱରକୁ ତାଙ୍କୁ କିଏ ଆଣିଥିଲା ? କାହିଁକି ଆଣିଥିଲା ? ସେ କାହା କବଳରୁ ଖସିଆସିଥିଲେ ? ନା କିଏ ରାସ୍ତାକଡ଼ରେ ଫିଙ୍ଗି ଦେଇଥିଲା ? ରାଜଧାନୀର ଜନଗହଳିପୂର୍ଣ୍ଣ ଅଞ୍ଚଳରେ କେମିତି କେହି ପାଇଲେନି ଟେର୍ ? ନାବାଳିକା ନିଜେ କିଛି ସ୍ପଷ୍ଟ ଭାବେ କହିପାରୁନଥିବାରୁ ଏସବୁର ସୁରାଗ୍ ଖୋଜିବା ପୁଲିସ ପାଇଁ ଚାଲେଞ୍ଜ ପାଲଟିଛି ।

## ମହାରାଷ୍ଟ୍ରର ନନ୍ଦୁରବାରର ଚନ୍ଦ୍ରଶୈଳୀ ଘାଟିରେ ଓଲଟିଲା ଗାଡି: ୮ ମୃତ

ନୂଆଦିଲ୍ଲୀ,୧୮/୧୦ : ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲାରେ ଅବସ୍ଥିତ ଚନ୍ଦ୍ରଶୈଳୀ ଘାଟିରେ ଶନିବାର ସକାଳେ ଅଷ୍ଟମ ପର୍ବତ ଯାତ୍ରା ପାଇଁ ଯାଉଥିବା ଏକ ଗାଡି ଓଲଟିପଡିଛି । ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୮ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ୨୦ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ତଲୋଦା ଉପଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାର ସୂଚନା ମିଳିବା ମାତ୍ରେ ନନ୍ଦୁରବାର ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି ଏବଂ ରିଲିଫ କାର୍ଯ୍ୟ ଜାରି ରହିଛି।

## ପୁଲିସ ଏସ୍‌ଆଇ ପରୀକ୍ଷା ଦୁର୍ନୀତି: ମୁନା ମହାନ୍ତିର ବାଙ୍କୀ ଘରେ କ୍ରାଇମବ୍ରାଞ୍ଚ ଟିମ୍‌ର ଚଢ଼ଉ



ବାଙ୍କୀ, ୧୮/୧୦ (ନି.ପ୍ର): ପୁଲିସ ଏସ୍‌ଆଇ ପରୀକ୍ଷା ଦୁର୍ନୀତି ମାମଲାରେ କୁଖ୍ୟାତ ମୁନା ମହାନ୍ତି ଘରେ କ୍ରାଇମବ୍ରାଞ୍ଚ ଟିମ୍‌ର ଚଢ଼ଉ ହୋଇଛି। ଆଜି ସକାଳେ କଟକଜିଲ୍ଲା ବାଙ୍କୀ କଳାପଥର ସ୍ଥିତ ଘରେ କ୍ରାଇମବ୍ରାଞ୍ଚ ଟିମ୍‌ର ଚଢ଼ାଉ ଜାରି ରହିଥିଲା। ବୈଦେଶ୍ୱର ପୁଲିସ ମଧ୍ୟ ଏହି ଚଢ଼ଉରେ ସାମିଲ ହୋଇଥିଲା। ପୁଲିସ କହିଛି ଯେ, ଗତକାଲି ମୁନାକୁ ନୟାଗଡ଼ ଜିଲ୍ଲା ଦଶପଲ୍ଲାରୁ ଗିରଫ କରାଯାଇଥିଲା। ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ଘଟଣାରେ ଧରାପଡ଼ିଥିଲା ମୁନା ମହାନ୍ତି। ଦଲାଲ ତଥା ମୋଷ୍ଟ ୱାଣ୍ଟେଡ୍ ମୁନା ମହାନ୍ତି ଓ ଶ୍ରୀକାନ୍ତ ମହାରଣାଙ୍କୁ ଉଠାଇ ନେଇଥିଲା କ୍ରାଇମବ୍ରାଞ୍ଚ। ଦଶପଲ୍ଲାର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିମନ୍ୟୁ ଦୋରାଙ୍କୁ ବି ଉଠାଇନେଇଥିଲା କ୍ରାଇମବ୍ରାଞ୍ଚ। ପିଲା ଯୋଗାଡ଼ କରିବା ଏବଂ ବସ୍‌ରେ ରାଜ୍ୟ ବାହାରକୁ ପଠାଇବାରେ ମୁନା ମହାନ୍ତି ଓ ଶ୍ରୀକାନ୍ତ ମହାରାଣାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ଅଭିମନ୍ୟୁ ଦୋରା ତାଙ୍କର ଦଶପଲ୍ଲା ଘରେ ମୁନା ଓ ଶ୍ରୀକାନ୍ତକୁ ଲୁଚାଇ ରଖିଥିବା ଅଭିଯୋଗ ହୋଇଥିଲା। ଗତ ସେପଟ୍ଟେମ୍ବର ୩୦ରେ ତିନୋଟି ବସ୍‌ରେ ଯାଉଥିବା ୧୧୪ ପ୍ରାର୍ଥୀଙ୍କୁ ମୁନା ହିଁ ଯୋଗାଡ଼ କରିନେଇଥିବା ଅଭିଯୋଗ ରହିଛି। ଏହି ଗିରଫ ପରେ ଗିରଫଦାରୀ ସଂଖ୍ୟା ୧୨୧ରେ ପହଞ୍ଚିଥିବା ବେଳେ ମୁନା ମହାନ୍ତିର କଳା ସାମ୍ରାଜ୍ୟର ରହସ୍ୟ ଖୋଲିବାରେ ଲାଗିଛି। ମୁନା ଦଶପଲ୍ଲାରେ ତାର ନେଟ୍‌ୱାର୍କ ଚଳାଇଥିବା ଜଣାପଡ଼ିଛି। ଯାହାକି ଦୁଇ ଦୁଇଟି ହାଇୱା ବାଲିଘାଟରେ ଲଗାଇ ଟଙ୍କା ରୋଜଗାର କରୁଥିଲା।

▶▶ପୃଷ୍ଠା ୭

## ଆସନ୍ତା ୨୦ ତାରିଖ ଦୀପାବଳି ପର୍ବ ଉପଲକ୍ଷେ ଅତିରିକ୍ତ ଛୁଟି

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଆସନ୍ତା ୨୦ ତାରିଖ ଦୀପାବଳି ପର୍ବ ଉପଲକ୍ଷେ ଅତିରିକ୍ତ ଛୁଟି ଘୋଷଣା କରାଯାଇଛି । ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସବୁ ସରକାରୀ କାର୍ଯ୍ୟାଳୟ ଓ ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ। ୨୦ରେ ନୂଆପଡ଼ାରେ ସରକାରୀ କାର୍ଯ୍ୟାଳୟ/ ମାଜିଷ୍ଟ୍ରେରିଆଲ କୋର୍ଟ ଖୋଲା ରହିବ । ଆସନ୍ତା ୨୫ ତାରିଖ ଚତୁର୍ଥ ଶନିବାର କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି । ସେହିପରି ସ୍କୁଲ ଓ କଲେଜ ଗୁଡିକ ମଧ୍ୟ ୨୦ ଓ ୨୧ ତାରିଖରେ ବନ୍ଦ ରହିବ । ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## କମ୍ପିଲା ନୂଆପଡ଼ା: ଉପନିର୍ବାଚନ ପାଇଁ ମଇଦାନକୁ ଓହ୍ଲାଇଲେ ତିନି ଦଳର ଯୋଦ୍ଧା

### ଶକ୍ତି ପ୍ରଦର୍ଶନ କରି ନାମାଙ୍କନ ପତ୍ର ଦାଖଲ କଲେ ଜୟ ଓ ଘାସିରାମ, ୨୦ରେ କରିବେ ସ୍ନେହାଙ୍ଗିନୀ




ନୂଆପଡ଼ା, ୧୮/୧୦ (ନି.ପ୍ର):ଉପନିର୍ବାଚନ ପାଇଁ କମ୍ପୁଛି ନୂଆପଡ଼ା । ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଓ ବିଜେଡିର ପ୍ରଚାରରେ ଉଠୁଛି ପଡୁଛି ପୂରା ଅଂଚଳ । ଥାଟ ବାଟ ଧରି ବିଶାଳ ବିଶାଳ ଶୋଭାଯାତ୍ରା କରି ଶକ୍ତି ଦେଖାଉଛନ୍ତି ନେତା । ଆଜି ଅଭିନନ୍ଦନ ପଣ୍ଡାଙ୍କୁ ସାଂଗରେ ଧରି, ବିରାଟ ପଟୁଆରରେ ଯାଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ନାମାଙ୍କନ ଭରିଛନ୍ତି ଜୟ ଢ଼ୋଲକିଆ । ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତାଙ୍କ ସମେତ ବହୁ ସମର୍ଥକଙ୍କ ସହ ପଦଯାତ୍ରାରେ ଯାଇ ଶକ୍ତି ପ୍ରଦର୍ଶଦ କରିଛନ୍ତି ଘାସିରାମ ମାଝୀ । ତାପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବି ନୂଆପଡାରେ ଦମ୍ ଦେଖାଇଛନ୍ତି। ଦଳୀୟ ନେତା ଓ କର୍ମୀଙ୍କ ସହ ଗହଣରେ ଶୋଭଯାତ୍ରା କରି ପତିଆରା ଦେଖାଇଛନ୍ତି । ଏହି ଅବସରରେ ଦଳିତ, ଆଦିବାସୀ ଓ ମହିଳା ଗରିବ ପରିବାରଙ୍କ ସ୍ୱାର୍ଥ ପାଇଁ ଲଢ଼ିବି ବୋଲି କହିଛନ୍ତି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ । ନୂଆପଡା ଉପନିର୍ବାଚନ ଉପରେ ସାରା ରାଜ୍ୟର ନଜର ଥିବାବେଳେ ଡେରା ପକାଇଛନ୍ତି ନେତା । ମନ୍ତ୍ରୀ, ବିଧାୟକ ଓ ଛାମୁଆ ନେତା ନୂଆପଡାର ଗାଁ ଗାଁରେ ବୁଲିଲେଣି। ବିଜେପି ୧୫ମାସର ସଫଳତାକୁ ପ୍ରସଙ୍ଗ କରିଥିବାବେଳେ କଂଗ୍ରେସ ଆଇନଶୃଂଖଳାକୁ ପ୍ରସଙ୍ଗ କରିଛି । ବିଜେଡି ମଧ୍ୟ ନୂଆପଡା ପାଇଁ ରଣନୀତି କରୁଛି।

## ରାତି ୯ଟା ପରେ ବାଣ ଫୁଟାଇବା ମନା: ନିୟମ ନମାନି ଚ୍ଚୋ, ତ୍ଚା କଲେ ବାନ୍ଧିବ ପୁଲିସ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ବାଣ ଫୁଟାଇବା ନେଇ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ ପରେ ସତର୍କ ହୋଇଯାଇଛି କମିସନରେଟ୍ ପୁଲିସ । ଏଥର ରାତି ୯ଟା ପରେ ବାଣ ଫୁଟାଇଲେ ଆପଣଙ୍କୁ ବାନ୍ଧିବ ପୁଲିସ । ଦୀପାବଳି ନେଇ ରାଜଧାନୀବାସୀଙ୍କ ପାଇଁ କମିସନରେଟ ପୁଲିସ ନିର୍ଦ୍ଦେଶାବଳୀ ଜାରି କରିଛି । ଭୁବନେଶ୍ୱରରେ ଏଥର ରାତି ୧୦ଟା ନୁହେଁ ବରଂ ରାତି ୯ଟା ହେଉଛି ବାଣ ଫୁଟାଇବାର ସମୟ ସୀମା । ରାତି ୯ଟା ପରେ ବାଣ ଫୁଟାଇଲେ ପୁଲିସ ବାନ୍ଧିବାଟା ଥୟ । ବଡ଼କଥା ହେଲା ସବୁଜ ବାଣ ବ୍ୟତୀତ ଉଚ୍ଚ ଶବ୍ଦକାରୀ ବାଣ ଫୁଟାଇଲେ ବି ବନ୍ଧା ହେବେ । ଖାଲି ଏତିକି ନୁହେଁ ଦୀପାବଳି ବାହାନାରେ ମଦ୍ୟପାନ କରି ରାସ୍ତାରେ ବୁଲିଲେ ଗାଡ଼ି ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯିବ । ସମସ୍ତ ଥାନା ଅଞ୍ଚଳରେ ପାଟ୍ରୋଲିଂ ଟିମ୍ ପ୍ରସ୍ତୁତ ରହିବା ପାଇଁ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ନିର୍ଦ୍ଦେଶ ଦେଇଛନ୍ତି । ବଡ଼କଥା ହେଉଛି, ପ୍ରତିବର୍ଷ ସବୁଜ ବାଣ ଫୁଟାଇବା ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର ।

## ଚୀନ୍‌କୁ ପାନେ ଦେବାକୁ ଭାରତ-ରୁଷିଆ ପକ୍ଷରୁ ଯୋଜନା

ନୂଆଦିଲ୍ଲୀ,୧୮/୧୦ : କ୍ଷମତାକୁ ଆସିବା ପରଠାରୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅନେକ ନିଷ୍ପତ୍ତି ନେଇଛନ୍ତି ଯାହା ଟ୍ରମ୍ପ୍ ପ୍ରଶାସନ ଉପରେ ପ୍ରଭାବ ପକାଇଛି। ଏହି ସମୟରେ, ସେ ଭାରତକୁ ରୁଷିଆରୁ ତେଲ ନ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ଭାରତ ସରକାର ଅଣଦେଖା କରି କିଣିବା ଜାରି ରଖିଥିଲେ। ଭାରତ ଏବେ ଚୀନ୍ ଏବଂ ଆମେରିକା ଉଭୟଙ୍କ ସହିତ ମୁକାବିଲା କରିବାକୁ ଯୋଜନା କରୁଛି। ଚୀନ୍ ବିରଳ ଧାତୁ(କ୍ସବକ୍ସର ରବକ୍ସଷଷ) ସମସ୍ୟାର ସମାଧାନ ଖୋଜିବା ପାଇଁ ଭାରତ ଏବଂ ରୁଷିଆ ପରସ୍ପର ମଧ୍ୟରେ ଆଲୋଚନା କରୁଛନ୍ତି। ରୁଷିଆଠାରୁ ତେଲ କିଣିବା ସହିତ, ଭାରତ ଏବେ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ବିରଳ ଧାତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ହାସଲ କରିବାକୁ ଚାହୁଁଛି। ଚୀନ୍‌ର ସାମ୍ପ୍ରତିକ ରପ୍ତାନି କଟକଣା ପରେ ଏହି ପଦକ୍ଷେପ ନିଆଯାଇଛି। ଯାହା ପ୍ରମୁଖ ଶିଳ୍ପଗୁଡ଼ିକୁ ପ୍ରଭାବିତ କରୁଛି। ଭାରତୀୟ କମ୍ପାନି ଏବଂ ଗବେଷଣା ପ୍ରତିଷ୍ଠାନ ରୁଷିଆ ପ୍ରଯୁକ୍ତିବିଦ୍ୟାର ମୂଲ୍ୟାଙ୍କନ କରୁଛନ୍ତି। ନର୍ନିକେଲ୍ ଏବଂ ରୋଜାଟମ୍ ଭଳି ରୁଷିଆର ରାଷ୍ଟ୍ରାୟତ୍ତ ବଡ଼ କମ୍ପାନି ସହଯୋଗ ଅନୁସନ୍ଧାନ କରୁଛନ୍ତି। ସାମଗ୍ରିକ ଭାବରେ, ଭାରତ ଏବଂ ରୁଷିଆ ବିରଳ ଧାତୁ କ୍ଷେତ୍ରରେ ଚୀନ୍‌ର ଏକଚାଟିଆ ଅଧିକାରର ମୁକାବିଲା କରିବା ପାଇଁ ପରସ୍ପରକୁ ସାହାଯ୍ୟ କରିବା ଲାଗି କାର୍ଯ୍ୟ କରୁଛନ୍ତି। ରୁଷିଆ ବିରଳ ଧାତୁ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା ବିକଶିତ କରିଛି। ଯାହା ବର୍ତ୍ତମାନ ପାଇଲଟ୍ ପ୍ରକଳ୍ପରେ ପରୀକ୍ଷଣ କରାଯାଉଛି।

▶▶ପୃଷ୍ଠା ୭

## ଘନଉଛି ଆଫଗାନିସ୍ତାନ ଓ ପାକିସ୍ତାନ ଯୁଦ୍ଧ: ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ପାକ୍ ଏୟାର ଷ୍ଟ୍ରାଇକ୍‌ରେ ୧୪ ନାଗରିକ ନିହତ



ନୂଆଦିଲ୍ଲୀ,୧୮/୧୦ : ଘନଉଛି ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ । ପାକିସ୍ତାନର ଏୟାରଷ୍ଟ୍ରାଇକ୍‌ରେ ୧୪ ଆଫଗାନ୍ ନାଗରିକଙ୍କ ମୃତ୍ୟୁ ହୋଇଛି । ସବୁଠାରୁ ବଡ଼ କଥା ହେଉଛି ଆକ୍ରମଣରେ ଯାଇଛି ୩ ଯୁବ କ୍ରିକେଟରଙ୍କ ଜୀବନ, ପାକିସ୍ତାନର ଆକ୍ରମଣରେ ତାଲିବାନ୍ ଫାୟାର, ଘଟିପାରେ କିଛି ବଡ଼ ଅଘଟଣ । ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ୪୮ ଘଣ୍ଟାର ଅସ୍ତ୍ରବିରତି ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଛି । କିନ୍ତୁ ଏହାର କିଛି ଘଣ୍ଟା ପରେ ପାକିସ୍ତାନ ପାକ୍ତିକା ପ୍ରଦେଶରେ ଏୟାର ଷ୍ଟ୍ରାଇକ୍ କରିଛି । ଆଫଗାନ ଗଣମାଧ୍ୟମ ଅନୁଯାୟୀ, ଆକ୍ରମଣରେ ଉରଗୁନ୍ ଏବଂ ବର୍ମାଲ ଜିଲ୍ଲାର ଅନେକ ଘରକୁ ଟାର୍ଗେଟ୍ କରାଯାଇଥିଲା। ଏହି ଘଟଣାର ପ୍ରତିକ୍ରିୟା ସ୍ୱରୂପ, ନଭେମ୍ବରରେ ପାକିସ୍ତାନରେ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜରୁ ଆଫଗାନ୍ ଓହରି ଯିବାର ଘୋଷଣା କରିଛି ।ପ୍ରଥମ ଥର ପାଇଁ ଆଫଗାନିସ୍ତାନ ନିଜ ଘରୋଇ ମାଟିରେ ପାକିସ୍ତାନ ସହିତ ଖେଳିଥାନ୍ତା। ଏସିବି କହିଛି, ନିହତ କ୍ରିକେଟରଙ୍କ ପ୍ରତି ସମ୍ମାନାର୍ଥେ ଏହି ପଦକ୍ଷେପ ନିଆଯାଇଛି। ଏସିବି ଏକ୍ସରେ କହିଛି, ପାକ୍ତିକା ପ୍ରଦେଶରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳି ଫେରୁଥିବା ଖେଳାଳି ଆକ୍ରମଣର ଶିକାର ହୋଇଥିଲେ । ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି ଆଫଗାନ୍ କ୍ରିକେଟର, ରସିଦ ଖାଁ ଲେଖିଛନ୍ତି, ଆଫଗାନିସ୍ତାନରେ ସମ୍ପ୍ରତି ପାକିସ୍ତାନୀ ବିମାନ ଆକ୍ରମଣରେ ସାଧାରଣ ଲୋକଙ୍କ ଜୀବନହାନିରେ ମୁଁ ଦୁଃଖିତ।

# ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ପାଳିତ




ପାରାଦୀପ, ୧୮/୧୦ (ନି.ପ୍ର): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ପାଳିତ ହୋଇଯାଇଛି । ନବୀନ ପଟ୍ଟନାୟକଙ୍କ ଦୀର୍ଘ ଜୀବନ କାମନା କରିବା ସହିତ ପୌରାଧ୍ୟକ୍ଷ ତଥା ନଗର ସଭାପତି ବସନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପାରାଦୀପର ବିଭିନ୍ନ ଦେବାଳୟମାନଙ୍କରେ ପୂଜାପାଠ କରାଯାଇଥିଲା । ସଂନ୍ଧ୍ୟାରେ ମଧୁବନସ୍ଥିତ ଶ୍ରମିକ ଭବନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ଡା.କୂଳମଣି ସାମଲ, ନଗର ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର, ପାରିଷଦ କେ. ଜଗନ୍ନାଥ ରାଓ, ପାରିଷଦ ଅଜିତ କୁମାର ଷଡଙ୍ଗୀ,ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ସବିତା ମହାପାତ୍ର, ପୂର୍ବତନ ପାରିଷଦ ଚପଳା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଭାସ୍କର ଚନ୍ଦ୍ର ସାହୁ, ପୂର୍ବତନ ପାରିଷଦ ଅଜୟ କୁମାର ନାୟକ ପ୍ରମୁଖ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଓ ନୀରାମୟ ଜୀବନ କାମନା କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନଗର ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ । ପାରାଦୀପ ବିଜୁ ଜନତା ଦଳର ବହୁ କର୍ମୀ, ପାରିଷଦ, ମହିଳା, ଯୁବ, ଛାତ୍ର କର୍ମୀ ଓ ନେତାମାନେ ଯୋଗ ଦେଇଥିଲେ ।

# ସରକାରୀ ଅଧିକାରୀଙ୍କ ଯୋଜନା ସମ୍ବନ୍ଧୀୟ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ରପ୍ତାନୀ କ୍ଷେତ୍ରରେ ଆମ ପାଖରେ ବ୍ୟାପକ ସୁଯୋଗ ରହିଛି । ସୁଯୋଗ ସମ୍ପର୍କରେ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଅବଗତ ହେବା ଅତ୍ୟନ୍ତ ଜରୁରୀ । ଏହି ସୁଯୋଗର ସଦୁପଯୋଗ କରି ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ଉଦ୍ୟୋଗୀମାନେ ମଧ ଆଗେଇ ଆସିବା ଉଚିତ । ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ନୟାପଲ୍ଲୀସ୍ଥିତ ରପ୍ତାନି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ "ସରକାରୀ ଅଧିକାରୀଙ୍କ ନିମନ୍ତେ ଯୋଜନା ସମ୍ବନ୍ଧୀୟ ଦକ୍ଷତା ବିକାଶ କର୍ମଶାଳା"ରେ ଏହି ମତ ପ୍ରକାଶ ପାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ରଖିବା ସହ ଓଡ଼ିଶାରେ ଥିବା ରପ୍ତାନୀ ସମ୍ଭାବନା ଉପରେ ସାରଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ । ଅଲ୍ଟ୍ରା ଲଜିଷ୍ଟିକ୍ସର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ପ୍ରଧାନ, ସେଣ୍ଟର୍ ଫର୍ ଏନଭରମେଣ୍ଟ ଆଣ୍ଡ ଡେଭଲପମେଣ୍ଟର ବରିଷ୍ଠ ଉପଦେଷ୍ଟା ଡକ୍ଟର ମନୋଜ ଦାଶ, ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟର ସହାୟକ ନିର୍ଦ୍ଦେଶକ ଶିଶିର ରଞ୍ଜନ ମିଶ୍ର କର୍ମଶାଳାରେ ଅଂଶଗ୍ରହଣ କରି ଓଡ଼ିଶା ଲଜିଷ୍ଟିକ୍ସ ନୀତି, ଓଡ଼ିଶା ପ୍ରକ୍ୟୁରମେଣ୍ଟ ପ୍ରିଫରେନ୍ସପଲିସି, ଓଡ଼ିଶା ରପ୍ତାନିନୀତି ଉପରେ ବିଷଦ ଭାବେ ଆଲୋଚନା କରିଥିଲେ । କର୍ମଶାଳା ଶେଷରେ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶକ ପ୍ରଭାକର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଲୋକାର୍ପିତ ହେଲା ମାସିକ ଇ- ପତ୍ରିକା 'ସୂର୍ଯ୍ୟପ୍ରଭା'




ବାଲେଶ୍ୱର, ୧୮/୧୦ (ନି.ପ୍ର): ଲୋକାର୍ପିତ ହେଲା ମାସିକ ଇ- ପତ୍ରିକା 'ସୂର୍ଯ୍ୟପ୍ରଭା'ର ଏକାଦଶ ଅଙ୍କ । ଆସରର ଶୁଭାରମ୍ଭ ହୋଇଥିଲା ବାମନ ଚନ୍ଦ୍ର ଦୀକ୍ଷିତଙ୍କ ମଙ୍ଗଳାଚରଣ ପାଠରୁ । ନମସ୍କ୍ରିୟାତ୍ମକ , ଆଶୀର୍ବଚନାତ୍ମକ ଏବଂ ବସ୍ତୁ ନିର୍ଦ୍ଦେଶାତ୍ମକ ମଙ୍ଗଳାଚରଣ ପାଠ ଆସରକୁ ଏକ ପବିତ୍ର ଗୁଞ୍ଜରଣରେ ମନ୍ତ୍ର ମୁଗ୍ଧ କରିଥିଲା । ଶ୍ରୀ ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ସ୍ୱନାମଧନ୍ୟ କବି , କବୟିତ୍ରୀ ଏବଂ ସାହିତ୍ୟକାରଙ୍କ ଉପସ୍ଥିତି ସଭାକୁ ଶୋଭା ମଣ୍ଡିତ କରିଥିଲା । ଡା. ବାମନ ଚନ୍ଦ୍ର ଦୀକ୍ଷିତ ସୂର୍ଯ୍ୟପ୍ରଭାର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତଙ୍କୁ ସୁଚିନ୍ତିତ ଗଠନ ମୂଳକ ଉପଦେଶ ଦେବାପାଇଁ ଅନୁରୋଧ କରିଥିଲେ । ସୂର୍ଯ୍ୟପ୍ରଭାକୁ ପରିଭାଷିତ କରିବା ଛଳରେ ସମ୍ପାଦକଙ୍କର ଅତି ସୁନ୍ଦର କାବ୍ୟିକ ପରିପାଟିରେ ଅଳଙ୍କୃତ ଶବ୍ଦାବଳୀ ସଭିଙ୍କୁ ବିମୋହିତ କରିଥିଲା । ଉପସ୍ଥିତ ସମସ୍ତ କବି କବୟିତ୍ରୀ ମାନଙ୍କ ଉପସ୍ଥିତି କୁ ପ୍ରଣାମ ପୂର୍ବକ 'ସୂର୍ଯ୍ୟପ୍ରଭା'ର ଲୋକାର୍ପଣ ସମ୍ପନ୍ନ ହେଲା । ଚର୍ଚ୍ଚାରେ ପ୍ରଭାତ ଆଚାର୍ଯ୍ୟ, କଳ୍ପନା ମିଶ୍ର ଏବଂ ବରୁଣ କୁମାର ଦାସ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ତତ୍ ପଶ୍ଚାତ କଳ୍ପନା ମିଶ୍ରଙ୍କ ପରିଚାଳନାରେ କବିତା ଆସର ଆରମ୍ଭ ହୋଇଥିଲା । କବିତା ଆସରରେ ବିଶିଷ୍ଟ ସାହିତ୍ୟିକ ଇଂ ଅକ୍ଷୟ କୁମାର ସାହୁ , ଜୁମରନାଥ ପାତ୍ର , ପ୍ରଭାତ କୁମାର ଆଚାର୍ଯ୍ୟ, ଅଲେଖ ଦଣ୍ଡପାଟ, ନିରଞ୍ଜନ କରଣ, ଦେବେନ୍ଦ୍ର କୁମାର ନନ୍ଦ, ଅରୁଣ କୁମାର ମହାପାତ୍ର , ବରୁଣ କୁମାର ଦାସ , ସପନ କୁମାର ପାହାଡୀ, ଡ. ଶିଶିର କୁମାର କର, ଡ୍. ପ୍ରଦୀପ କୁମାର, ଡ୍.ଚିତ୍ତରଞ୍ଜନ କୁଣ୍ଡୁ , ନିତ୍ୟାନନ୍ଦ ମହାନ୍ତି , ଡ୍.ବାମନ ଚନ୍ଦ୍ର ଦୀକ୍ଷିତ ଏବଂ ବିଶିଷ୍ଟ କବୟିତ୍ରୀ କଳ୍ପନା ମିଶ୍ର, ମଧୁସ୍ମିତା ମହାପାତ୍ର, ସୁବାସିନୀ ଦାଶ, ଜୟନ୍ତୀ ଜେନା, ଜୟନ୍ତୀ ନାୟକ , ଅସୀମା ଖୁଣ୍ଟିଆ, ପୁଷ୍ପାଞ୍ଜଳି ପତ୍ରି , ରତ୍ନ ମଞ୍ଜରୀ ନାୟକ, ସ୍ନେହସ୍ମିତା ମଲ୍ଲିକ, କିରଣ ନାୟକ, ମଞ୍ଜୁଲତା ସିଂହ, ସ୍ୱପ୍ନାରାଣୀ ପାଣିଗ୍ରାହୀ, ଆରତୀ ଦାଶ , ଜୟଶ୍ରୀ ପଟ୍ଟନାୟକ , ପ୍ରିୟଦର୍ଶିନୀ ମିଶ୍ରଙ୍କ ସହ ଅନେକ ସ୍ରଷ୍ଟା ସ୍ୱରଚିତ କବିତା ପାଠ କରିଥିଲେ । ବରିଷ୍ଠ କବି ଜୁମରନାଥ ପାତ୍ରଙ୍କ ସମୀକ୍ଷା ସମସ୍ତଙ୍କୁ ବିମୋହିତ କରିଥିଲା । ଧନ୍ୟବାଦ ଅର୍ପଣ ଅବସରରେ ସୂର୍ଯ୍ୟପ୍ରଭାକୁ ଏବଂ ସାହିତ୍ୟକୁ ଭଲ ପାଉଥିବା ସମସ୍ତ କବି ସାହିତ୍ୟିକ ଏବଂ ପାଠକ ମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ ଉପରାନ୍ତେ ଶାନ୍ତି ପାଠ କରି ସଭା ସମାପ୍ତ କରାଯାଇଥିଲା ।

# କଳିଙ୍ଗ ବାଲିଯାତ୍ରା ପାଇଁ ଭୂମି ପୂଜନ



ପାରାଦ୍ୱୀପ, ୧୮/୧୦ (ନି.ପ୍ର): କଳିଙ୍ଗ ବାଲିଯାତ୍ରା ପାଇଁ ଆଜି ପାରାଦ୍ୱୀପ ବିଜୁ ମଇଦାନ ରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଭୂମି ପୂଜା ଉତ୍ସବରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା କର୍ତ୍ତା ଥିଲେ । ୮ ଦିନ ଧରି ପାଳନ ହେବାକୁ ଥିବା ଏହି ବାଲିଯାତ୍ରା ଉତ୍ସବରେ ରାଜ୍ୟ ସମେତ ରାଜ୍ୟ ବାହାରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଶାର ଲୋକକଳା ଓ ସ୍ଥାନୀୟ କଳାକାର ମାନଙ୍କ ପ୍ରଦର୍ଶନ ଦେଖିବାକୁ ମିଳିବ । ଅଧିକ ସରସ ସୁନ୍ଦର ପାଇଁ କମିଟି ପକ୍ଷରୁ ଅଧିକ ଷ୍ଟଲ ର ବ୍ୟବସ୍ଥା କରାଯାଇଛି । ଯେଉଁଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ବାହାର ଜିଲ୍ଲା ର ପାରମ୍ପରିକ ସାମଗ୍ରୀ ସହିତ ହସ୍ତତନ୍ତ ସାମଗ୍ରୀ ର ଷ୍ଟଲ ଖୋଲାଯିବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଆଜିଠାରୁ ବାଲିଯାତ୍ରା ପଡ଼ିଆ ରେ ଷ୍ଟଲ ତିଆରି ଆରମ୍ଭ ହୋଇଛି । ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଆଡ଼ିସିନାଲ ଏସ୍ପି ସ୍ମୃତି ରଞ୍ଜନ କର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସୁମନ୍ତ କୁମାର ବିଶ୍ୱାଳ, ମାୟାଧର ରାଉତ, ସବିତା ମହାପାତ୍ର, ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂ, କାଉନସିଲର ପ୍ରତାପ ଚନ୍ଦ୍ର ନାୟକ, ସୁବ୍ରତ ପ୍ରଧାନ, ସୁଶାନ୍ତ ଦାସ ଓ ଜଗନ୍ନାଥ ରାଓଙ୍କ ସମେତ ବାଲିଯାତ୍ରା କମିଟି ର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ ।

# ସେଲ ଆରଏସପିରେ ୧୫୦ ରୁ ଊର୍ଦ୍ଧ୍ୱ କାର୍ମିକ ଅନୁକରଣୀୟ ଅବଦାନ ପାଇଁ ସେଲ୍ ଶାବାସ ଯୋଜନା ଅଧୀନରେ ପୁରସ୍କୃତ



ରାଉରକେଲା, ୧୮/୧୦ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ୍-୨ (ଏସଏମଏସ-୨ ) ବିଭାଗର ସମ୍ମିଳନୀ କକ୍ଷରେ ଅକ୍ଟୋବର ୧୩,୧୪,୧୫, ଓ ୧୬ ତାରିଖ ରେ ଆୟୋଜିତ ଭିନ୍ନ ଭିନ୍ନ ସ୍ୱତନ୍ତ୍ର ପୁରସ୍କାର ସମାରୋହରେ, ଉତ୍ପାଦନ, ଗୁଣବତ୍ତା ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସଏମଏସ-୨ ବିଭାଗର ଅଧିକାରୀଙ୍କ ସମେତ ୧୫୨ ଜଣ କର୍ମଚାରୀଙ୍କୁ ସେଲ୍ ଶାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା । ଏ ହ ି କାର୍ଯ୍ୟକ୍ରମରେ ଏସ ଏମ ଏସ ୨ ବିଭାଗର ସିଜିଏମ ଶ୍ରୀ ଏମ. ଜି. ଶ୍ରୀକାନ୍ତ, ଅଧକ୍ଷତା କରି ସେଲ୍ ଶାବାସ ଯୋଜନାର ବର୍ଗ-୧ ଅଧୀନରେ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ସେ ଏସଏମଏସ-୨ ଇଲେକଟ୍ରିକାଲ ବିଭାଗର ଇଞ୍ଜିନିୟରିଂ ଆସିଷ୍ଟାଣ୍ଟ ଶ୍ରୀ ଗୌତମ ସେନଙ୍କୁ ତାଙ୍କର ଅନୁକରଣୀୟ ପ୍ରୟାସ ପାଇଁ କର୍ମବୀର ପୁରସ୍କାର ମଧ ପ୍ରଦାନ କରିଥିଲେ । ଏହି ଅବସରରେ ଏସ ଏମ ଏସ ୨ ଅପରେସନ ବିଭାଗ ର ଜିଏମ ଇନ ଚାର୍ଜ ଶ୍ରୀ ଅଜିତ କୁମାର ଦାସ, ଏସ ଏମ ଏସ ୨ ମେକନିକାଲ ବିଭାଗ ର ଜି ଏମ ଇନ ଚାର୍ଜ ଶ୍ରୀ ସତ୍ୟବାଦୀ ମହାପାତ୍ର, ଏସଏମଏସ-୨ ଇଲେକ୍ଟ୍ରିକାଲ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ପ୍ରେମେନ୍ଦ୍ର ପ୍ରଣୟଙ୍କ ସମେତ ଉକ୍ତ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଶ୍ରୀକାନ୍ତ ପୁରସ୍କାରବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଭାଗର ଲକ୍ଷ୍ୟ ହାସଲ କରିବା ସହ କାର୍ଯ୍ୟର ସମସ୍ତ କ୍ଷେତ୍ରରେ ନିରନ୍ତର ଉନ୍ନତି ଆଣିବାରେ ପ୍ରତ୍ୟେକ କର୍ମଚାରୀଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏସଏମଏସ୍-୨ ବିଭାଗର ବରିଷ୍ଠ ପରିଚାଳକ ଶ୍ରୀ ପ୍ରଶାନ୍ତ କୁମାର ନାୟକ ପରିଚାଳନା କରିଥିଲେ ।

# ରାଜଧାନୀରେ ମହିଳା ସୁରକ୍ଷିତ ନାହାନ୍ତି: ମହିଳା କଂଗ୍ରେସ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନିପତୀଙ୍କ ନିର୍ଦ୍ଦେଶକ୍ରମେ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଶନିବାର ଅପରାହ୍ନରେ କ୍ୟାପିଟାଲ ହସପିଟାଲ ଗସ୍ତ କରି ଗଣବଳାତ୍କାରର ଶିକାର ପୀଡ଼ିତାଙ୍କୁ ସାକ୍ଷାତ କରିବାପାଇଁ ହସିପିଟାଲ କର୍ତୃପକ୍ଷଙ୍କୁ କହିଥିଲେ । ମାତ୍ର ହସପିଟାଲ କର୍ତୃପକ୍ଷ ଏଠାରେ ସେଭଳି କେହି ମହିଳା ନାହାନ୍ତି ବୋଲି କହି ଫାଙ୍କି ଦେଇଥିଲେ । ସେହି ପୀଡ଼ିତାଙ୍କୁ ଭେଟିବାପାଇଁ ଦେଇନଥିଲେ । ମହିଳା କଂଗ୍ରେସ ପକ୍ଷରୁ ଏ ଘଟଣାକୁ ନେଇ କ୍ୟାପିଟାଲ ଥାନାକୁ ଯୋଗଯୋଗ କରାଯାଇଥିଲା । ମାତ୍ର କ୍ୟାପିଟାଲ ଥାନା ଅଧିକାରୀ କହିଥିଲେ ଯେ ପୀଡ଼ିତା କ୍ୟାପିଟାଲ ଥାନାରେ ଅଛି । କ'ଣ ପାଇଁ ଘଟଣାକୁ ଲୁଚାଯାଉଛି ବୋଲି ମହିଳା କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ଜଣେ ୧୭ ବର୍ଷର ନାବାଳିକା ଅଶୋକ ନଗର ଅଞ୍ଚଳରେ ଦରମରା ଅବସ୍ଥାରେ ପଡ଼ିଥିଲା ସେହି ମହିଳାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଥିଲା ।

# ବାଲେଶ୍ୱର ବିଧାନସଭା ମଣ୍ଡଳ ପାଇଁ ୨୦୨୫ର ପ୍ରଥମ ବିଧାନସଭାସ୍ତରୀୟ ବିକାଶ ସଭା ଆୟୋଜିତ

ବାଲେଶ୍ୱର, ୧୮/୧୦ (ନି.ପ୍ର): ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିଅମରେ ବାଲେଶ୍ୱର ବିଧାନସଭା ମଣ୍ଡଳ ପାଇଁ ୨୦୨୫ ର ପ୍ରଥମ ବିଧାନସଭା ସ୍ତରୀୟ ବିକାଶ ସଭା ଆୟୋଜିତ ହୋଇଥିଲା । ସଭାଟି ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେଲା । ଜିଲ୍ଲା ବିକାଶ ଅଧିକାରୀ ଶ୍ରୀ ପ୍ରିୟଦର୍ଶୀ ରାଜେଶ ସଭାର ପରିଚୟ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ପରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସଞ୍ଜୟ ରାଉତ ପ୍ରାରମ୍ଭିକ ମନ୍ତବ୍ୟ ପ୍ରଦାନ କରିଥିଲେ ।ସଭାରେ ଆବାହକ ଉପଜିଲ୍ଲାପାଳ ବାଲେଶ୍ୱର ଶ୍ରୀ ଶିବ ମାଲବ୍ୟ ସଭାର ଗୁରୁତ୍ୱ ଓ ବିକାଶ ପରିକଳ୍ପନାରେ ସମନ୍ୱୟର ଆବଶ୍ୟକତା ବିଷୟରେ ଉଦ୍ ?ବୋଧନ ରଖିଥିଲେ । ସଭାର ଅଧକ୍ଷତା କରିଥିଲେ ମାନ୍ୟବର ବାଲେଶ୍ୱର ବିଧାୟକ ଶ୍ରୀ ମନସ କୁମାର ଦତ୍ତ, ଯିଏ ପୂର୍ବତନ ଇଉଉଉ ସଭାର ଆକ୍ସନ ଟକେନ୍ ରିପୋର୍ଟ (ଇଞ୍ଜଜ) ଉପରେ ସମୀକ୍ଷା କରିଥିଲେ । ପୂର୍ବ ସଭାରେ ଉଲ୍ଲେଖ ହୋଇଥିବା ତମୁଳିଆ ଗେଟ, ଲୁଣିଆଯୋଡି ବ୍ରିଜ୍, ଶାନ୍ତିକାନନ ଲାଇବ୍ରେରୀ, ରିଙ୍ଗ ରୋଡ ପ୍ରୋଜେକ୍ଟ, ଅଙ୍ଗରଗଡିଆ ବ୍ରିଜ୍ ଓ ହାଳଦିପାଡ଼ା ଛକ ଠାରୁ ସୋଲପଟା ଛକ ପର୍ଯ୍ୟନ୍ତ ରାସ୍ତା ସଂଯୋଗ ସମ୍ପର୍କୀୟ ବିଷୟଗୁଡ଼ିକ ଉପରେ ଗଭୀର ଆଲୋଚନା ହୋଇଥିଲା । ସଭାରେ ସମସ୍ତ ବିଭାଗକୁ ତାଙ୍କ ଚାଲୁଥିବା ଓ ଆଗାମୀ ପ୍ରକଳ୍ପ, ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବିଡିଓ ସଦର ଶ୍ରୀ ଉତ୍ତମ ଜେନା ଏଜେଣ୍ଡା ଅନୁସାରେ ଆଲୋଚନା ଆରମ୍ଭ କଲେ ଏବଂ ବିଧାୟକ ଓ ଉପଜିଲ୍ଲାପାଳ ବିଷୟରେ ବିସ୍ତୃତ ସମୀକ୍ଷା କଲେ । ଜି ଏମ ଡି ଆଇ ସି ପିଏମ ବିଶ୍ୱକର୍ମା ଯୋଜନା, ଋଣ ବିତରଣ ଓ ଲକ୍ଷ୍ୟପୂରଣ ବିଷୟରେ ତଥ୍ୟ ଦେଲେ । ଜଳ ଯୋଗାଣ ବିଭାଗ ପକ୍ଷରୁ ଓଭରହେଡ୍ ଟାଙ୍କ ଓ ପାଇପଲାଇନ୍ ସମେତ ଅନ୍ୟ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ଉପରେ ସମୀକ୍ଷା ହେଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସହକାରୀ ଯନ୍ତ୍ରୀ , ଏନ୍ ଏଚ ଏମ ଜିଲ୍ଲାର ସ୍ୱାସ୍ଥ୍ୟ କେନ୍ଦ୍ର, ସବ୍ ?ସେଣ୍ଟର ର ନିର୍ମାଣ ସ୍ଥିତି ଓ ଡାକ୍ତରୀ ସେବା ସମ୍ପର୍କରେ ତଥ୍ୟ ଦେଲେ । ଞଚଘଙଉଖ ଅଧିକାରୀ ମାନେ ବିଦ୍ୟୁତ୍ ସିଷ୍ଟମ୍ ଅପ୍ ଗ୍ରେଡେସନ ଓ ଟ୍ରାନ୍ସଫର୍ମର ସର୍ଭେ ବିଷୟରେ ଅବଗତ କରିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍କୁଲ ଗୃହ, ଶିକ୍ଷା ମାନ ଓ ବିଭିନ୍ନ ସରକାରୀ ଯୋଜନା ଉପରେ ତଥ୍ୟ ଦେଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଆଶ୍ରମ ବିଦ୍ୟାଳୟ, ହଷ୍ଟେଲ ଓ ଅନ୍ୟାନ୍ୟ କଲ୍ୟାଣ ଯୋଜନା ବିଷୟରେ ସୂଚନା ଦେଲେ । ସଭାପତି ଯେ ସମସ୍ତ ବିଷୟର ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କଲେ । ବିଡିଓ ସଦର ପିଏମଏୱାୟ, ଏମ ଜି ଏନ୍ ଅର୍ ଇ ଜି ଏସ , ଜି ପି ଏଲ ଏଫ୍ ଓ ଅନ୍ୟାନ୍ୟ ଗ୍ରାମିଣ ବିକାଶ କାର୍ଯ୍ୟର ସ୍ଥିତି ଉପରେ ତଥ୍ୟ ଦେଲେ । ସରକାରୀ ପଲିଟେକ୍ନିକ, ଆଇଟିଆଇ ଓ ଡିପ୍ଲୋମା କଲେଜ୍ ପକ୍ଷରୁ ଦକ୍ଷତା ଉନ୍ନୟନ ଓ ଆୟ ସୃଷ୍ଟି ଉଦ୍ୟମ ବିଷୟରେ ଆଲୋଚନା ହୋଇଥିଲା ।

# ପବିତ୍ର ଧନତେରସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ପବିତ୍ର ଧନତେରସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଧନତେରସ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

# ରାସ୍ତାରେ ଛିନ୍‌ତାଇ କରୁଥିବା ୩ଜଣ ଯୁବକକୁ ଗିରଫ କରିଛି ବସ୍ତା ପୁଲିସ



ବସ୍ତା:୧୭/୧୦(ନିପ୍ର): ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ନାଇକୁଡି ଛକ ନିକଟରୁ ଛୀନତାଇ କରୁଥିବା ତିନି ଜଣ ଯୁବକ କୁ ଗିରଫ କଲା ବସ୍ତା ପୋଲିସ ସୂଚନା ଅନୁସା ରେ ଗତ କାଲି ରାତି ୯.୩୦ ମିନିଟ ସମୟରେ ନାଇକୁଡି ସଦାନ ନ୍ଦପୁର ଗ୍ରାମର ତାପସ କୁମାର ପରିଡା ଘରକୁ ଯାଉଥିବା ସମୟ ରେ ରାଜପଥ ର କୁଣ୍ଡପୁର ସ୍ଥିତ ଜଟିଆ ଢ଼ାବା ନିକଟରେ ତିନି ଜଣ ଯୁବକ ଜଳେଶ୍ୱର କୁ ଯିବାକୁ ରାସ୍ତା ପଚାରି ଥିଲେ । ପରେ ସେମାନେ ଏକ ପଲସର ବାଇକରେ ଦ୍ରୁତ ଗତିରେ ଆସି ସଦା ନନ୍ଦପୁର ଛକ ନିକଟରେ ଅଟକିଥିଲେ । ତେବେ ତାପସ ନିଜ ଘର କୁ ଯିବାକୁ ଉକ୍ତ ଛକ ରେ ପହଂଚିବା ପରେ ଯୁବକ ମାନେ ତାଙ୍କୁ ଅଟକାଇ, ପ୍ରବଳ ମାଡ଼ ସହ ମୋବାଇଲ ଫୋନ, ଇଅର କର୍ଡ ନେବାକୁ ଚେଷ୍ଟା କରିବା ସମୟରେ, ତାପସ ରାସ୍ତା ରେ ଯାଉଥିବା ଗ୍ରାମ ଲୋକଙ୍କୁ ଙ୍କୁ ଡାକିଥିଲେ ।ତେବେ ଗ୍ରାମବାସୀ ଙ୍କ ସହଯୋଗ କ୍ରମେ ତିନିଜଣ ଯୁବକକୁ ଅଟକ କରି ଥାନାକୁ ହସ୍ତାନ୍ତର କରାଯା ଇଛି । ଯୁବକ ମାନେ ହେଲେ ହଳଦୀପଦା ଫାଣ୍ଡି ଅଧୀନ ଓଡ଼ଙ୍ଗୀ ଗ୍ରାମ ର ଉତ୍ତମ ପାତ୍ର (୨୦),ଦୀପକ ଦାସ (୨୪)ଏବଂ ଭଣ୍ଡେଶ୍ୱର ଗ୍ରାମ ର ହିମାଂଶୁ ମୁଦଲି (୨୦) ବୋଲି ଜଣାପଡିଛି । ପୋଲିସ ସେମାନଙ୍କ ଠାରୁ ଏକ ଧଳା ରଙ୍ଗ ର ପଲସର ବାଇକ, ମୋବାଇ ଲ ଫୋନ ଜବତ କରିବା ସହିତ ୩୯୯/୨୫ ମୂଳେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ପଠାଇବା ସହ ସାଇଣ୍ଟିଫିକ ଟିମ ର ସହାୟତା ନେଇ ତଦନ୍ତ ଜାରି ରଖିଛି ।

# ସେଲ, ରାଉରକେଲା ଇସ୍ପାତ କାରଖାନାରେ ରାଷ୍ଟ୍ରୀୟ କର୍ମଯୋଗୀର ବୃହତ୍ ଜନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ



ରାଉରକେଲା, ୧୮/୧୦ (ନି.ପ୍ର): ଦକ୍ଷତା ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପୂର୍ବକ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀମାନଙ୍କ ପାଇଁ ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନ ସେବା କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରୁଛି । ଏହି ବିଶାଳ ପ୍ରୟାସର ଅଂଶ ଭାବରେ ମାଷ୍ଟର ଟ୍ରେନରମାନେ ଶେଷ ଅଂଶଗ୍ରହଣକାରୀଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ଜ୍ଞାନାର୍ଜନ ଏବଂ ବିକାଶ କେନ୍ଦ୍ରରେ ଏପରି ତାଲିମ କାର୍ଯ୍ୟକ୍ରମର ଚାରୋଟି ପର୍ଯ୍ୟାୟ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ସମସ୍ତ ଉଦଘାଟନୀ ଅଧିବେଶନରେ ଏଲ ଆଣ୍ଡ ଡ଼ି ବିଭାଗର ସିଜିଏମ ଶ୍ରୀ ପି କେ ସାହୁ ଉପସ୍ଥିତ ଥିଲେ ।

ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ ଜନ ସେବା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କାରଖାନାର ବିଭିନ୍ନ ବିଭାଗର ୨୬ ଜଣ କର୍ମଚାରୀ ଯୋଗ ଦେଇଥିଲେ । ମାନବ ସମ୍ବଳ ଏଲ ଆଣ୍ଡ ଡ଼ି ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଏବଂ ଏସପିପି ବିଭାଗର ମ୍ୟାନେଜର ଶ୍ରୀ ଶାମସ୍ ଗଜାଲି ଅଧିବେଶନ ସମ୍ପନ୍ନ କରିଥିଲେ । ସେହିପରି, ଅକ୍ଟୋବର ୧୪ ତାରିଖରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ୨୨ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ସିପି-୨ ବିଭାଗର ଏଜିଏମ ଶ୍ରୀ ବାବୁଲା ନାହାକ ଏବଂ ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ବିନୟ ମହାଜନ ଏହି ଅଧିବେଶନ ସମ୍ପନ୍ନ କରିଥିଲେ । ତୃତୀୟ ଏବଂ ଚତୁର୍ଥ ଅଧିବେଶନ ଯଥାକ୍ରମେ ଅକ୍ଟୋବର ୧୫ ଏବଂ ୧୬ ତାରିଖରେ ଅନୁଷ୍ଠିତ ହୋଇଥିଲା । ମାଷ୍ଟର ଟ୍ରେନର ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଏବଂ ଆରସିଏଲ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ରାଜଲକ୍ଷ୍ମୀ ଆଚାର୍ଯ୍ୟ ତୃତୀୟ ଅଧିବେଶନ ପରିଚାଳନା କରିଥିଲେ ଯେଉଁଥିରେ ୬୨ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ଏଲ ଆଣ୍ଡ ଡ଼ି ବିଭାଗର ଡ଼ିଜିଏମ ଶ୍ରୀ କେ କେ ଜୟଶ୍ୱାଲ ଏବଂ ସି ଆଣ୍ଡ ଆଇଟି ବିଭାଗର ଡ଼ିଜିଏମ ଶ୍ରୀ ଭି ପି ଆର୍ଯ୍ୟ ଚତୁର୍ଥ ଅଧିବେଶନରେ ମାଷ୍ଟର ଟ୍ରେନର ଥିଲେ ଯେଉଁଥିରେ ୫୮ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ ପେଡଗଗ୍ ଆପ୍ ବ୍ୟବହାର କରି ଇଣ୍ଟରାକ୍ଟିଭ୍ ଶିକ୍ଷଣ ପଦ୍ଧତି ଗ୍ରହଣ କରାଯାଇଥିଲା ଯାହା କର୍ମଚାରୀଙ୍କ କାର୍ଯ୍ୟ ସହିତ ଓତପ୍ରୋତ ଭାବେ ସମନ୍ୱିତ ଅଟେ । ଆୟୋଜିତ ଅଧିବେଶନ ଗୁଡ଼ିକରେ ସ୍ଥିତିଗତ ଅଭ୍ୟାସ ଅନ୍ତର୍ଭୁକ୍ତ ଥିଲା ଯେଉଁଥିରେ ଅଂଶଗ୍ରହଣକାରୀମାନେ ସାମୂହିକ ଭାବରେ ସେମାନଙ୍କର କାର୍ଯ୍ୟ ପଦ୍ଧତିକୁ ଉନ୍ନତ କରିବା ସହିତ କର୍ମଯୋଗୀ କାର୍ଯ୍ୟଶୈଳୀ ଗ୍ରହଣ କରିବା ପାଇଁ ଉପାୟଗୁଡ଼ିକ ଉପରେ ଅନୁଧ୍ୟାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ ଟିମ ଡିଜାଇନ୍ ଅଭ୍ୟାସ ମଧ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କର ବର୍ତ୍ତମାନର ଭୂମିକା ତଥା ନିଜନିଜ ବିଭାଗରେ ସେମାନଙ୍କର ଅବଦାନର ମୂଲ୍ୟାଙ୍କନ ବୁଝିବାରେ ସାହାଯ୍ୟ କରିଥିଲା । ଏହା ସହିତ ସେମାନଙ୍କର ପ୍ରୟାସ କିପରି ସଂଗଠନାତ୍ମକ ଉଦ୍ଦେଶ୍ୟ ସହିତ ଜାତୀୟ ବିକାଶର ବ୍ୟାପକ ଲକ୍ଷ୍ୟ ସହିତ ସମନ୍ୱିତ ତାହା ଦର୍ଶାଯାଇଥିଲା ।

# ରେମୁଣା ଏନ୍ .ଏଚ୍.-୫ ଠାରୁ ବାଲଗୋପାଳପୁର ଶିଳ୍ପାଞ୍ଚଳ ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ଶୁଭ ଶିଳାନ୍ୟାସ

ବାଲେଶ୍ୱର, ୧୮/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଦତ୍ତ ୩୮୧.୩୭ ଲକ୍ଷ ଟଙ୍କାର ଏନ୍ .ଏଚ୍.-୫ ଠାରୁ ବାଲଗୋପାଳପୁର ଶିଳ୍ପାଞ୍ଚଳ ରାସ୍ତାର ଉନ୍ନତିକରଣ ପ୍ରକଳ୍ପ ଶୁଭ ଶିଳାନ୍ୟାସ କରାଯାଇଥିଲା । ଏହି ଅବସରରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଞ୍ଚଳ ବାସୀ ବିଶେଷ ଭାବରେ ଉପକୃତ ହେବା ସହ ଜନସାଧାରଣଙ୍କ ଗମନାଗମନ ସୁରକ୍ଷିତ ହେବ । ଅନ୍ୟ ମାନଙ୍କ ମଧ୍ୟରେ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଗିରିଧାରୀ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁଶାନ୍ତ ପଟ୍ଟନାୟକ, କାଉନସିଲର ଶିବଶଙ୍କର ରାୟ, ହେମବତୀ ବେହେରା, ମିନାକ୍ଷୀ ବେହେରା , ମଣ୍ଡଳ ସଭାପତି ମାୟାଧର ପ୍ରଧାନ, କନକଲତା ଦାସ, ଜୟନ୍ତୀ ପାତ୍ର, ହେମଲତା ସେଠୀ, ଇତିଶ୍ରୀ ଦାସ, ଅନନ୍ତ ସାହୁ, ହିମାଂଶୁ ଶେଖର ରାୟ, ଟୁନା ଭାଇ ଇତ୍ୟାଦି ଉପସ୍ଥିତ ଥିଲେ ।

## ଧାରାବାହିକ ଉପନ୍ୟାସ

# ବୈଦେହୀ



### ଡ.ଭାଗବତ ବେହେରା

ଭାଗ-୧୧୭

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

କିଏ ଦେଲା ଏମାନଙ୍କୁ ଏ ଦାରୁଣ ଦୁଃସମ୍ବାଦ ? କେମିତି ଏମାନେ ଜାଣିଲେ ତାଙ୍କର ଅତି ଆଦରର ମାତା ଆଜି ଆଶ୍ରମ ତ୍ୟାଗକରି ଚାଲି ଯାଉଛନ୍ତି ବୋଲି । ବୃକ୍ଷଲତାରେ ଫୁଟିଥିବା ଫୁଲ ସବୁ ତଳେ ଝଡ଼ି ପଡ଼ିଛନ୍ତି । ବିନା ପବନରେ ସେମାନେ ବୃନ୍ତରୁ ଝରିଲେ କିପରି ? ପବନ ଦେବତା ନିଶ୍ଚଳ । ଯେଉଁଦିନ ସୀତାଦେବୀ ଏ ଆଶ୍ରମରେ ପ୍ରଥମ ପାଦ ଦେଇଥିଲେ ସେହିଦିନ ଆଶ୍ରମରେ ଯେମିତି ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା, ଆଜି ମଧ ସେମିତି ହୋଇଛି । ସୀତାକୁ ଧରି କୁଟୀର ବାହାରକୁ ବାହାରିଲେ ତପସ୍ୱିନୀ ଅନୁକମ୍ପା । ସୀତାଙ୍କୁ ଦେଖି ତାଙ୍କୁ ଚାରିପାରୁଶରୁ ବେଢ଼ି ଯାଇଥିଲେ ମୁନିକୁମାରୀମାନେ । ସୁଧାମୟୀ, ପ୍ରୀତିଦା, କମଳା, ଶ୍ୟାମଳୀ, ଐଶ୍ୱର୍ଯ୍ୟା ଆଦି ସୀତାଙ୍କର ଅନ୍ତରଂଗା ମୁନିକନ୍ୟାମାନେ ଅଶ୍ରୁପ୍ଲାବିତ ନେତ୍ରରେ ତାଙ୍କ ପ୍ରିୟ ତପସ୍ୱିନୀଙ୍କୁ ଅନାଇ ମୂକ ହୋଇ ରହିଯାଇଥିଲେ । ଯେଉଁମାନେ ସବୁଦିନ ସୀତାଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ କରୁଥିଲେ, ତାଙ୍କ ସହିତ ସ୍ନାନ, ପାନ, ଭୋଜନ କରୁଥିଲେ, ବଉଳବେଦୀ ମୂଳରେ ବସି ତାଙ୍କଠାରୁ ଜୀବନ କାହାଣୀ ଶୁଣୁଥିଲେ, ସେମାନେ ଆଜି ନିରବ । ଭରସି କେହି କିଛି କହିପାରୁ ନାହାନ୍ତି । ତାଙ୍କୁ ନିରବ ରହିବା ଦେଖି ସୀତାଦେବୀ କହିଥିଲେ ପ୍ରୀତିଦା, ସୁଧାମୟୀ ତୁମେମାନେ ମୋ ପାଇଁ ଯାହା କରିଛ, ତାହା ମୁଁ ଏ ଜୀବନରେ ଭୁଲିପାରିବି ନାହିଁ । ମୃତ୍ୟୁପର୍ଯ୍ୟନ୍ତ ତୁମେମାନେ ମୋ ମନ ଭିତରେ ରହିଥିବ ।

ସୀତାଙ୍କ ଆଶ୍ରମ ଛାଡ଼ିଯିବାଟା ନିଶ୍ଚିତ ଜାଣି ମଧ ସୁଧାମୟୀ କହିଥିଲେ, ସତରେ କ'ଣ ଆପଣ ଏ ଆଶ୍ରମ ଛାଡ଼ି ଚାଲିଯିବେ ଦେବୀ । ଆପଣ ଗଲାପରେ ଆମେ କାହା ସହିତ କଥା ହେବୁ ? କାହା ସହିତ ସ୍ନାନକରିବାକୁ ଯିବୁ ? କିଏ ଆମକୁ ଶୁଣାଇବ ରାମ ସୀତାଙ୍କ ପ୍ରୀତିଭରା ଜୀବନ କାହାଣୀ ? ଆପଣଙ୍କ ବିହୁନେ ଆମେ ଦେହଧର ରହିବୁ କେମିତି ? ଏ ଆଶ୍ରମର ବୃକ୍ଷଲତା, ପଶୁପକ୍ଷୀ ସବୁ ଆପଣଙ୍କ ବିହୁନେ....।

ଦୁଃଖ ପାଇବେ, ତୁମେମାନେ ଏହିକଥା କହିବାକୁ ଚାହୁଁଛ ତ ମୁନିକନ୍ୟାମାନେ ।

ମହର୍ଷି ବାଲ୍ମିକୀଙ୍କ କଥା ଶୁଣି ସମସ୍ତ ନିରବ ହୋଇ ଯାଇଥିଲେ ।

ସେମାନଙ୍କୁ ବୁଝାଇ ମହର୍ଷି କହିଥିଲେ, ଯାହା ବିଧିର ବିଧାନ ତାହା ନିଶ୍ଚୟ ଫଳିବ । ସୀତାଙ୍କର ଯେତେଦିନ ଏ ଆଶ୍ରମରେ ରହିବାର ଥିଲା ସେ ରହିଥିଲେ । ତୁମେମାନେ ତାଙ୍କ ସହିତ ମିଶି ହସଖୁସିରେ ସମୟ ବିତାଇଦେଲ । ଏବେ ସମୟ ଆସିଛି ସେ ତାଙ୍କ ନିଜଗୃହକୁ ଫେରିଯିବେ। ଅଯୋଧ୍ୟାର ରାଜରାଣୀ ସେ । କେତେଦିନ ତୁମ ସହିତ ସେ ତପସ୍ୱିନୀ ହୋଇ ରହିଥାନ୍ତେ ? ଆଜି ସେ ତୁମ ଆଶ୍ରମରୁ ବିଦାୟ ନେବେ । ପ୍ରଥମେ ଯେଉଁଦିନ ସେ ଆଶ୍ରମକୁ ଆସିଥିଲେ, ମୋ ଆଦେଶରେ ତୁମେମାନେ ତାଙ୍କୁ ତପସ୍ୱିନୀ ବେଶରେ ସଜାଇ ଦେଇଥିଲ । ଆସନ୍ତାକାଲିକୁ ସେ ରାଜରାଣୀ ଭାବରେ ଶୋଭା ପାଇବେ । ୟା' ଭିତରେ ଦଶବର୍ଷ ବିତିଗଲାଣି। ତମସାରେ କେତେ ପାଣି ବହିଗଲାଣି । ବର୍ଷା, ବସନ୍ତ, ବୈଶାଖ ଦଶଦଶ ଥର ଆସି ତୁମ ପ୍ରିୟ ତପସ୍ୱିନୀକୁ ଦେଖିଗଲେଣି । ଆଜି ଯେତେବେଳେ ସେ ଆଶ୍ରମ ଛାଡ଼ିବେ ତୁମେମାନେ ମନଭରି ତାଙ୍କୁ ସେହି ତପସ୍ୱିନୀ ବେଶରେ ସଜାଇଦିଅ । ସେହି ବେଶରେ ମୁଁ ନେଇ ତାଙ୍କୁ ତାଙ୍କ ସ୍ୱାମୀଙ୍କ ହସ୍ତରେ ଅର୍ପଣ କରିଦେବି । ମହର୍ଷିଙ୍କ କଥା ମାନି ସୁଧାମୟୀ, ପ୍ରୀତିଦା, କମଳା ଏମାନେ ବେଢ଼ିଯାଇ ତାଙ୍କ ପ୍ରିୟ ଦେବୀଙ୍କୁ ଫୁଲରେ ଫୁଲରେ ସଜାଇ ଦେଇଥିଲେ । ପୁଷ୍ପାଳଙ୍କାରରେ ମଣ୍ଡିତ କରିଦେଲେ ତାଙ୍କ ସର୍ବାଙ୍ଗକୁ । ଶେଷରେ ସମସ୍ତେ ତାଙ୍କୁ ପ୍ରଣାମ କରି କହିଥିଲେ, ଦୀର୍ଘ ଦଶବର୍ଷ ଆପଣ ଆମ ସହିତ ବିତାଇଛନ୍ତି ଦେବୀ । ସେହି ସମୟ ଭିତରେ ଆମେ ଯଦି ଆପଣଙ୍କ ନିକଟରେ କିଛି ଅପରାଧ କରିଥିବୁ ଆପଣ ଆମକୁ କ୍ଷମା କରିଦେବେ ।

ସେମାନଙ୍କୁ ନିଜ ପାଖକୁ ଟାଣି ନେଇ ଅତ୍ୟନ୍ତ ଶ୍ରଦ୍ଧାର ସହିତ ସମସ୍ତଙ୍କ ଶିରଚୁମ୍ବନ କରି ସୀତାଦେବୀ କହିଥିଲେ, ତୁମେମାନେ ମୋ ନିକଟରେ କୌଣସି ଦୋଷ କିମ୍ବା ଅପରାଧ କରିନାହଁ । ତୁମରିମାନଙ୍କ ପାଇଁ ମୁଁ ଏ ଆଶ୍ରମରେ ଦଶବର୍ଷ ବଞ୍ଚି ରହିଛି । ମୋ କୁଶ ଲବ ମଧ ତୁମରି ସେବା, ଲାଳନପାଳନ ଯୋଗୁଁ ବଢ଼ିଛନ୍ତି। ତୁମଠୁଁ ସ୍ନେହ ଶ୍ରଦ୍ଧା ପାଇ ଏ ଆଶ୍ରମରେ ଖେଳି ବୁଲିଛନ୍ତି । ତୁମେମାନେ ତାଙ୍କୁ ଯାହା ଦେଇଛ, ମୁଁ ମା' ହୋଇ ତାହା ଦେଇପାରି ନାହିଁ । ତୁମେମାନେ ମୋର ଅତ୍ୟନ୍ତ ଅନ୍ତରଂଗା । ସବୁଦିନ ପାଇଁ ମୋ ଅନ୍ତରରେ ତୁମେ ରହିଥିବ।

ମହର୍ଷି ବାଲ୍ମିକୀ ଆଦେଶ ଦେଲେ ସୀତାଙ୍କୁ ନେଇ ଆଶ୍ରମ ଦ୍ୱାରଦେଶରେ ପହଞ୍ଚାଇ ଦେଇଆସ । ସୀତାଙ୍କୁ ଧରି ମୁନିକୁମାରୀମାନେ ଧୀରେଧୀରେ ପାଦ ପକାଇଲେ ।

ତାଙ୍କ ସହିତ ତାଳଦେଇ ହରିଣ, ହରିଣୀ, ମୟୂର, ମୟୂରୀ, ଗାଈ, ବାଛୁରୀ ସମସ୍ତେ ଧୀରେଧୀରେ ପାଦ ଚାଲି ଦେଇଥିଲେ ଆଶ୍ରମ ଦ୍ୱାରଦେଶକୁ ।

ମୃଗଶାବକମାନେ ଦେବୀ ସୀତାଙ୍କ ପଣତକାନିକୁ ତୁଣ୍ଡରେ କାମୁଡ଼ି ଧରି ତାଙ୍କ ପଥ ଅବରୋଧ କରିବାକୁ ଚେଷ୍ଟା କଲେ । ବାଛୁରୀମାନେ ଧାଇଁଗଲେ ଆଗକୁ ଆଗକୁ, ତାଙ୍କର ପ୍ରିୟ ସୀତାମାତାଙ୍କ ପଥ ସେମାନେ ରୋଧିବାକୁ ଚାହୁଁଛନ୍ତି । ପକ୍ଷୀମାନେ ଏ ଡାଳରୁ ସେ ଡାଳକୁ ଡେଇଁ ଚାଲୁଥା'ନ୍ତି ସୀତାଦେବୀଙ୍କ ପଛେପଛେ ।

ଶୋକାକୁଳିତ ବାଲ୍ମିକୀ ଆଶ୍ରମ । ଅଶ୍ରୁଜଳରେ ସୀତାଦେବୀଙ୍କ ପାଦ ଧୋଇ ଦେଇ ଆଶ୍ରମବାସୀମାନେ ବିଦାୟ ଦେଉଛନ୍ତି ତାଙ୍କର ପ୍ରିୟ ତପସ୍ୱିନୀଙ୍କୁ ।

ଆଶ୍ରମ ଦ୍ୱାରଦେଶରେ ପହଞ୍ଚିଥିଲେ ସୀତାଦେବୀ । ସମସ୍ତେ ତାଙ୍କୁ ଅନାଇ ରହିଛନ୍ତି। ଆଗରେ ଚାଲିଛନ୍ତି ଲକ୍ଷ୍ମଣ । ମଝିରେ ସୀତାଙ୍କ ହସ୍ତଧରି ଚାଲିଛନ୍ତି ଅନୁକମ୍ପା । ପଛରେ ମହର୍ଷି ବାଲ୍ମିକୀ ।

ଦମକାଏ ପବନ ବହିଗଲା ଖୁବ୍ ବେଗରେ। ରାବି ଉଠିଲେ ଆଶ୍ରମର ବୃକ୍ଷଲତାରେ ବସିଥିବା ପକ୍ଷୀକୁଳ । ବାଛୁରୀମାନେ ହମ୍ବାରଡ଼ି ଦେଲେ । ଆଉ ଅଶ୍ରୁଜଳ ଚକ୍ଷୁରୁ ନିଗାଡ଼ି ଦେଇଥିଲେ ବାଲ୍ମିକୀ ଆଶ୍ରମର ଅନ୍ତେବାସୀଗଣ।

ସଭିଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ବାଲ୍ମିକୀ ଆଶ୍ରମ ଛାଡ଼ିଥିଲେ ତପସ୍ୱିନୀ ସୀତା ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ

### ଡକ୍ଟର ସୁରେଶ କୁମାର ନାୟକ

ଆପଣ ବାୟୁମଣ୍ଡଳରେ ସୁବାଷିତ ମହକ ଅନୁଭବ କରୁଥିବେ। ସେହିପରି ଅନ୍ୟ କେଉଁଠି ଦୁର୍ଗନ୍ଧର ଅତିଷ୍ଠ ବାସ୍ନା ଆପଣଙ୍କୁ ବ୍ୟଥିତ କରିପାରେ। କଥାଟି ଏହିପରି ବାୟୁମଣ୍ଡଳରେ ଉଚ୍ଚ ଆକାଶରେ ଧୂଳିକଣା ପବନରେ ମୁକ୍ତ ଭାବରେ ବିଚରଣ କରୁଥାଏ। କିନ୍ତୁ ଏହା କଳୁଷିତ ପାଣି ସହିତ ସମ୍ମିଶ୍ରିତ ହୋଇଗଲେ ଏହା ପାଲଟି ଯାଏ କାଦୁଅ। ମଲ୍ଲୀ ଫୁଲକୁ ବା ବିଭିନ୍ନ ବାସ୍ନାର ଫୁଲ ଗୁଡ଼ିକ ବାୟୁର ମାଧ୍ୟମରେ ନିଜ ସୌଗନ୍ଧ ବିତରଣ କରନ୍ତି। କିନ୍ତୁ ସେହି ବାୟୁ ଯେତେବେଳେ କୌଣସି ଦୂଷିତ ବସ୍ତୁ ବା ଦ୍ରବ୍ୟ ଉପରେ ଆତଯାତ ହୁଏ ତମାମ ବାୟୁ ମଣ୍ଡଳଟି ଦୁର୍ଗନ୍ଧରେ ଭରିଯାଏ। ସେହିପରି ଆମେ ଶୁଆର ଉଦାହରଣ ରଖିଥାଉ। ସାଧୁ ସଙ୍ଗରେ ବାସ କଲେ ରାମ ନାମ ଓ ଦୁର୍ଜନଙ୍କ ସହିତ ବାସ କଲେ ଗାଳି ରାବ। ଅତଏବ ଏହାର ଅନୁଚିନ୍ତନର ଅନ୍ତରାର୍ଥ ହେଉଛି ଆମ୍ଭେମାନେ ଗୁରୁଦେବଙ୍କ ସାନ୍ନିଧ ଲାଭ କଲେ ଜ୍ଞାନ ଉଦୟ ହୋଇଥାଏ। ଆମ୍ଭେମାନେ ଶାଶ୍ୱତ ଶାନ୍ତି ରାଜ୍ୟରେ ବିଚରଣ କରିବାର ସୁଯୋଗ ପ୍ରାପ୍ତ ହୋଇଥାଉ।

ସଂସାରରେ ଜଣେ ଯେତେ ଆଧାତ୍ମିକ ପୁସ୍ତକ ପଢୁ ନା କାହିଁକି ତିନୋଟି କଥା ମନୁଷ୍ୟକୁ କୁହାଯାଇଥାଏ – 'ଏହି ସଂସାରକୁ କଦାପି ବିଶ୍ୱାସ କରନାହିଁ, ଭଗବାନଙ୍କୁ କଦାପି ଭୁଲ ନାହିଁ, ଆଉ ମୃତ୍ୟୁକୁ କଦାପି ଭୟ କରନାହିଁ।' ଏହି ତିନୋଟି ଆବଶ୍ୟକ। ଆମ୍ଭେମାନେ ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ। ଏହି ସଂସାରକୁ ବିଶ୍ୱାସ କରନାହିଁ, କାରଣ ସଂସାର କ୍ଷଣକୁ କ୍ଷଣ ବଦଳିଥାଏ। ଭଗବାନଙ୍କୁ କଦାପି ଭୁଲ ନାହିଁ। ନିଜ ଗୁରୁଙ୍କ ପଦାରବିନ୍ଦରେ ସବୁବେଳେ ନିଜକୁ ସମର୍ପିତ କରି ସତକର୍ମରେ ନିଜକୁ ଆଗେଇ ନେବା ସହ ମୃତ୍ୟୁ ପ୍ରତି କଦାପି ଭୟଭୀତ ହେବା ଅନୁଚିତ। ବେଦାନ୍ତୀୟ ଭାଷାରେ ଏଗୁଡ଼ିକ ମୁଖ୍ୟ ତତ୍ତ୍ୱ। ଦିବ୍ୟତ୍ୱକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ପରିସ୍ଥିତି ମଧ୍ୟରେ ସୀମିତ କରିବା ନିର୍ବୋଧତା। ଦିବ୍ୟତ୍ୱ ସର୍ବତ୍ର ବିଦ୍ୟମାନ। ଦିବ୍ୟତ୍ୱ ନଥିବା କୌଣସି ସ୍ଥାନ ନାହିଁ। ଏହା ବିନା କୌଣସି ରୂପ ନାହିଁ। ଏହା ବିନା କୌଣସି ପଦାର୍ଥ ନାହିଁ। ଏହା ଉଭୟ ଚର ଓ ଅଚର ମଧ୍ୟରେ ବିଦ୍ୟମାନ। ସବୁ କିଛି ଅଣୁରେ ଗଢ଼ା ବୋଲି ବୈଜ୍ଞାନିକମାନେ କହନ୍ତି। ସମଗ୍ର ଜଗତ, କାଠ ଖଣ୍ଡରୁ ବକ୍ତା ପର୍ଯ୍ୟନ୍ତ, ଅଣୁରେ ଗଢ଼ା। ସବୁକିଛି ଆଣବିକ ଶକ୍ତିର ସମାହାର। ତେଣୁ ସେମାନେ ଏହାକୁ ଅଣୁ ବୋଲି କହନ୍ତି। କିନ୍ତୁ ଆଧାତ୍ମବାଦୀମାନେ ଏହାକୁ ଶକ୍ତି ବୋଲି କହନ୍ତି। ସେମାନେ ଏହାକୁ ଉର୍ଜ୍ଜା ବୋଲି କହନ୍ତି। ନାମରେ ଭିନ୍ନତା ଅଛି, କିନ୍ତୁ ରୂପ ସମାନ। ଯେଉଁଠାରେ ଅଣୁ ଅଛି ସେଠାରେ ଦିବ୍ୟତ୍ୱ ଅଛି। ପ୍ରତ୍ୟେକ ଅଣୁର ଏକ ନିର୍ଦ୍ଦିଷ୍ଟ ରୂପ ଅଛି। ରୂପ ବିନା ଅଣୁ ନାହିଁ। ଭଗବାନଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ରହିବା ବେଳେ ଆମେ ଜାଣିବା ଉଚିତ ଯେ ଭଗବାନ ଆମ ହୃଦୟ ଭିତରେ ବିଦ୍ୟମାନ ଅଛନ୍ତି। ଭଗବାନଙ୍କର ଅନେକ ରୂପ ଅଛି। ଭଗବାନ ବିବିଧ ରୂପରେ ବିଶ୍ୱାତ୍ମକ। ପର୍ବତ ଗୁଡ଼ିକ ପଥରରେ, ବନ ଗୁଡ଼ିକ ଗଛରେ, ସମୁଦ୍ର ଗୁଡ଼ିକ ଜଳରେ, ପୃଥିବୀ ମୃତ୍ତିକାରେ ଓ ମନୁଷ୍ୟ ଶରୀର ମାଂସରେ ଗଠିତ। ସବୁ କିଛି ପଞ୍ଚଭୂତର ସମାହାର ଏବଂ ସେଥିପାଇଁ ସବୁ କିଛି ଭଗବାନଙ୍କର ପରିପ୍ରକାଶ। ଭଗବାନ ଏକ ଭିନ୍ନ ରୂପ ନୁହନ୍ତି। ଏହି କଥା ଅନ୍ଧ ଓ ଅଜ୍ଞଜନଙ୍କୁ ପ୍ରଦର୍ଶିତ କରିବା ପାଇଁ ଭଗବାନ ଅବତାର ରୂପରେ ଅବତରଣ କରନ୍ତି।

ମନୁଷ୍ୟକୁ ନେଇ ଆନନ୍ଦ ସାଗରର ଅପରପାର୍ଶ୍ୱରେ ଅର୍ଥାଥ ମୋକ୍ଷ ସ୍ଥଳରେ ପହଞ୍ଚାଇଦେବା ଲାଗି ସତସଙ୍ଗ ହିଁ ଏକମାତ୍ର ନିରାପଦ ନୌକା। ତେଣୁ ସେହି ନୌକାରେ ଚଢ଼ିବାର ସୁଯୋଗ ଯେପରି ଆମେ ନହରାନ୍ତି। ପୃଥିବୀରେ ସବୁ ପ୍ରାଣୀ ସେମାନଙ୍କର ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। ପଶୁ, ପକ୍ଷୀ, ଜୀବଜନ୍ତୁ ଓ ମଶା ସୂକ୍ଷ୍ମ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି। କେବଳ ମଣିଷ ତାର ଦାୟିତ୍ୱ ଭୁଲି ଯାଇଛି। ପକ୍ଷୀମାନେ ଋତୁ ଓ ହେତୁର ଅନୁସରଣ କରନ୍ତି, କିନ୍ତୁ ମନୁଷ୍ୟର ଋତୁ ନାହିଁ କି ହେତୁ ନାହିଁ। ଏହି କାରଣରୁ ମାନବଜାତିକୁ ସୁଧାରିବା ପାଇଁ ଭଗବାନ ମନୁଷ୍ୟ ରୂପରେ ଅବତରଣ କରନ୍ତି। ଯଦି ଗୋଟିଏ ଚିଲ ଆମ ପାଖକୁ ଆସେ ଏବଂ ଆମର ଦୋଷ ଦେଖାଏ ତେବେ ଆମେ ତାକୁ ଟେକା ମାରି ଉଡ଼େଇଦେବା। ସେଥିପାଇଁ ସେ ମାନବ ରୂପ ଧାରଣ କରନ୍ତି। ବୈଜ୍ଞାନିକମାନେ ପରୀକ୍ଷା କରିବାରେ ସବୁ ସମୟ ଅତିବାହିତ କରନ୍ତି। ତଥାପି ସେମାନେ ଅନୁଭୂତିବିରହିତ। ଆମେ ଏସବୁ ପରୀକ୍ଷାରୁ କ'ଣ ପାଉଛୁ ? ଗତକାଲିର ଆବିଷ୍କାର ଆଜି ନୂଆ ଦିଶେ ଓ ଆଜିର ଆବିଷ୍କାର କାଲିକୁ ନୂଆ ଦିଶିବ। ଏହା ହିଁ ସାର। ଏହାର କିଛି ଉପଯୋଗିତା ନାହିଁ। ଭକ୍ତିମାର୍ଗ ଜ୍ଞାନମାର୍ଗ ଅପେକ୍ଷା ସହଜତର। ଜ୍ଞାନ ଅତି କଷ୍ଟକର। ଏହା ପ୍ରତ୍ୟେକଙ୍କୁ ଦିଆଯାଇନାହିଁ। ଆମର ଦୃଷ୍ଟିକୁ ଭଗବାନଙ୍କ ଆଡ଼କୁ ନିର୍ଦ୍ଦେଶିତ କରିବା। ତେବେ ସବୁ କିଛି ଆମ ପାଖକୁ ଆସିପାରିବ। ଏହି ଭକ୍ତିର ଉର୍ଦ୍ଧ୍ୱରେ ଆଉ କିଛି ନାହିଁ। ଆନନ୍ଦ ଓ ଆହ୍ଲାଦର ସହ ଭଗବାନଙ୍କ ନାମ ଜପ କରିବା ଯାହାଦ୍ୱାରା ଆମ୍ଭେମାନେ ଏ ପୃଥିବୀରେ ସବୁକିଛିକୁ ପ୍ରାପ୍ତ ହେବା ସହ ଦିବ୍ୟ ଜୀବନ ଓ ଶାନ୍ତିର ଅଧିକାରୀ ହୋଇପାରିବା। ଜୀବନ କ୍ଷୁଦ୍ର ଏଣେ ସମୟ ପ୍ରଖର ବେଗରେ ଗଡ଼ି ଚାଲିଛଇ। ମୃତ୍ୟୁ ଅପେକ୍ଷା କରି ରହିଛି କେଉଁ ମୁହୂର୍ତ୍ତରେ ଆମ୍ଭ ମାନଙ୍କୁ ତାର ସର୍ବଗ୍ରାସି ଆହ୍ୱାନ ଭିତରେ ସ୍ଥାନ ଦେବା ପାଇଁ। ଆତ୍ମସାକ୍ଷାତ କରି ସତଚିତ ଆନନ୍ଦ ପରମାତ୍ମାଙ୍କ ସାକ୍ଷାତ ଲାଭ ଉଠାଇ ଦିବ୍ୟ ଗୁରୁଦେବଙ୍କ ନାମ ସ୍ମରଣ କଲେ ଜୀବନ ଚକ୍ରରୁ ମୁକ୍ତି ପାଇ ପାରିବା।

♥ ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

## କବିତା...

### ମାଆ
### ବାବାଜୀ ଚରଣ ଜେନା



ନ'ଦେଖିଲା ପରି ହେଉ ତୁହି ମାଆ
କାହାକୁ କହିବି ଯାଇଁ
ବଳି ଗଲାଣିମୋ ଦୁଃଖର ବୋଝ ମା
ଲୁହ ହୋଇଲାଣି ନଈ
କାଳୀ କରାଳିନୀ ମନ୍ଦାର ମାଳିନୀ
ଜାଗଜାଗ ମହାମାୟୀ ।

ପାପୀ ପାପ ଯେବେ ବଢ଼ି ଅଛି ମାଆ
ଧରାଧାମେ ଆସି ଅଛୁ
ସାଧୁ ସନ୍ଥ ଭକ୍ତେ ରକ୍ଷା କରି ତୁହି
ଧର୍ମ ଧ୍ୱଜା ଉଡାଇଛୁ
ଦେଖ ଏବେ ମାଆ ଅଧର୍ମର ଭାରେ
ଥରହର ହୁଏ ମହୀ
ଜାଗ ମହାକାଳୀ ଶିବାନୀ ଭବାନୀ
ଜାଗଜାଗ ମହାମାୟୀ ।

କରାଳ ଲହରୀ ମାଡ଼ି ଆସେ ମାଆ
ବେଳା ଭୂଇଁ ସୀମା ଡେଇଁ
ବଡସାନ ଆଉ ମାନନ୍ତିନି କେହି
ଧନ ଗର୍ବେ ଅନ୍ଧ ହୋଇ
ଘନ ଅନ୍ଧକାର ନାଶ ଯୋଗମାୟା
ଦିବ୍ୟାଲୋକ ଢାଳି ଦେଇ
ଜାଗ ଶିବ ପ୍ରିୟା ଶଙ୍କଟ ତାରିଣୀ
ଅମ୍ଭେଶିବେ ଦୟାମୟୀ ।

♥ ଅହଲ୍ୟା ନିବାସ , ପୋପରଡା
ନୂଆବଜାର , କଟକ-୪
ମୋ-୯୪୩୭୮୩୪୭୧୯

### ଖେଳଣା
### ଶରତ କୁମାର ଦାସ



ଦିନ ଥିଲା, କୁଢ଼ କୁଢ଼ ଖେଳଣାରେ
ପୂରି ଉଠୁଥିଲା ଘର
ହାତୀ, ଘୋଡା, ବାଘ, ଭାଲୁ,
ସାଇକେଲ, ବସ, ରେଳ, ମଟର
ଏମିତି କେତେ ପ୍ରଜାତିର ଖେଳଣା
ଟିଣ, ପ୍ଲାଷ୍ଟିକ, ଫାଇବର, ଶିଙ୍ଗରେ ତିଆରି
ଚାବିଦିଆ, ହାୱାଦିଆ
ଚକ୍ରି ପରି ବୁଲୁଥିବା, ଦୋଳି ପରି ଝୁଲୁଥିବା
ଏମିତି କେତେ କିସମର ...

ଆମେ ଭାଇ ଭଉଣୀଏ
ଖେଳଣାକୁ ନେଇ କେବେ କେମିତି
ଝଗଡାଝାଟି ନ କରୁଥିଲୁ ବୋଲି ନୁହେଁ
ଯାହାର ସମାଧାନର
ସୂତ୍ରଧର ଥିଲା ବୋଉ

ତେବେ, ମୋର ସବୁଠୁ ପ୍ରିୟ ଖେଳଣା ଥିଲା
ବେଟ୍ରି ଚାଳିତ ବିମାନଟିଏ
ଯାହାକୁ ଚାବିଦେଲେ
ଶୂନ୍ୟରେ ଉଡ଼ିବୁଲୁଥିଲା

ଓ ଚାବି ଶେଷ ହୋଇଗଲେ
ଲଥ କିନା ଖସିପଡୁଥିଲା ଭୂଇଁକୁ ...

ଏମିତି ଏକ ବିମାନରେ
ଦୂରଦେଶ ଉଡିଯିବି ବୋଲି
ମୋ କଞ୍ଚାମନ ଦିନେ ସ୍ୱପ୍ନ ଦେଖିଥିଲା

ଆଜି ଅନେକ ବଡ଼ ହୋଇଛି
ଖେଳଣା ସବୁ କୁଆଡେ ମରି ହଜି ଯିବେଣି
କି ଗୋଟେ ଯୋଡ଼େ ଭାଙ୍ଗିରୁଜି
ଅଳସ ଭାଙ୍ଗୁଥିବେ ବୋଉ ସିନ୍ଦୁକରେ...

ମୁଁ ଦୈବାତ କେବେ କେମିତି
ବିମାନରେ ଉଡ଼ିଗଲାବେଳେ
ଅତୀତ ସ୍ମୃତିରେ ମସଗୁଲ ହଉଥାଏ ସତ
କିନ୍ତୁ ଏକ ଅଜଣା ଭୟର ଆତଙ୍କରେ
ଭୂପତିତ ହଉଥାଏ
ସେଦିନର ଖେଳଣା ବିମାନଟି ପରି ।

♥ ପାଲୁରବଙ୍ଗଳା,
ଘରନମ୍ବର ୨୬, ବ୍ରହ୍ମପୁର,
(ମୋ) ୯୪୩୭୪୨୩୯୮୫

### ତ' ଭଲପାଏ
### ନିହାରିକା ରାୟ ବରାଳ



ଶବ୍ଦ ମାନେ ଘାସଫୁଲ ପରି
ସକାଳର କାକରରେ ଗାଧୋଉଥା'ନ୍ତି
ତ ମନେପଡ ତମେ
ତମେ ଯେବେ ମନେପଡ
ଫରେଷ୍ଟ ପାର୍କର ପଶ୍ଚିମପଟ
ଆକାଶରେ
ମେଘମାନେ କରୁଥାନ୍ତି
ସନ୍ଧ୍ୟା ଭ୍ରମଣ ।

ଆକାଶୀ ରଙ୍ଗର ବାଦଲଙ୍କୁ ଦେଖେ ତ
ମୋ ଭିତରେ ସବୁ ଶୁଷ୍କତାରେ
ଆରମ୍ଭ ହୁଏ ବର୍ଷାଝଡ,
ତ' ଭଲପାଏ

କବିତା ସବୁ ଉତୁରି ଆସନ୍ତି
ମନ କାନଭାସର
କଳାପଟାରେ
ତ' ତମେ ଓହ୍ଲାଇ ଆସ ଇଥରରୁ
ନିଶ୍ୱାସର ନିଶ୍ଚିନ୍ତ ବାସ୍ନାରେ
ବାରି ହୁଏ ତମ ଆଗମନ

ବାହୁର ବିସ୍ତୃତ ବଳୟରେ
ଗଢ଼ା ହୋଇଯାଏ
ସ୍ୱୀକୃତିର ପର୍ଯାପ୍ତ ସୋହାଗପଣ
ନାଲି ଟହ ଟହ ଖରାରେ
ବିଛୁଡ଼ିଯାଏ କୃଷ୍ଣଚୂଡ଼ାର
ଅବଗୁଣ୍ଠିତ ଆଲୋଡନ
ତ' ଭଲ ପାଏ...

ସ୍ୱପ୍ନମାନେ ଚୁପଚାପ
କଥା ହୁଅନ୍ତି
ରାତିର କୋଳରେ,
ଚତୁର୍ଥ ପ୍ରହରରେ
ତ' ତମେ ଘୋଡାଇ ଦିଅ
ଅନୁରାଗର ଚାଦର
ଜାଳିଦିଅ ସମବେଦନାର ସଳିତା

ସମୟର ସଂଜ ଦୀପରେ
କେବେ କେବେ
ପକ୍ଷୀ ଉଡିବାର ପ୍ରଚେଷ୍ଟାରେ
ମୋ ଭିତରେ ଉଙ୍କିମାରେ
ରାଧାର ମନୋଇପଣ ତ
ମୀରାର ପ୍ରେମ ସମର୍ପଣ
ତ' ଭଲ ପାଏ ।

♥ 'ଅନୁରାଗ'
ଈ/୧୦,ପ୍ରତିଭା ଏନକ୍ଲେଭ
ବଜେବି ନଗର, ଭୁବନେଶ୍ୱର

### କଳାକାର
### ବାଦଲ ମହାନ୍ତି



କାଳେ କହିଦେବେ ପରପିଢ଼ିଏ
ଏ ମନ୍ଦିର ମୋ ବୋପାର
ନିଃସନ୍ତାନ ବର ମାଗିନେଲେ
ରାଜା ଇନ୍ଦ୍ରଦ୍ୟୁମ୍ନ !

ବାରଶ' ବଢ଼େଇଙ୍କ ଦାୟରେ
ଚୁପ୍‌ଚାପ୍ ସମୁଦ୍ରକୁ ଡେଇଁ ପଡ଼ିଲା ପଛକେ
ଶିଶୁଶିଳ୍ପୀ ଧର୍ମପଦ
କହିଲାନି କିନ୍ତୁ,
ମୁଁ ମାରିଛି ମୁଣ୍ଡି ଏ ଦେଉଳର !

କଳାପାଇଁ ପୁଅକୁ ହରେଇ ଥିବା
ବିଶୁ ମହାରଣା
ଭୁଲ୍‌ରେ ବି ଛାଡ଼ି ଯାଇନି
କୋଣାର୍କ ଶୀଳାରେ ନିଜ ହସ୍ତାକ୍ଷର !
ଶିଳ୍ପୀ ସିଏ,
ଯିଏ ଗଢ଼ି ଜାଣେ କେବଳ
ରାଜା ସିଏ,
ଯିଏ କେବଳ ଯତ୍ନ ନେବା ଜାଣେ
କଳା ଓ କଳାକାରର।

ଅହରହ 'ମୁଁ ମୁଁ'ରେ ମରୁଥିବା ଲୋକ
ନିହାତି ସାଧାରଣ
ଯାହାର ଚିତ୍ର କମ୍ ବେଶୀ ଦସ୍ତଖତ।
ଜୀବନ ଯାତନାକୁ ମୂର୍ତ୍ତ କରି
ଗଢ଼ିଛି ଅନେକ ଥର
ପୁଣି ଅଭିମାନରେ ଭାଙ୍ଗିଛି ଥରକୁ ଥର
ଗଢ଼ିବା ଆଉ ଭାଙ୍ଗିବାର ମଧୁର ଶବ୍ଦରେ
ମଧୁମୟ ମୋ ପୃଥିବୀ
ସେ ପୃଥ୍ୱୀରେ
ମୁଁ ନିଜେ ଦାସାନୁଦାସ, ଇତର
ପୁଣି ସର୍ବମୟକର୍ତ୍ତା ବାଙ୍ମୟ ଈଶ୍ୱର।

♥ ପ୍ଲଟ ନଂ-୫୧୩
ନୂଆସାହି, ନୟାପଲ୍ଲୀ,
ଭୁବନେଶ୍ୱର-୧୨
ମୋ- ୯୭୭୮୦୩୫୭୬୭

### ବୟସ୍କ
### ମୂଳ ଅସମୀୟା :ରାଜୀବ କୁମାର ଫୁକନ
### ଅନୁବାଦ : ଶୈଳବାଳା ମହାପାତ୍ର





ବଢ଼େଇ ଦିଅ ତମର
ଶୀର୍ଣ୍ଣ ନିସ୍ତେଜ ହାତ
କଳ୍ପନା କରେ କିଛି ଉଷ୍ମତା
ଆଶ୍ୱସ୍ତ କରେ ନିରାପଦ ବାଟଚଲା

ଏଇ ହାତରେ ଥିଲା ଦିନେ
ମଞ୍ଜୁଆତିର ରଙ୍ଗ
ତୁମୁଳ ବର୍ଷା ପରେ ଗୁଆଗଛର
ପତ୍ର ଫାଙ୍କରେ ଓହ୍ଲଉଥିବା

ଅପରାହ୍ନ ଖରା ଏବେ ବି ଖୋଜୁଥାଏ
ତମ ହାତ ମଞ୍ଜୁଆତିର ଚିକମିକ୍
ସାରା ଅଗଣାରେ ବୁଲୁଥା'ନ୍ତି
ଘରଚଟିଆ ଦଳ
ତମ ଏରୁଣ୍ଡିବନ୍ଧରେ ରହି ଆସିଲି
ମୁଁ ଯେ ସେତେବେଳୁ
ସେଇଠୁ ଆରମ୍ଭିବି ବୋଲି
ଦୀର୍ଘ ଏ ଜୀବନ ବାଟ

ଏବେ ବି ଧରି ରଖିଛି
ତମ ହାତ
ବାଟ ଆଉ ଅଳ୍ପ
ବେଶି ବେଳ ନାଇଁ ବୁଡିବାକୁ ସୂର୍ଯ୍ୟ ! !

♥ ପୁରୀ
(ମୋ) ୭୦୦୮୫୮୬୫୦୧

# ସାହିତ୍ୟ ମାଧ୍ୟମରେ ମଣିଷର ମଣିଷ ପ୍ରତି ଭଲପାଇବା ଓ ସଂବେଦନଶୀଳତାର ବୃଦ୍ଧି ଘଟିବା ସମ୍ଭବ ବୋଲି ମୋର ବିଶ୍ୱାସ : ଈପ୍‌ସିତା ଷଡଙ୍ଗୀ

**ଈପ୍‌ସିତା ଷଡଙ୍ଗୀ** ଓଡିଆ କବିତା ଜଗତର ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ । ଜୀବନ ଜିଜ୍ଞାସାକୁ ନେଇ ସେ ଗଢିପାରନ୍ତି କବିତାର ଏମିତିକା କୋଣାର୍କ, ଯାହା ତାଙ୍କ ଭିତରର ସୃଜନକର୍ମର ପରାକାଷ୍ଠାକୁ ହିଁ ଦୃଶ୍ୟମାନ କରାଏ । ସମକାଳୀନ କବିତାର ଜଣେ ସାର୍ଥକ ଚିତ୍ରକର ସେ । କେବଳ ମାତ୍ର କବିତା ନୁହେଁ; ପ୍ରବନ୍ଧ, ଅନୁବାଦ ଓ ସମ୍ପାଦନା କ୍ଷେତ୍ରରେ ମଧ୍ୟ ତାଙ୍କର ଯୋଗଦାନ ସ୍ମରଣଯୋଗ୍ୟ । "ପୁରସ୍କାର କବିର ପାଠକୀୟତା ଏବଂ କବିର ପଠନଶୀଳତା ବୃଦ୍ଧି କରିଥାଏ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସତରେ ଏଇଟି ଏକ ଚମତ୍କାର ପ୍ରଶ୍ନ । ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ମୁଁ ଏ ପ୍ରଶ୍ନକୁ ପଢ଼ିବା ପରଠାରୁ ଘାରି ହେଉଛି- କଣ କହିବି ? ପିଲାବେଳେ କବିତା, ଗପ, ପ୍ରବନ୍ଧ, ଜୀବନୀ ସବୁ ତ ପଢୁଥିଲି, ପାଠ ପଢ଼ିବା ଅବସରରେ । କବିତା ଲେଖି ବସିଲି କଣ ନନା ବିଶିଷ୍ଟ କବି ଡଃ. ବଂଶୀଧର ଷଡ଼ଙ୍ଗୀଙ୍କ କବିତାର ପ୍ରଭାବରୁ ? ୧୦/୧୧ବର୍ଷ ବୟସରୁ ଯେତେବେଳେ ଘରଚଟିଆକୁ ଦେଖି ଦଶବାର ପଦ ଲେଖିଥିଲି ଅବା ବାଲିପନ୍ତାରୁ ପ୍ଲାଷ୍ଟିକ୍‌ରେ ତିଆରି କୃଷ୍ଣଙ୍କ ମୂର୍ତ୍ତି ପାଇ ବିହ୍ୱଳ ହୋଇ କିଛି ଲେଖି ନେଇଥିଲି, ସିଏ କବିତାର ଆକାରରେ ହିଁ ଥିଲା ! ଯଦିଓ ସେ ପିଲା ବୟସରେ ମୁଁ ଜାଣି ପାରୁନଥିଲି, ମୋର ଏ ଲେଖାଗୁଡ଼ିକ କଣ ? ଭୟ ବି ଥିଲା ଏସବୁ ଲେଖା କଣ ନନାଙ୍କୁ ଦେଖେଇବା ଯୋଗ୍ୟ- ଏୟା ଭାବି ଭାବି । ନିମାପଡା କଲେଜରେ ପଢୁଥିବା ସମୟରେ, କଲେଜ ମୁଖପତ୍ର ପାଇଁ ଏକ କ୍ଷୁଦ୍ର କବିତା ଦେଇଥିଲି । ସେଇଟି ପ୍ରକାଶ ପାଇବା ପରେ ନନା ଦେଖି ଖୁବ୍ ଖୁସି ହୋଇ ଯାଇଥିଲେ । ପଚାରିଥିଲେ- 'ଆଉ ଲେଖିଛୁ ?' ମୋର ସେଇ କବିତାର ପରିପକ୍ୱତା ଦେଖି ନନା ଖୁବ୍ ଦୃଢ଼ତାର ସହ ଏ ପ୍ରଶ୍ନ ପଚାରିଥିଲେ । ମୁଁ ଡାଏରୀ ଭର୍ତ୍ତି କବିତା ଦେଖାଇଥିଲି । ସେଇଦିନଠାରୁ ମୋର ଲେଖାସବୁ ଯେ କବିତା- ମୁଁ ସଠିକ୍ ଭାବରେ ଜାଣି ପାରିଲି । ଆଦ୍ୟ ସ୍ଫୁରଣର ସ୍ମୃତି ଇଏ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?

■■ ସାରସ୍ୱତ ପ୍ରେରଣା ପାଇଛି ମୋ ପିତାମାତାଙ୍କ ଠାରୁ । ନନାଙ୍କ କାବ୍ୟିକ ମନୋଭାବ ଓ କାବ୍ୟିକ ପରିବେଶ ତଥା ତାଙ୍କ କାବ୍ୟ ଉପଲବ୍ଧି ମୋ ଦିଗବାରେଣୀ ଯେମିତି, ଘରେ ଏକ ଆଧାତ୍ମିକ, ନୈତିକ ତଥା ସାହିତ୍ୟିକ ଓ ଶାନ୍ତ ପରିବେଶଟିଏ ଯୋଗାଇ ଦେବାରେ ମା' କବିତା ଷଡ଼ଙ୍ଗୀଙ୍କ ଅବଦାନ ମଧ୍ୟ ସେହିପରି, ଅନସ୍ୱୀକାର୍ଯ୍ୟ । ମୁଁ କବିତା କିଛି ବୁଝିପାରେ କି ନପାରେ, ନନାଙ୍କ କବିତା ପ୍ରକାଶ ପାଇଥିବା ପତ୍ରିକାରେ ଦେଖି ପଢ଼େ । କେବେ ମନେ ମନେ, କେବେ ବଡ଼ ପାଟିରେ । ସଂପୂର୍ଣ୍ଣ ବୁଝିପାରେନି ସତ, କିନ୍ତୁ କବିତାର ଧ୍ୱନିର ନାଦ ମତେ ଅଭିଭୂତ କରୁଥାଏ । ସେଥିରେ ପ୍ରକାଶ ପାଇଥିବା ଅନ୍ୟ ବହୁ କବିମାନଙ୍କୁ ବି ପଢ଼ିଛି- ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ହରିହର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ନିତ୍ୟାନନ୍ଦ ନାୟକ, ହରପ୍ରସାଦ ଦାସ ଆଦି ଅନେକ । ଏମାନେ ମୋ କାବ୍ୟ ଜୀବନର ଆଦ୍ୟଗୁରୁ ନିଶ୍ଚୟ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ପ୍ରଥମେ କଲେଜ ମୁଖପତ୍ରରେ ପ୍ରକାଶ ପାଇବା କବିତା ହେତୁ ନନା ମୋ ଭିତରର କବିଟିକୁ ଆବିଷ୍କାର କରିଥିଲେ । ମୋ ଡାଏରୀ ଭର୍ତ୍ତି କବିତା ପଢ଼ି ଖୁବ୍ ଖୁସି ହେଲେ । ଆଉ ଭିନ୍ନ ଭିନ୍ନ ପତ୍ର ପତ୍ରିକାର ଠିକଣା ଦେଇ କବିତା ସେଠିକୁ ପଠାଇବାର ଉପଦେଶ ଦେଲେ । ନିର୍ଦ୍ଦେଶ ଥିଲା ଠିକଣାର ମାର୍ଫତ୍‌ରେ ତାଙ୍କ ନାଁ ନ ଲେଖିବାକୁ । ଉଦ୍ଦେଶ୍ୟ ଥିଲା, ଯଦି କବିତାର ଚିରନ୍ତନ ମୂଲ୍ୟ ଥିବ, ସଂପାଦକମାନେ ତାକୁ ପ୍ରକାଶ କରିବେ । କବି ବଂଶୀଧର ଷଡ଼ଙ୍ଗୀଙ୍କ ନାଁରେ ଚିହ୍ନା ହେଇ ପ୍ରତିଷ୍ଠିତ ହେବାକୁ ସେ ପସନ୍ଦ କରୁନଥିଲେ । ତେଣୁ ମୁଁ କେବଳ ମୋରି ନାଁ ଲେଖି କବିତା ପ୍ରେରଣ କରୁଥିଲି । 'ପ୍ରଜାତନ୍ତ୍ର' ସାହିତ୍ୟ ପୃଷ୍ଠାରେ ମୋର ପ୍ରଥମ କବିତା 'ନୂଆବର୍ଷ' ଓ 'ସମାବେଶ' ଥିଲା ପ୍ରଥମ ପତ୍ରିକା ଯେଉଁଥିରେ ମୋର କବିତା 'ଫେରିଚାଲ' ପ୍ରକାଶ ପାଇଥିଲା । ବର୍ତ୍ତମାନ ସୁଦ୍ଧା ମୋର ଅଠରଗୋଟି ପୁସ୍ତକ ପ୍ରକାଶିତ । ୬ଟି ମୌଳିକ କବିତା ସଂକଳନ, ୭ଟି ଅନୁବାଦ ସଂକଳନ, ଗୋଟିଏ ପ୍ରବନ୍ଧ ସଂକଳନ ଏବଂ ୪ଗୋଟି ସଂପାଦନା ପୁସ୍ତକ । ମା'ର ସବୁ ପିଲା ତାର ପ୍ରିୟ । ମୋର ସବୁ ପୁସ୍ତକ ମୋ ହୃଦୟର ଏକାନ୍ତ ନିଜର, ନିକଟତମ । ତେବେ ବହିକୁ ନେଇ ଅଭିଜ୍ଞତା ଦେଖିଲେ ମୋର ମୌଳିକ କବିତା ସଂକଳନ 'ଶବ୍ଦ-ଆରପାଖ'କୁ ନେଇ ମୋର ଅନୁଭବ ଖୁବ୍ ଚମତ୍କାର । କବିତା ସଂକଳନଟି ପ୍ରକାଶ ପାଇବା ପରେ ପ୍ରକାଶକ ଶ୍ରୀ ହିମାଂଶୁ ମହାପାତ୍ର, ସୃଜନ ଇଣ୍ଡିଆ, ପୁସ୍ତକ ମେଳାରେ ବହୁଳ ବିକ୍ରି ହୋଇଥିବାର ଜଣାଇଥିଲେ । ଟେଲିଭିଜନ, ସମ୍ବାଦପତ୍ର ମାଧ୍ୟମରେ ଏବଂ ବ୍ୟକ୍ତିଗତ ସମ୍ବାଦ ଜରିଆରେ । ରୟାଲଟି ସେ କେମିତି ଦେବେ ପଚାରନ୍ତେ, ମୁଁ ତାଙ୍କୁ ବହି ଆକାରରେ ଦିଅନ୍ତୁ ବୋଲି କହିଥିଲି । ସେ ଏକଶତ କବିତା ବହି ମତେ ପ୍ରେରଣ କରିଥିଲେ । ସେହିପରି ଅନୁବାଦ ସଂକଳନ 'ବାଘ'କୁ ନେଇ ଅନୁଭବ ଖୁବ୍ ସୁନ୍ଦର । କବିତା ସଂକଳନକୁ ପଢ଼ି ଅନେକ ଦିଗ୍‌ଗଜ କବି ଓ ସାହିତ୍ୟିକ ସେମାନଙ୍କ ସୁନ୍ଦର ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଏହି ଆନନ୍ଦ ଆହୁରି ବୃଦ୍ଧି ପାଇଥିଲା, ଯେବେ ଏହି ସଂକଳନ, କେନ୍ଦ୍ର ସାହିତ୍ୟ ଏକାଡେମୀର ୨୦୨୨ ମସିହା ପାଇଁ ଅନୁବାଦ ପୁରସ୍କାର ଚୟନ ତାଲିକା ଅନ୍ତର୍ଭୁକ୍ତ ହୋଇଥିଲା ବୋଲି ଜାଣିବାକୁ ପାଇଥିଲି ।

■ ଅଳ୍ପରେ ଈପ୍ସିତା ଷଡ଼ଙ୍ଗୀ



ନାମ - ଈପ୍ସିତା ଷଡ଼ଙ୍ଗୀ

ଜନ୍ମ- ୧୯୭୫

ପିତା- ଡଃ ବଂଶୀଧର ଷଡ଼ଙ୍ଗୀ

ମାତା- କବିତା ଷଡ଼ଙ୍ଗୀ

ଜନ୍ମସ୍ଥାନ : ନିମାପଡ଼ା, ପୁରୀ

**କବିତା ସଙ୍କଳନ**

୧) ପକ୍ଷୀ ଫେରିନି(୨୦୦୦),
୨) ଫେରିବା କଥା (୨୦୦୩),
୩) ପୁନଶ୍ଚ ବୁଦ୍ଧ (୨୦୧୨),
୪) କେତେବେଳେ କେଜାଣି (୨୦୧୩)
୫) ଶବ୍ଦ ଆରପାଖ ( ୨୦୧୮),
୬) ଦୃଶ୍ୟ ଦର୍ପଣ (୨୦୨୧)

**ପ୍ରବଂଧ ପୁସ୍ତକ**

୧) ଏବର କବିତା (୨୦୧୯)
୨) ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ (୨୦୧୯)

**ସଂପାଦନା**

-( କବି ବଂଶୀଧର ଷଡ଼ଙ୍ଗୀଙ୍କ କବିତା ଆଲୋଚନା ସଂକଳନ- ମନମୋହନ ଦାଶ ଓ ହରେକୃଷ୍ଣ ଦାସଙ୍କ ସହ)
୩) ଉନ୍ମେଷ (୨୦୨୫)
୪) ସାକ୍ଷାତକାର: ବଂଶୀଧର ଷଡ଼ଙ୍ଗୀ (ହରେକୃଷ୍ଣ ଦାସଙ୍କ ସହ)

**ଅନୁବାଦ**

୧) ସରୋଜିନୀ ସାହୁଂକ ଗଳ୍ପ ସଂକଳନର ଇଂରାଜୀ ଅନୁବାଦ Waiting for Mannaର ସହ ଅନୁବାଦିକା
୨) ପରେଶ ପଟ୍ଟନାୟକଂକ ଗଳ୍ପ ସଂକଳନର ଇଂରାଜୀ ଅନୁବାଦ Childhood Days (୨୦୧୮)( ହରେକୃଷ୍ଣ ଦାସଂକ ସହ)
୩) ମେକ୍ସିକାନ୍ କବି ଅକ୍ଟାଭିଓ ପାଜ୍‌ଂକ କବିତାର ଓଡିଆ ଅନୁବାଦ(୨୦୧୬),
୪) ହିଂଦୀ କବି କେଦାରନାଥ ସିଂହଂକ କବିତା ସଂକଳନର ଓଡିଆ ଅନୁବାଦ (୨୦୨୦)
୫) ମହାଶ୍ୱେତା ସାହୁଂକ ଗଳ୍ପ ସଂକଳନର ଇଂରାଜୀ ଅନୁବାଦ Obscure Goddess(୨୦୨୦)(ହରେକୃଷ୍ଣ ଦାସଂକ ସହ)
୬) ଅନନ୍ତିନୀ ଝୁମ୍ପା ମିଶ୍ରଙ୍କ ଇଂରାଜୀ ଉପନ୍ୟାସ 'ମ୍ୟାନହଟନ ରୁ ମୁନାର' (୨୦୨୦)ର ଓଡ଼ିଆ ଅନୁବାଦ
୭) ରାଧା; ଏ ସାଗା ଅଫ୍ ବ୍ୟାରେନ୍ ବ୍ଲିସ୍( ୨୦୨୨) - ସହ ଅନୁବାଦିକା- ବିଜୟ ତ୍ରିପାଠୀଙ୍କ କବିତା ସଙ୍କଳନର ଇଂରାଜୀ ଅନୁବାଦ



ପିତା ବିଶିଷ୍ଟ କବି ଡ. ବଂଶୀଧର ଷଡଙ୍ଗୀଙ୍କ ସହ ଈପ୍‌ସିତା...

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ମୁଁ ଯଥେଷ୍ଟ ଆଶାବାଦୀ । ହିନ୍ଦୀ, ଇଂରାଜୀ ଆଦି ଭାଷା ମାଧ୍ୟମରେ ଭାରତ ତଥା ଆନ୍ତର୍ଜାତୀୟ ସାହିତ୍ୟ ପଢ଼ିବାର ସୁଯୋଗ ପାଇଥାଏ । କେବଳ ସମାଲୋଚନା ଓ ମୌଳିକ ପ୍ରବନ୍ଧ ରଚନା ବିଭାଗକୁ ଛାଡ଼ିଦେଲେ, ଗଳ୍ପ, କବିତା, ନାଟକ ଓ ଭ୍ରମଣ କାହାଣୀ ଆଦି ବିଭାଗରେ ଓଡ଼ିଆ ଭାଷାର ରଚନା ଖୁବ୍ ଉଚ୍ଚକୋଟୀର । ଆମ ଭାଷାରେ ରଚିତ କବିତାର ହିନ୍ଦୀ ଅନୁବାଦ ଜରିଆରେ ଭାରତର ଭିନ୍ନ ଭିନ୍ନ ପ୍ରାନ୍ତରରେ ପ୍ରକାଶ ପାଇବା ପରେ ଅନୁବାଦିକା ଭାବରେ ମିଳୁଥିବା ଅନୁଭୂତିରୁ ମୁଁ ଏହା ଦୃଢ଼ ଭାବରେ କହିପାରେ । ହଁ, ଆପଣଙ୍କ ପ୍ରଶ୍ନ- କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ- ଏକ ବଡ଼ ପ୍ରସଙ୍ଗ । ଯୁଗ ବଦଳିବା ସଂଗେ ସଂଗେ ମନୋରଂଜନର ମାଧ୍ୟମରେ ବ୍ୟାପକ ପରିବର୍ତ୍ତନ ଘଟୁଛି । ଏବଂ ଏ ପରିବର୍ତ୍ତନର ବ୍ୟବଧାନ ଖୁବ୍ କମ୍ ସମୟର ମଧ୍ୟ । ଏଣୁ ସାହିତ୍ୟକୁ ଯୁଗୋପଯୋଗୀ କରାଯିବାର ଆବଶ୍ୟକତା କଥା ଭାବିବାର ସମୟ ଆସିଛି ଏବେ, ସମସ୍ତଙ୍କ ପାଇଁ । ଦ୍ୱିତୀୟତଃ, ପାଠ୍ୟକମରେ ରହୁଥିବା ଗପ, କବିତାର ପାଠକୀୟତା ସୁଦୂରପ୍ରସାରୀ । ଏଣୁ ପାଠ୍ୟପୁସ୍ତକରେ ରହୁଥିବା ଗଳ୍ପ, ପ୍ରବନ୍ଧ, କବିତା ଓ ଏକାଙ୍କିକା ଆଦି ପ୍ରତି ୨/୩ ବର୍ଷରେ ବଦଳେଇବାର ଆବଶ୍ୟକତା ଆସିଛି । ତୃତୀୟତଃ, ଇଂରେଜୀ, ହିନ୍ଦୀ ଅନୁବାଦ ମାଧ୍ୟମରେ ଆମ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ କୃତିକୁ ବାହାରେ ପ୍ରଚାର ପ୍ରସାର କରିବାର ଆବଶ୍ୟକତା ଆସିଯାଇଛି । ଏବେ ସାହିତ୍ୟକୁ, ବର୍ତ୍ତମାନର ସାହିତ୍ୟକୁ, ପତ୍ରପତ୍ରିକାକୁ ନେଇ କର୍ମଶାଳା ଆୟୋଜନ ସ୍କୁଲ ଓ କଲେଜ ସ୍ତରରେ କରାଗଲେ, ଆମେ ଯୁବମାନସକୁ ମଧ୍ୟ ନିଜ ସାହିତ୍ୟ ପ୍ରତି ଆକୃଷ୍ଟ କରିପାରିବା । ଭର୍ଚୁଆଲରେ ନୁହେଁ ବାସ୍ତବ କ୍ଷେତ୍ରରେ ସାହିତ୍ୟକୁ ନେଇ ଚର୍ଚ୍ଚା କରିବା ଓ ସାଧାରଣ ଜନମାନସକୁ ଏଥିରେ ମିଶାଇବାର ପ୍ରୟାସ କରିବା ଜରୁରୀ । ବ୍ୟକ୍ତିଗତ ଅଭିଜ୍ଞତାରୁ ଜାଣିଛି, ବଡ଼ ବଡ଼ କବି, ସାହିତ୍ୟିକ ମାନଙ୍କୁ ବହିଟିଏ ଦେଲେ, ସେମାନେ ବା କେତେ ପଢ଼ନ୍ତି ! କିନ୍ତୁ ସାଧାରଣ ଆଗ୍ରହୀ ପାଠକଟିଏ ବହିଟିକୁ ପଢ଼େ । ଆମୂଳଚୂଳ ବୁଝିବାକୁ ଚେଷ୍ଟା କରେ ଏବଂ ତା' ମତାମତ ଜଣାଏ । ଏସବୁକୁ ନେଇ ଏକ ପ୍ରସ୍ତୁତି କରିବା ନିତାନ୍ତ ଆବଶ୍ୟକ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟିକୁ ଆଧାର କରି କୁହାଯାଇ ପାରିବ କି ?

■■ ଯେକୌଣସି ଭାଷା ହେଉନା କାହିଁକି, ଯଦି ଶେଷ ଗୋଟିଏ ଲୋକ ସେ ଭାଷା କହୁଛି ଏବଂ ବ୍ୟବହାର କରୁଛି, ତାହା ବଂଚିରହିଥିବ । ତେବେ ଆମ ମାତୃଭାଷା ଓଡ଼ିଆ ଜମା ସଂକଟରେ ଅଛି ବୋଲି ପ୍ରତେ ହୁଏ ନାହିଁ । ହଁ, ଇଂରାଜୀ ଓ ହିନ୍ଦୀଭାଷା ପରି ଏହା ପ୍ରଯୁକ୍ତି ବିଦ୍ୟା ପାଇଁ ସେତେଟା ଅନୁକୂଳ ହୋଇପାରି ନାହିଁ । ଏହାକୁ ବିକଶିତ କରାଯିବାର ପ୍ରଚେଷ୍ଟାରେ ଅନେକ ଯୁବବିଜ୍ଞାନୀ ଚେଷ୍ଟା କରୁଛନ୍ତି । ସାହିତ୍ୟ ଏହାର ଅନ୍ୟ ଏକ ଆଧାର ବୋଲି କୁହାଯାଇପାରେ । ଆମ ସଂସ୍କୃତି, ପରମ୍ପରା, ଭାଷାର ବିଶେଷତ୍ୱ ଏବଂ ଅନେକ ପ୍ରକାର ଉପଭାଷାର ସାହିତ୍ୟରେ ପ୍ରୟୋଗ- ଏ ଦିଗରେ ଅନେକ ସହାୟତା କରେ ନାହିଁ କି !

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଭଲ କବିତାର ସଂଜ୍ଞା ବାହାର କରିବା ଏକରକମ ଦୁଃସାଧ୍ୟ ନୁହେଁ କି ! ବ୍ୟକ୍ତି ବିଶେଷଙ୍କ ବ୍ୟକ୍ତିଗତ ରୁଚି କି ନେଇ କବିତା ଭଲ ଲାଗେ ଅବା ଲାଗେ ନାହିଁ । କିନ୍ତୁ ମତେ ଲାଗେ ଏକ ସଂବେଦନଶୀଳ ଘଟଣାର ପ୍ରତିକ୍ରିୟାର କଳାତ୍ମକ ପ୍ରତିଫଳନ ଏକ ପ୍ରତିବେଦନ, ଏକ ଭଲ କବିତା ରଚନା ପ୍ରଚ୍ଛଦରେ ଥାଏ । ସାହିତ୍ୟ ଭିତରେ ବୁଡ଼ି ରହିଥିବା ମଣିଷ, ସାହିତ୍ୟ ନିତ୍ୟ ସାଧନା କରୁଥିବା ମଣିଷ ଟିକେ ଅଧିକ ସଂବେଦନଶୀଳ- ମୁଁ ଭାବେ । ଏଣୁ ଏ ମଣିଷମାନେ କ୍ରୁର ଓ ନୃଶଂସ ହେଇ ପାରନ୍ତି ନାହିଁ । ବିଶ୍ୱାସ ଉପରେ ପ୍ରଗାଢ଼ ବିଶ୍ୱାସ ରଖି ଜୀବନ ବଂଚୁଥାନ୍ତି ଏମାନେ । ହଁ, ଅନେକ ସମୟରେ କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ନାଟକ ଆଦି ଦ୍ୱାରା ପ୍ରଭାବିତ ହୋଇଥାନ୍ତି ସାହିତ୍ୟକୁ ଭଲପାଉଥିବା ମଣିଷମାନେ । ଏଣୁ ସାହିତ୍ୟ ମାଧ୍ୟମରେ ମଣିଷ ମାନସିକତା ପରିବର୍ତ୍ତନ ସମ୍ଭବ ବୋଲି ମୋର ହୃଦ୍‌ବୋଧ ହୁଏ ।

■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଆମ ଭାଷା ସାହିତ୍ୟ ଭାରତୀୟ ଅନ୍ୟ ଭାଷାରେ ରଚିତ ସାହିତ୍ୟ ତୁଳନାରେ ଖୁବ୍ ଉନ୍ନତ । ମୁଁ ଆମ ସାହିତ୍ୟିକ କୃତିକୁ ଜାତୀୟ, ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହେଉଥିବାର ସ୍ୱପ୍ନ ଦେଖେ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ କବି ଜୀବନ କଥା ନିର୍ଦ୍ଦିଷ୍ଟ ଭାବରେ କହୁଛି । କବିତାର ପାଠକ ସ୍ୱତନ୍ତ୍ର ଏବଂ କମ୍ । ପୁରସ୍କାର କବିର ପାଠକୀୟତା ଏବଂ କବିର ପଠନଶୀଳତା ବୃଦ୍ଧି କରିଥାଏ । ଅନେକ ପାଠକ ଥାଆନ୍ତି ଯେଉଁମାନେ ପୁରସ୍କୃତ କୃତିଟିକୁ ହିଁ ପଢ଼ିବାକୁ ପସନ୍ଦ କରନ୍ତି । କିନ୍ତୁ ଏସବୁ ବାଦେ, ଯେଉଁ କବିର କବିତା, ତାର ସ୍ୱତନ୍ତ୍ର ପାଠକମାନଙ୍କୁ ଭଲ ଲାଗେ, ସେ ପାଠକମାନଙ୍କ ପାଖରେ ପୁରସ୍କାରର ବିଶେଷ କିଛି ମହତ୍ୱ ରଖେ ନାହିଁ । ସାହିତ୍ୟ ମାଧ୍ୟମରେ ମଣିଷର ମଣିଷ ପ୍ରତି ଭଲପାଇବା ଓ ସଂବେଦନଶୀଳତାର ବୃଦ୍ଧି ଘଟିବା ସମ୍ଭବ ବୋଲି ମୋର ବିଶ୍ୱାସ । ଯଦି ଏହି ବାର୍ତ୍ତାଟି ସାହିତ୍ୟ ଜରିଆରେ ସଂଚରିତ ହୋଇପାରେ, ତେବେ ସାହିତ୍ୟ ସର୍ଜନା ସାର୍ଥକ ହେବ ।



ସୁଖୀ ପରିବାର : ଏକମାତ୍ର କନ୍ୟା ଓ ସ୍ୱାମୀ କବି ହରେକୃଷ୍ଣ ଦାସଙ୍କ ସହ କବି ଈପ୍ସିତା...



ସମ୍ବର୍ଦ୍ଧିତ ହେବାର ମଧୁମୟ ମୁହୂର୍ତ୍ତ...

# ଜଗତ ଜନନୀଙ୍କ ଚଳନ୍ତି ପ୍ରତିମା



## ଡ.ବିମଳ ଷଡଙ୍ଗୀ

ଜଗତ ଜନନୀ ମା ଦୂର୍ଗା ଅହଂକାର,ଅନ୍ୟାୟ ଏବଂ ଅତ୍ୟାଚାରରରୁ ଜୀବଜଗତକୁ ରକ୍ଷା କରିଥିଲେ । କାଳକ୍ରମେ ସମାଜରେ ସେହି ସତ୍ୟକୁ ଉଜ୍ଜୀବିତ ରଖିବାପାଇଁ ଏକ ପରମ୍ପରା ମାଧ୍ୟମରେ ଦୂର୍ଗା ପୂଜାର ପାଳନ ଆରମ୍ଭ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସମାଜର କିଛି ନେସ୍ତସ୍ୱାର୍ଥ ଗୋଷ୍ଠୀ ପୂଜାଗୁଡିକୁ ଏପରିଭାବରେ ଆୟୋଜନ କରିବା ଆରମ୍ଭ କରିଛନ୍ତି ଯେପରି ସାଧାରଣ ଜନତା କେବଳ ପୂଜାର ସାଜସଜା, ଧ୍ୱନି, ଆଲୋକସଜା, ମେଲୋଡି ଆଦିକୁ ଦେଖି ପୂଜାକୁ କେବଳ ଆମୋଦ ପ୍ରମୋଦର ଏକ ମାଧ୍ୟମ ଭାବରେ ଭାବି ତାହାର ସାମାଜିକ ଓ ଆଧାତ୍ମିକ ତତ୍ୱର ରହସ୍ୟ ଖୋଜିବାରୁ ବିରତ ହେବେ।

ସମାଜକୁ ଶୋଷଣ ଓ ସାଧାରଣ ଲୋକଙ୍କୁ କଷଣ ଦେବାପାଇଁ ଯୁଗେଯୁଗେ ମହିଷାସୁର ଭଳି ଭିନ୍ନ ଭିନ୍ନ ରୂପରେ ଅଧିକାରୀ,ବେପାରୀ,ଲୋକ ଦେଖାଣିଆ ଜନସେବକ ଇତ୍ୟାଦିମାନେ ନିଜ ନିଜର ପତିଆରା ଓ ସେମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ଏହି ପୂଜାଗୁଡିକୁ ସେମାନଙ୍କର ସୁରକ୍ଷିତ ମାଧ୍ୟମ ଧରିନେଇଥାଆନ୍ତି ।ଆଧୁନିକ ଯୁଗର ଯୁବକ ଯୁବତୀମାନେ ସେମାନଙ୍କ ବୁଲାବୁଲି ମଉଜ ମଜଲିସ ଓ ଖିଆପିଆର ସ୍ଥାନ ଭାବରେ ଏହାକୁ ବାଛି ନେଇଥିବା ସମୟରେ ସାଧାରଣ ବ୍ୟକ୍ତିଟି ନିଜର କଷ୍ଟାର୍ଜିତ ଅର୍ଥ ଧ୍ୱଂସକରି କେବଳ ମୁଣ୍ଡରେ ଟୀକାଟିଏ ମାରି ମନଖୁସିରେ ଘରକୁ ଫେରେ କାରଣ ପୂଜାର ମାହାତ୍ମ୍ୟ ବୁଝିବାକୁ ତାର ସମୟ ବା ସାମର୍ଥ୍ୟ ନଥାଏ,ଫଳରେ ଶକ୍ତିପୂଜାର ସାମାଜିକ ଓ ଆଧାତ୍ମିକ ତତ୍ୱ ଆଜି ଲୋକଲୋଚନର ବହୁ ଦୂରରେ ।ଏହାକୁ ଉଜ୍ଜୀବିତ କରିବାର ଦାୟିତ୍ୱ କେବଳ ମାନବ ପ୍ରେମୀ ସତ୍ୟବାନ, ସ୍ପଷ୍ଟବାଦୀ, ନିରପେକ୍ଷ, ନିର୍ଭୀକ ଲେଖକ, କବି, ସ୍ତମ୍ଭକାର, ସମାଜସେବୀ,ଗାଳ୍ପିକ,ଔପନ୍ୟାସିକ ଆଦିଙ୍କର ଗୁରୁ ଦାୟିତ୍ୱ ଭାବରେ ଉଭା ।

ଅନେକ ସମୟରେ ଦେଖାଯାଏ କିଛି ଖଳ ପ୍ରକୃତିର ବ୍ୟକ୍ତି ଠକେଇ,ମିଥ୍ୟା ,ବ୍ୟଭିଚାର ମାଧ୍ୟମରେ ପୁଳାପୁଳା ଅର୍ଥ ଠୁଳ କରନ୍ତି ଓ ସମାଜରେ ଶକ୍ତିଶାଳୀ ବ୍ୟକ୍ତି ଭାବରେ ପରିଚିତ ହୋଇଥାଆନ୍ତି ।ଯେତେଦିନ ପର୍ଯ୍ୟନ୍ତ ସାଧାରଣଲୋକେ ସଚେତନ ଓ ସଂଗଠିତ ହୋଇନଥାନ୍ତି ସେତେଦିନ ପର୍ଯ୍ୟନ୍ତ ସେମାନେ ନିଜର ପତିଆରା ଦେଖାଇ ସାଧାରଣ ବ୍ୟକ୍ତିଙ୍କୁ ଧମକ ଦେଇ ଡରାଇ ଶୋଷଣ କରନ୍ତି। ମାତ୍ର ଇତିହାସ କହେ ସେହିପରି ବ୍ୟକ୍ତିଙ୍କ ବିପର୍ଯ୍ୟୟ ଅବଶ୍ୟମ୍ଭାବୀ ।ଯେତେବେଳେ ଜନତା ସଜାଗ ହୋଇଥାଆନ୍ତି ସେତେବେଳେ ଜନଜାଗରଣ ଜାଗିଉଠେ ଓ ତାସର ତାଜମହଲର ପରି ସେମାନଙ୍କ ପତନ ଆରମ୍ଭ ହୁଏ।

ଦୀର୍ଘ ବର୍ଷର ମୋଗଲ ଓ ଇଂରେଜଙ୍କ ଅତ୍ୟାଚାରିତ ଶାସନ ଅନ୍ତ କେବଳ ଜନଜାଗରଣରୁ ସମ୍ଭବ ହୋଇଥିଲା ।ଝାଁସୀ ରାଣୀ ,ଭଗତ ସିଂ ଇତ୍ୟାଦିଙ୍କ ଠାରୁ ଆରମ୍ଭକରି ମହାତ୍ମାଗାନ୍ଧୀ,ସୁଭାଷ ବୋଷ,ନେହେରୁ,ବକ୍ସି ଜଗବନ୍ଧୁ,ବୀର ସୁରେନ୍ଦ୍ରସାଏ,ଗୋପବନ୍ଧୁ, ମଧୁସୂଦନ, ଗୋଦାବରୀଶ ଇତ୍ୟାଦିଙ୍କ ସହିତ ଲକ୍ଷ ଲକ୍ଷ ନେତା,ପତ୍ରକାର,ଲେଖକ,କବି ,ଛାତ୍ରଛାତ୍ରୀ ,ଯୁବକ ଯୁବତୀଙ୍କ ଆହ୍ୱାନରେ ସାଧାରଣ ଜନତାଙ୍କ ଜାଗରଣରୁ ସ୍ୱାଧୀନତା ଲାଭ ହୋଇଥିଲା । ମୋଗଲ ଓ ଇଂରେଜ ସିନା ଦେଶରୁ ଚାଲିଗଲେ ହେଲେ ସେମାନଙ୍କ କୁଗୁଣ କିଛି ଦେଶୀ ଠଗମାନଙ୍କୁ ଦାନ ସ୍ୱରୂପ ଦେଇଗଲେ ଯାହା ୧୯୦୩ ମସିହାରେ ଜନ୍ମଗ୍ରହଣ କରିଥିବା ସମାଜବାଦୀ ଚିନ୍ତାଧାରର ଲେଖକ ଜର୍ଜ ଅରୱେଲଙ୍କ ଉପନ୍ୟାସ 'ଆନିମାଲ ଫାର୍ମ' କୁ ମନେପକାଇବାକୁ ବାଧକରେ ।

ଏପରି ପରିସ୍ଥିତିରେ ଦୁର୍ନୀତି, ଜାତିବାଦ, ଅସମାନତା, ସାମ୍ପ୍ରଦାୟିକତା ଭଳି ଆଧୁନିକ ରାକ୍ଷସମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ମା ଦୂର୍ଗା ଓ ମା କାଳୀ ରୂପରେ ଲେଖକମାନେ ସେମାନଙ୍କ କଲମର ସଠିକ ବ୍ୟବହାର କରିବା ଅତ୍ୟନ୍ତ ଆବଶ୍ୟକ । ଅରୁନ୍ଧତୀ ରାୟ ବିସ୍ଥାପନ ଏବଂ ଅନ୍ୟାୟ ଉପରେ ପ୍ରଶ୍ନ ଉଠାଇଥିଲେ,ରବିଶ କୁମାର ମିଥ୍ୟା ଖବର ବିରୁଦ୍ଧରେ ତାଙ୍କର ଲେଖା ଜାରିରଖିଛନ୍ତି । ମା ଦୂର୍ଗା ଓ ମା କାଳୀଙ୍କ ଦଶଭୁଜର ଅସ୍ତ୍ର ସଦୃଶ ଲେଖକଙ୍କ ଅସ୍ତ୍ର ହେଉଛି ଗଳ୍ପ,କବିତା, ଉପନ୍ୟାସ, ସାମ୍ବାଦିକତା, ବ୍ୟଙ୍ଗ, ପ୍ରବନ୍ଧ,ଚିତ୍ର,ସ୍ତମ୍ଭ, ଇତ୍ୟାଦି ଯାହାଦ୍ୱାରା ଏକତ୍ର ଭାବରେ ଅଜ୍ଞତା, ଦୁର୍ନୀତି,ଜାତିବାଦ,ଅସମାନତା,ସାମ୍ପ୍ରଦାୟିକତା,ମିଥ୍ୟାଖବର ପ୍ରସାରଣ ଏବଂ ଉଦାସୀନତା ବିରୁଦ୍ଧରେ ଲଢେଇ କରାଯାଇପାରିବ। ହରିଶଙ୍କର ପରସାଇଙ୍କ ବ୍ୟଙ୍ଗ କିମ୍ବା ଯୁବ ବ୍ଲଗରମାନଙ୍କର ଠକେଇର ଉନ୍ମୋଚନ କରିବା ପାଇଁ ବ୍ୟବହୃତ ସୋସିଆଲ ମିଡିଆ 'ଥ୍ରେଡ୍' ତରବାରୀ ପରି ତୀକ୍ଷ୍ଣ । ଲେଖକମାନେ ସତ୍ୟ, କଳ୍ପନା ଏବଂ ସାହସରୁ ଶକ୍ତି ଆଣି ସମାଜରେ ଘଟୁଥିବା ଅନ୍ୟାୟ ବିରୁଦ୍ଧରେ ନିଜର ସ୍ୱର ଉତ୍ତୋଳନ କରିବା ଆବଶ୍ୟକ ଯାହା ସାଧାରଣ ଲୋକଙ୍କୁ ଅତ୍ୟାଚାର ବିରୁଦ୍ଧରେ ଠିଆହେବାପାଇଁ ଶକ୍ତି ଓ ମନକୁ ଶାନ୍ତି ଦେଇପାରିବ ଯେପରି ପେରୁମାଲ ମୁରୁଗାନଙ୍କ ଉପନ୍ୟାସଗୁଡ଼ିକ ଉପାନ୍ତ ସମ୍ପ୍ରଦାୟକୁ ସ୍ୱର ପ୍ରଦାନ କରିଥିଲା ଓ ଚିମାମାଣ୍ଡା ଙ୍ଗୋଜି ଆଦିଚିଙ୍କ ପରି ନାରୀବାଦୀ ଲେଖକମାନେ ବିଶ୍ୱ ଯୁବପିଢ଼ିଙ୍କୁ ପ୍ରେରଣା ଦେଇପାରିଥିଲା ।

ପ୍ରେରଣାଦାୟକ ସାମୂହିକ ଜାଗରଣର ପ୍ରତୀକ ମା ଦୁର୍ଗାଙ୍କ ପୂଜା ଏକ ଉତ୍ସବ ଯେଉଁଠାରେ ସମସ୍ତ ସମ୍ପ୍ରଦାୟକୁ ସାହସ ଏବଂ ମନ୍ଦ ଉପରେ ଭଲର ପାଳନ କରିବାକୁ ଏକତ୍ରିତ କରେ ।ସେହିପରି ସାହିତ୍ୟ ଯେତେବେଳେ ଏକପୁସ୍ତକ,ପ୍ରବନ୍ଧ,କବିତା ଇତ୍ୟାଦି ଭାବରେ ବ୍ୟାପେ ସେତେବେଳେ ଏହା ଲୋକମାନଙ୍କୁ ଭାବପ୍ରବଣ ଏବଂ ବୌଦ୍ଧିକ ଭାବରେ ଏକତ୍ରିତ କରେ ।ଯେପରି ୪ ମି ଠୁ (ଗରଞ୍ଜକ୍ଟକ୍ଟ) ସମୟରେ ବ୍ୟକ୍ତିଗତ ପ୍ରବନ୍ଧ ଏବଂ କାହାଣୀଗୁଡ଼ିକ ମା ଦୁର୍ଗା ଓ ମା କାଳୀଙ୍କ ପରି ଶକ୍ତିଶାଳୀ ହୋଇ ସାମାଜିକ ଜାଗରଣ ଆଣିଥିଲା । ହଜାର ହଜାର ଲୋକଙ୍କୁ ସ୍ୱରଉତ୍ତୋଳନ କରିବାକୁ ସାହସ ଦେଇଥିଲା। ପ୍ରତ୍ୟେକ ପିଢ଼ି ସମାଜର ସମସ୍ୟାଗୁଡ଼ିକୁ ପୁନଃକଳ୍ପନା କରୁଥିବା ଲେଖକମାନଙ୍କୁ ସୃଷ୍ଟି କରେ। ଯୁବ କବିମାନେ ଇନଷ୍ଟାଗ୍ରାମ ,ଫେସବୁକ ଇତ୍ୟାଦି ପରି ଆଜିର ଆଧୁନିକ ଯୁଗର ଅସ୍ତ୍ର ଦ୍ୱାରା ଜଳବାୟୁ ପରିବର୍ତ୍ତନ, ଜାତି ସମସ୍ୟା ଏବଂ ବେକାରୀ ବିଷୟରେ ସଂକ୍ଷିପ୍ତ ଜନଜାଗରଣ ବାର୍ତ୍ତା ଦେଇ ଲୋକଲୋଚନକୁ ଆଣିବାକୁ ସମର୍ଥ ହୋଇଛନ୍ତି ।

ଗୋଟିଏ ଧାଡିରେ ତୁଳନାକଲେ ମା ଦୁର୍ଗା ଓ ଓ ମା କାଳୀ ଖଳ ଦୁର୍ଜନଙ୍କୁ ସଂହାର କରିବାକୁ ଯେପରି ଅସ୍ତ୍ର ବ୍ୟବହାର କରିଥିଲେ ଲେଖକମାନେ ସେପରି ନିଜର କଲମ, କାଗଜ, ଶବ୍ଦ ପରି ଅସ୍ତ୍ର ବ୍ୟବହାର କରି ସମାଜର ଅଘୋଷିତ ଅନ୍ୟାୟ ବିରୁଦ୍ଧରେ ଲଢିପାରନ୍ତି ।ଉଭୟ ଅତ୍ୟାଚାରୀଙ୍କ ମଧ୍ୟରେ ଭୟ ଏବଂ ଦୁର୍ବଳଙ୍କ ମଧ୍ୟରେ ଆଶା ସୃଷ୍ଟି କରନ୍ତି। ଦୁର୍ନୀତି, ପଦ୍ଧତିଗତ ଅନ୍ୟାୟ, ଜମିର ଆବଣ୍ଟନ, ଜାତୀୟତାବାଦ, ସରକାରୀ ଏବଂ କର୍ପୋରେଟ୍ କ୍ଷେତ୍ରରେ କ୍ଷମତାର ଅପବ୍ୟବହାର ମୂଳୋତ୍ପାଟନ ପାଇଁ ସ୍ୱର ଉତ୍ତୋଳନ କରନ୍ତି ଠିକ ଯେପରି ଜୋସି ଜୋସେଫଙ୍କ 'ଶକୁନିମାନଙ୍କର ଏକ ପର୍ବ' ହେଉ ବା ଅରବିନ୍ଦ ଆଡିଗାଙ୍କ 'ଧଳା ବାଘ' ଏକ କାଳ୍ପନିକ ଉପନ୍ୟାସ ହେଉ ବା ସୁନେତ୍ର ଚୌଧୁରୀ ଏବଂ ସୁନୀଲ ଗୁପ୍ତାଙ୍କ 'କଳା ୱାରେଣ୍ଟ' ହେଉ , ସବୁ ଗୁଡିକ ଗୋଟିଏ ଗୋଟିଏ ଦୁର୍ନୀତି ବିରୁଦ୍ଧରେ ସ୍ୱର ।

ନିଚ୍ଚ ପ୍ରବୃତ୍ତିରୁ ନିବୃତ୍ତ ପାଇଁ ଯେତେବେଳେ ଜ୍ଞାନ ଓ ବିଜ୍ଞାନର ଉତ୍ଥାନ ମଣିଷକୁ ସଚେତନ କରାଏ ସେତେବେଳେ ଚେଷ୍ଟା ଚାଲେ ଅଜ୍ଞାନ ଅନ୍ଧକାରକୁ ଅଗ୍ରାଧିକାର ଦେବାକୁ ,ଯାହା ଆଜିକାଲିର ଚଞ୍ଚକତାର ମାଧ୍ୟମ କହିଲେ କିଛି ଭୁଲ ହେବନାହିଁ ।ଯେଉଁସମୟରେ ଲେଖକର ଲେଖାକୁ ପଢିବାକୁ ପରପିଢୀର ସମୟ ବା ଆଗ୍ରହ ନଥାଏ କାରଣ ପରପିଢି ବା ମିଲେନିୟାମ ଓ ଜେଡ ଜେନେରେସନ ବା ତାପରପିଢୀ ପାଖରେ ଆଡା ଜମେଇ ତାକୁ ବିପଥଗାମୀ କରିଥାଏ ମହିଷାସୁରର ସହଚରୀ ଫେସବୁକ, ଟିକଟାକ, ହ୍ୱାଟସଆପ,ଲିଙ୍କଡିନ,ଚାଟ ଗିପିଟି,ଡ୍ରିମ୧୧ଆଦି ଶୁମ୍ଭ ନିଶୁମ୍ଭ ପରି ପ୍ରଳୟଙ୍କରୀ ମହିଷାସୁର ସାମ୍ରାଜ୍ୟର ସଖାସଖୀମାନେ ଓ ତାକୁ ନିଶାରେ ବୁଡାଇ ଥାଏ ବ୍ରାଉନ ସୁଗର,ମଦ ,ଗଞ୍ଜା ,ବିଡି ,ସିଗାରେଟ ଆଦି ସହଚରୀଙ୍କ ସାଥିରେ । ଠିକ ସେତିକି ବେଳେ ସେମାନଙ୍କୁ ନିର୍ଭୟ ଦେଇ ସହାୟ ହୁଅନ୍ତି ସମାଜର କିଛି ତଥାକଥିତ ଶିକ୍ଷିତ, ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଅନେକ ଅଧିକାରୀ, ବେପାରୀ ଓ ଛଦ୍ମବେଶୀ ଦେଶ ସେବକଙ୍କ ପରି ଶୁକ୍ରାଚାର୍ଯ୍ୟମାନେ ।ସେହି ଘଡିସନ୍ଧି ମୁହୂର୍ତ୍ତରେ ଲେଖକ ମନୋବଳ ଶକ୍ତକରି ଜାଗିଉଠେ ନିଜର କଲମ ଧରି ଓ ଦିଗବଳୟ ଛୁଇଁବାର ଆଶା ରଖି ସେମାନଙ୍କ ଗଳ୍ପ,କବିତା,ସମାଲୋଚନାମୂଳକ ପ୍ରବନ୍ଧ,ସ୍ତମ୍ଭ ଇତ୍ୟାଦି ଜାରି ରଖେ ଓ ପ୍ରେରଣାର ଉତ୍ସ ଭାବରେ ତାପାଖରେ ଥାଏ ହ୍ୟାରିଏଟ୍ ବିଚର ଷ୍ଟୋଙ୍କ 'ଅଙ୍କଲ ଟମ୍ସ କ୍ୟାବିନ୍' ଭଳି ଉପନ୍ୟାସ ମାଧ୍ୟମରେ ।



ଯେଉଁ ସମୟରେ ଆମେରିକାରେ ଦାସସମ୍ପ୍ରଦାୟ ନିରକ୍ଷର ଓ ଉପନ୍ୟାସ ପଢିବାର ବହୁ ଦୂରରେ ଥିଲେ ତଥାପି ଏହା ସେମାନଙ୍କୁ ପ୍ରଭାବିତ କରିଥିଲା ଭିନ୍ନ ଏକ ମାଧ୍ୟମରେ। ଉନବିଂଶ ଶତାବ୍ଦୀରେ, ଚର୍ଚ୍ଚ, ସ୍କୁଲ ଏବଂ ସମ୍ପ୍ରଦାୟ ସମାବେଶରେ ପୁସ୍ତକଗୁଡ଼ିକୁ ଉଚ୍ଚ ସ୍ୱରରେ ପଢ଼ାଯିବା ବହୁତ ସାଧାରଣ ଥିଲା ଯାହାର ସୁଯୋଗରେ 'ଅଙ୍କଲ ଟମ୍ସ କ୍ୟାବିନ୍' ଭଳି ଉପନ୍ୟାସ ଅନ୍ୟମାନଙ୍କୁ ନାଟକୀୟ ଢଙ୍ଗରେ ଉଚ୍ଚ ସ୍ୱରରେ ପଢ଼ି ଶୁଣାଯାଇଥିଲା । ଏହାର ଭାବପ୍ରବଣ, ସରଳ ଏବଂ ନୈତିକ ସ୍ୱର ଲୋକଙ୍କ ହୃଦୟକୁ ସହଜରେ ସଂଯୋଗ କରିଥିଲା। ଖବରକାଗଜ ଏବଂ ଶସ୍ତା ସଂସ୍କରଣରେ ଧାରାବାହିକୀକରଣ ଉପନ୍ୟାସର ବଡ଼ ଅଂଶ ବହୁଳ ଭାବରେ ପ୍ରସାରିତ ପତ୍ରିକା ଏବଂ ପତ୍ରପତ୍ରିକାରେ ଧାରାବାହିକ ଭାବରେ ମୁଦ୍ରିତ ହୋଇଥିଲା। ଯେଉଁମାନେ ପଢ଼ି ପାରୁନଥିଲେ ସେମାନେ ସାକ୍ଷର ଥିବା ପଡ଼ୋଶୀ, ପ୍ରଚାରକ କିମ୍ବା କର୍ମୀଙ୍କଠାରୁ ସାରାଂଶ କିମ୍ବା ପୁନଃକଥନ ଶୁଣୁଥିଲେ,ନାଟକ ଦେଖୁଥିଲେ ଇତ୍ୟାଦି । ଅର୍ଥାତ ଯେଉଁମାନେ କେବେ ପୁସ୍ତକ ପଢ଼ି ନଥିଲେ କିନ୍ତୁ ପ୍ରଦର୍ଶନ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ଦୃଶ୍ୟ, ଚିତ୍ର, ନାଟକର ଶସ୍ତା ସଂସ୍କରଣ ଏବଂ ପୋଷ୍ଟରରେ ଚିତ୍ରଣଗୁଡ଼ିକ ଦାସତ୍ୱର ନିଷ୍ଠୁରତା ଏବଂ ଦାସ ପରିବାରର ଯନ୍ତ୍ରଣାର ଶକ୍ତିଶାଳୀ ପ୍ରତିଛବି ପ୍ରସାରିତ ହୋଇଥିଲା।ନିରପେକ୍ଷ ବକ୍ତାମାନେ ପ୍ରାୟତଃ ଉପଦେଶ, ରାଲି ଏବଂ ସାର୍ବଜନୀନ ଭାଷଣରେ 'ଅଙ୍କଲ ଟମ୍ସ କ୍ୟାବିନ୍' କୁ ପୁନଃ ବର୍ଣ୍ଣନା କରୁଥିଲେ। ନିରକ୍ଷର ଲୋକଙ୍କ ପାଇଁ, 'ଅଙ୍କଲ ଟମ୍ସ କ୍ୟାବିନ୍' କେବଳ ଏକ ପୁସ୍ତକ ନଥିଲା ବରଂ ଏହା ଏକ ମୌଖିକ ପାଠ, ନାଟକ, ଚିତ୍ର ଏବଂ ଉପଦେଶ ମାଧ୍ୟମରେ କୁହାଯାଉଥିବା ଏକ ଜୀବନ୍ତ ସାମାଜିକ ବିପ୍ଳବ ହୋଇଗଲା। ଏହା ବିଲୋପବାଦୀ ଭାବନାକୁ ବ୍ୟାପକ ଭାବରେ ପ୍ରସାରିତ କଲା, ଦାସତ୍ୱକୁ କେବଳ ଏକ ରାଜନୈତିକ ପ୍ରସଙ୍ଗ ପରିବର୍ତ୍ତେ ଏକ ବ୍ୟକ୍ତିଗତ ଏବଂ ଭାବପ୍ରବଣ ପ୍ରସଙ୍ଗ କଲା। ଏହା ଦାସତ୍ୱ ବିରୋଧୀ ଆନ୍ଦୋଳନର ବ୍ୟାପକତା ପାଇଁ ଭୂମି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା ସହିତ ବୈପ୍ଳବିକ ପରିବର୍ତ୍ତନକୁ ଇନ୍ଧନ ଦେଇ ଏକ ଦାସତ୍ୱ ମୁକ୍ତ ସମାଜକୁ ଗଠନ କରିଥିଲା ।

ଯୁଗେ ଯୁଗେ ସମାଜରେ ଅନୀତି,ଅସତ୍ୟ ,ଅରାଜକତାର ବାହକମାନେ ଚଞ୍ଚକତାର ସହିତ ବିଭିନ୍ନ ରୂପରେ ସମାଜକୁ ଶୋଷଣ ,କଷଣ ଓ ଅତ୍ୟାଚାର ଦେଇ ଲୁଟି ଚାଲନ୍ତି । ଅତିଷ୍ଠ ସାଧାରଣ ଜନତା ଯେତେବେଳେ ଜାଗ୍ରତ ହୁଅନ୍ତି ସେତେବେଳେ ବିଭିନ୍ନ ପ୍ରକାର ରୂପରେ ସେମାନଙ୍କ ବିନାଶ କରନ୍ତି ।ଭିନ୍ନ ଭିନ୍ନ ରୂପ ଓ ଭିନ୍ନ ଭିନ୍ନ ପ୍ରକାରରେ ସେମାନେ କଠୋର ଭାବରେ ଅତ୍ୟାଚାରୀଙ୍କୁ ନିପାତ କରି କିଛିଦିନ ପାଇଁ ଶାନ୍ତିରେ ରୁହନ୍ତି ।ମାତ୍ର ପୁଣିଥରେ ଉଙ୍କିମାରେ ଅତ୍ୟାଚାରୀଙ୍କ ଉତ୍ପାତ ଭିନ୍ନ ଏକ ରୂପରେ । ସେହି 'ସାଇକୋ ସୋଇଡାଲ' ଉତ୍ଥାନ ପତନ ଚକ୍ରରେ ମଣିଷ ଥକି ନଯାଇ ଟିକିଏ ଶାନ୍ତିରେ ନିଶ୍ୱାସ ପାଇଁ ବାରମ୍ବାର ନିଜର ଚେଷ୍ଟା ଜାରିରଖିଥାଏ ଓ ତାକୁ ସହାୟକ ହୋଇଥାଆନ୍ତି କେବଳ ସତ ଉପରେ ଲେଖନ ଚଳାଉଥିବା ଲେଖକମାନେ ଯେଉଁମାନେ ଜଗତ ଜନନୀ ମା ଦୂର୍ଗାଓ ମା କାଳୀଙ୍କର ଚଳନ୍ତି ପ୍ରତିମା ।

❤ ସଂସାଧନ ବ୍ୟକ୍ତି,ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର,ଭାରତ ସରକାର
ମୋ-୯୪୩୭୧୨୩୮୯୨

---

# ଶବ୍ଦମନ୍ତ୍ର

## ପୂଜା ପତ୍ରିକା ସମୀକ୍ଷା




**ଶାଶ୍ୱତ ପାହାଚ**
ସମ୍ପାଦକ :
**କମଳ କୁମାର ମହାନ୍ତି**
ଠିକଣା : ଭି. ଏସ. ଏସ. ଆପାର୍ଟମେଣ୍ଟ, ରଙ୍ଗ ବଜାର, ସତ୍ୟଭାମା ପୁର, ଭୁବନେଶ୍ୱର
(ମୋ) ୯୪୩୭୬୦୭୯୯୭
ପୃଷ୍ଠା-୨୭୬, ମୂଲ୍ୟ : ୨୦୦/-

ଏବେ ଏବେ ସରିଛି ପାର୍ବଣ। ସାରସ୍ୱତ ଜଗତରେ କିନ୍ତୁ ଲାଗିଛି ପାର୍ବଣର ଋତୁ। ଅନେକ ସରସ, ସୁନ୍ଦର, ସୁଦୃଶ୍ୟ ପତ୍ର ପତ୍ରିକାରେ ବହି ଦୋକାନ, ପାଠକ ଆଉ ଲେଖକର ଘର ଭର୍ତ୍ତି। ଏବେ ମୋ ହାତରେ ରହିଛି ଆମ ସମୟର ଅନ୍ୟତମ ସଂଭ୍ରାନ୍ତ ଆଉ ରୁଚିପୂର୍ଣ ପତ୍ରିକା 'ଶାଶ୍ୱତ ପାହାଚ'ର ପାର୍ବଣ ୨୦୨୫ ସଂଖ୍ୟା। ଯାହାର ସମ୍ପାଦକ ଅଛନ୍ତି ବରିଷ୍ଠ କବି ତଥା ସମ୍ପାଦକ କମଳ କୁମାର ମହାନ୍ତି। ଅନ୍ୟ ସମସ୍ତେ ପତ୍ର ପତ୍ରିକା ପରି ଏଥିରେ ସମ୍ପାଦକୀୟ ସହିତ ଗଳ୍ପ, କବିତା, ପ୍ରବନ୍ଧ ପ୍ରଭୃତି ରହିଛି। ମାତ୍ର ବିଭାଗଗୁଡ଼ିକର ନାମକରଣ ଆମ ସାରସ୍ୱତ ଜଗତର ସେଇ ମହାନ ସ୍ରଷ୍ଟାମାନଙ୍କୁ ପୁଣିଥରେ ମନେ ପକେଇ ଦେବ। ଏଇ ଯେମିତି ସଚ୍ଚି ରାଉତରାୟ କବିତା ପାହାଚ, ଗଡ଼ନାୟକ କବିତା ପାହାଚ, ମାନସିଂହ କବିତା ପାହାଚ, ଜୀବନାନନ୍ଦ ଗୀତିକବିତା ପାହାଚ, ଚିତ୍ତରଞ୍ଜନ ପ୍ରବନ୍ଧ ପାହାଚ, ଫକୀର ମୋହନ କଥା ପାହାଚ, ଗୋଦାବରୀଶ କଥା ପାହାଚ, ନୀଳମଣି ମିଶ୍ର ଅନୁବାଦ ପାହାଚ ଇତ୍ୟାଦି।

ସମ୍ପାଦକୀୟ ପୃଷ୍ଠାଟି ପାଠକଙ୍କୁ କିଛି ସମୟ ଭାବପ୍ରବଣ କରିବ। ଜଣେ ସମ୍ପାଦକ ଭାବରେ ନୁହେଁ ବରଂ ଗାଁ ମାଟି ଆଉ ବହିକୁ ଭଲ ପାଉଥିବା ଗୋଟିଏ ନିର୍ଭେଜାଲ ମଣିଷର ହୃଦୟର କଥା ଆଉ ବ୍ୟଥାକୁ ପାଠକେ ଅନୁଭବ କରି ପାରିବେ। ଆମ ହାତ ପାହାନ୍ତରୁ ଖସି ଯାଉଥିବା ଆମ ଅନ୍ତରଙ୍ଗ ସମୟ, ସୁନେଲି ଅତୀତ ଯଥା ଟୁବି ଗାଡ଼ିଆ, କୁଆଁର ପୁନେଇଁ ଗୀତ, ରଜ ଦୋଳି, ଡାଳମାଙ୍କୁଡ଼ି, ଚକୁଳିଆ ପଣ୍ଡା ଗୀତ, ଗାଈଆଳ ପିଲା ବଇଁଶୀର ଲହରକୁ ନେଇ ରହିଛି ଅନେକ ମାନସ୍ତାପ। ସମାଜ ଗୋଟେ ଅନ୍ତସାରଶୂନ୍ୟ ସମୟ ଦେଇ ଗତି କରୁଛି। ଗତି କରୁନି ତ ଯେମିତି ଏକ ମିଛ ରଙ୍ଗମଖା ଜୀବନର ଘୋଡ଼ାଦୌଡ଼ରେ ସାମିଲ ହୋଇଛି ଯେଉଁଠି ସବୁ କିଛି ମିଛ ସତ ଲାଗୁଚି। ପୁସ୍ତକ କ୍ରୟ କରି ପାଠ କରିବା ଏକ ପୁରାତନ ମାନସିକତା ବୋଲି ବିଚାର କରା ଯାଉଛି। ସେଥିପାଇଁ ବୋଧେ ଆଜି ବିବାହିତ ଝିଅର ସୁଟକେଶରୁ ଉଭାନ ହୋଇ ଯାଇଚି ମଥୁରା ମଙ୍ଗଳ, ଶ୍ରୀମଦ୍ ଭାଗବତ, ବଧୂ ନିରୁପମା ଅଥବା ଭାଗିରଥି ଦାସଙ୍କ ଉପନ୍ୟାସ।

ସମ୍ପାଦକୀୟ ପରେ ପତ୍ରିକାର ଅନ୍ୟତମ ବଳିଷ୍ଠ ବିଭାଗଟି ହେଉଛି ସାକ୍ଷାତକାର ବିଭାଗ। କମନୀୟ କଥନିକାର କୁଳୀନ ସ୍ଥପତି ବିଶିଷ୍ଟ ଗାଳ୍ପିକ ତଥା ଔପନ୍ୟାସିକ ତରୁଣକାନ୍ତି ମିଶ୍ରଙ୍କ ସୃଜନର ପୃଷ୍ଠଭୂମି ଏବଂ ବ୍ୟକ୍ତିଗତ ଜୀବନକୁ ନେଇ ଏକ ଚମତ୍କାର ଫିଚର ସହିତ ନିଆରା ପ୍ରଶ୍ନୋତ୍ତରୀ, ଯାହାକୁ ପ୍ରସ୍ତୁତ କରିଛନ୍ତି ଆମ ସମୟର ସୁପରିଚିତ ଗାଳ୍ପିକ ରବି ପଣ୍ଡା।

ଗାଳ୍ପିକର ମର୍ମକଥାରେ ରହିଛି ତିନିଜଣ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବିରଜା ରାଉତରାୟ ଏବଂ ମଦନ ମହାପାତ୍ରଙ୍କ ନିଜ ସାରସ୍ୱତ ଜୀବନକୁ ନେଇ ବହୁବର୍ଣ୍ଣୀ ଅନୁଭୂତି। ସେମିତି କବି ହୃଦୟର ଭାଷାରେ ରହିଛି ଦୁଇଜଣ ବରିଷ୍ଠ କବି କୌଶିକ ନାୟକ ଏବଂ ଧନଞ୍ଜୟ ସ୍ୱାଇଁଙ୍କ ନିଜ ଶବ୍ଦ ବ୍ରହ୍ମଙ୍କୁ ନେଇ ନୂତନ ଅନୁଭବ ସବୁ ଯାହା ପଢ଼ି ପାଠକେ ବିଭୋର ହେବେ।

ପତ୍ରିକାଟିରେ ରହିଛି ୧୨୪ ଟି ଛନ୍ଦମୁକ୍ତ କବିତା, ୧୭ ଟି ଗୀତି କବିତା ଏବଂ ୬ ଟି ଅନୁବାଦ କବିତା। ମୋଟ ୩୨ଟି ଗଳ୍ପ ମଧ୍ୟରେ ରହିଛି ଦୁଇଟି ଅନୁବାଦ ଗଳ୍ପ। ଗୋଟିଏ ପୁସ୍ତକ ସମୀକ୍ଷା ସହିତ ୬ଟି ଚମତ୍କାର ପ୍ରବନ୍ଧ। ମୋଟାମୋଟି ଭାବରେ କହିବାକୁ ଗଲେ ଅନେକ ବରିଷ୍ଠ ଏବଂ ନୂତନ ପିଢ଼ିର ଲେଖକମାନଙ୍କର ସୁନିର୍ବାଚିତ ଲେଖାକୁ ନେଇ ସମୃଦ୍ଧ 'ଶାଶ୍ୱତ ପାହାଚ' ର ପାର୍ବଣ ସଂଖ୍ୟା ଅବଶ୍ୟ ସଂଗ୍ରହଣୀୟ।

ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

---

# ନରକ ଚତୁର୍ଦ୍ଦଶୀ

## ଡକ୍ଟର ତପନ କୁମାର ପାଲ



ନରକ ଚତୁର୍ଦ୍ଦଶୀରେ ଯମରାଜଙ୍କୁ ପୂଜା କରାଯାଇଥାଏ । ବଳିଙ୍କ ଭକ୍ତିରେ ପ୍ରସନ୍ନ ହୋଇ ବାମନ ଭଗବାନ ତାଙ୍କୁ ତିନୋଟି ବର ମାଗିବାକୁ କହିଥିଲେ । କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଦିନ ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ନରକ ଚତୁର୍ଦ୍ଦଶୀରେ ଦୀପଦାନ କରୁଥିବା ବ୍ୟକ୍ତିକୁ ଯମଯାତନା ମିଳିବ ନାହିଁ, ଲକ୍ଷ୍ମୀ ଛାଡ଼ି ଯିବେ ନାହିଁ ଏବଂ ସର୍ବଦା ତାଙ୍କ ଉପରେ ଭଗବାନ ବିଷ୍ଣୁଙ୍କ କୃପା ରହିବ । ବାମନ ଭଗବାନଙ୍କ ଆଶୀର୍ବାଦ କ୍ରମେ ଏହି ଦିନ ନରକ ଚତୁର୍ଦ୍ଦଶୀ ନାମରେ ଖ୍ୟାତ ହେଲା । ଏହି ପବିତ୍ର ତିଥିରେ ଯମରାଜ ଏବଂ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଦୀପ ଜଳାଯାଇଥାଏ । ଏହି ଦିନ ଯମରାଜଙ୍କ ପୂଜା କରୁଥିବା ବ୍ୟକ୍ତି ନରକ ଯାତନା ଭୋଗେ ନାହିଁ ବୋଲି ପୁରାଣରେ ବର୍ଣ୍ଣିତ ରହିଛି । ଆଉ ଏକ ଆଖ୍ୟାନ ଅନୁଯାୟୀ ନରକ ଚତୁର୍ଦ୍ଦଶୀ ଦିନ ଭଗବାନ କୃଷ୍ଣ ନରକାସୁରର ବଧ କରିଥିଲେ ଏବଂ ତା'କବଳରୁ ୧୬ ହଜାର ୧୦୦ କନ୍ୟାଙ୍କୁ ମୁକୁଳାଇଥିଲେ ।

ନରକ ଚତୁର୍ଦ୍ଦଶୀ ଦିନକୁ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜୁରାଟରେ କାଳୀ ଚୌଦସ୍ ନାମରେ ପାଳନ କରାଯାଏ । ଗୋଆରେ ଏହି ଦିନ ନର୍କାସୁରର ପ୍ରତିମା ନିର୍ମାଣ କରାଯାଇ ଜଳାଯାଇଥାଏ । ବଙ୍ଗରେ ଏହି ପର୍ବ କାଳୀ ଚୌଦସ ବା ଦେବୀ କାଳୀଙ୍କ ଜନ୍ମ ଦିବସ ରୂପରେ ପାଳନ କରାଯାଇଥାଏ । ନରକ ଚତୁର୍ଦ୍ଦଶୀରେ ମୃତ୍ୟୁର ଦେବତା ଯମରାଜା, ମା'କାଳୀ, ଭଗବାନ ହନୁମାନ, ଦେବୀ ଲକ୍ଷ୍ମୀ, ଭଗବାନ ବିଷ୍ଣୁଙ୍କ ପୂଜା କରାଯାଏ । ଏହି ପର୍ବ ଦିନ ସନ୍ଧ୍ୟାରେ ଦକ୍ଷିଣ ଦିଗକୁ ତିଳ ବା ରାଶି ତେଲରେ ଦୀପ ଜାଳିଲେ ଅକାଳ ମୃତ୍ୟୁ ଯୋଗ କଟିଥାଏ । ଏହି ଦିନ ଭଗବାନ କୃଷ୍ଣଙ୍କ ପୂଜା କରିବାର ମଧ୍ୟ ବିଧି ରହିଛି । ନରକ ଚତୁର୍ଦ୍ଦଶୀ ଦିନ ପୁରୀ ଶ୍ରୀ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ପୂଜା ନୀତିବିଧି ନିର୍ବାହ ହୋଇଥାଏ। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରି ଅଶେଷ କୃପା ଲାଭ କରିଥାନ୍ତି।

+ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ

---

# ମାତୃଭାଷାର ମହତ୍ତ୍ୱ

## ପ୍ରଶାନ୍ତ କୁମାର ନାୟକ



ଭାଷା ହିଁ ଭବିଷ୍ୟତ ଓ ଗୋଟିଏ ଜାତିର ପରିଚୟ ଅଟେ । ବିଶ୍ୱରେ ଏମିତି କୌଣସି ରାଷ୍ଟ୍ର ନାହିଁ ଯେଉଁଠିକି କୌଣସି ଭାଷା ନାହିଁ। ମନର ଭାବନାକୁ ପରିପ୍ରକାଶ କରୁଥିବା ମାଧ୍ୟମଟି ହେଉଛି ଭାଷା । ଶିଶୁଟିଏ ଜନ୍ମ ହେବାପରେ ପ୍ରଥମେ ନିଜ ମାତୃଭାଷାରେ କଥାବାର୍ତ୍ତା ଶିଖେ । ଅନ୍ୟ ଭାଷା ଶିଖିବାର ମୂଳଦୁଆ ହେଉଛି ଭାଷା । ଏହା ନିଜର ସଂସ୍କୃତି ଓ ପରିଚୟକୁ ଭଲଭାବରେ ବୁଝାଇବାରେ ସହାୟକ ହୋଇଥାଏ । ଏହା ନିଜ ପରିବାର ଓ ଅନ୍ୟ ସଂପର୍କୀୟଙ୍କ ସହିତ ଯୋଗାଯୋଗରେ ମଧ୍ୟ ସହାୟକ ହୋଇଥାଏ। ଏହି ପରିପ୍ରେକ୍ଷୀରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସେହି କାଳଜୟୀ ଉକ୍ତିକୁ ଉଦାହରଣ ସ୍ୱରୂପ ନିଆଯାଇପାରେ । ଯଥା-

"ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।।"

ମନର ଭାବକୁ ଭାଷାରେ ହିଁ ପ୍ରକାଶ କରାଯାଇଥାଏ । ଯେଉଁ ବ୍ୟକ୍ତିର ମୁଖରୁ ଭାଷାଟିଏ ବାହାରେ ନାହିଁ , ବାସ୍ତବରେ ସମାଜରେ ସେ ମୂକ ବୋଲି ଏକ ପରିଚୟ ପାଇଥାଏ । ପ୍ରତ୍ୟେକ ଜାତିପାଇଁ ତା'ର ଭାଷା ହେଉଛି ଏକ ଅମୂଲ୍ୟ ସମ୍ପଦ । ଭାଷା ହିଁ ଜାତିର ଗୌରବ ବହନ କରିଥାଏ । ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ ହୋଇଥାଏ ସେହି ଜାତି ବିଶ୍ୱ ଦରବାରରେ ସେତିକି ପ୍ରତିଷ୍ଠିତ ହୋଇଥାଏ । ନିଜ ମା' ମାତୃଭୂମିଠାରୁ ଜଣେ ଯେତେ ଦୂରରେ ରହିଲେ ମଧ୍ୟ ସେ ତା'ର ମାଆ,ବାପା ଓ ମାତୃଭାଷାର ପରିଚୟରେ ହିଁ ପରିଚିତ ହୋଇଥାଏ । ମାତୃଭାଷାଠାରୁ ଦୂରରେ ରହି କୌଣସି ଜାତି କେବେ ବଳିଷ୍ଠ ଓ ସମୃଦ୍ଧିଶାଳୀ ହୋଇନପାରେ ।

ଶିକ୍ଷା କ୍ଷେତ୍ରରେ ୟୁନେସ୍କୋ ମାତୃଭାଷାର ମହତ୍ତ୍ୱ ବିଷୟରେ ବହୁଭାଷି ଶିକ୍ଷାପାଇଁ ଦୀର୍ଘ ଦିନରୁ ଓକିଲାତି କରିଆସୁଥିଲା । ବିଦ୍ୟାଳୟର ପ୍ରାଥମିକ ବର୍ଷରୁ ମାତୃଭାଷାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲା । ସେହିପରି ପ୍ରସିଦ୍ଧ ପ୍ରାଚ୍ୟ ଭାଷାତତ୍ତ୍ୱବିତ୍, ପାଶ୍ଚାତ୍ୟ ପଣ୍ଡିତ ଗ୍ରୀଅରସନ୍ ଭାଷାମାନଙ୍କୁ ସାତଗୋଟି ପ୍ରମୁଖ ଭାଗରେ ବିଭକ୍ତ କରିଛନ୍ତି ଯଥା-

୧. ଅଷ୍ଟ୍ରିକ୍ ଭାଷା - ମାଳୟ ଉପଦ୍ୱୀପ, ନିକୋବର ଦ୍ୱୀପପୁଞ୍ଜରେ ଏହି ଭାଷା ପ୍ରଚଳିତ। ଆମ ଦେଶରେ ମୁଣ୍ଡା , କୋହ୍ଲ, ଜୁଆଙ୍ଗ ପ୍ରଭୃତି ଏହି ଭାଷା ବ୍ୟବହାର କରନ୍ତି।

୨. କାରେନ୍ ପରିବାରର ଭାଷା

୩. ମାନ୍ ପରିବାରର ଭାଷା

୪. ତିବ୍ଦତୀୟ ଚିନୀକ୍ ପରିବାରର ଭାଷା

୫. ଦ୍ରାବିଡୀୟ ପରିବାରର ଭାଷା - ତାମିଲ୍, ତେଲୁଗୁ , ମାଲାୟାଲମ, କାନାରି, ଓରାଁ, କନ୍ଧୀ, ଗେଣ୍ଡୀ ପ୍ରଭୃତି ଭାଷା ।

୬. ଇଣ୍ଡୋ ଇଉରୋପୀୟ ଭାଷା ପରିବାର- ସଂସ୍କୃତ, ହିନ୍ଦୀ,ବଙ୍ଗଳା, ଓଡ଼ିଆ, ମରାଠୀ , ସିନ୍ଧୀ, ଗୁଜରାଟୀ, ପଞ୍ଜାବୀ, ସିଂହଳୀ ଓ ଆସାମୀ ଭାଷାରେ ଏମାନେ କଥାବାର୍ତ୍ତା କରନ୍ତି।

୭. ଆଣ୍ଡମାନୀୟ ପରିବାରର ଭାଷା - ଏମାନେ ସ୍ୱତନ୍ତ୍ର ।

ଓଡ଼ିଆ ଭାଷା ହେଉଛି ଖୁବ୍ ପ୍ରାଚୀନ । ଅତୀତରେ ଯେତେବେଳେ ଇଂରେଜ ଓ ବଂଗୀୟମାନେ ଓଡିଆ ଭାଷାର ବିଲୋପନ କରିବାକୁ ମସୁଧା କରୁଥିଲେ ସେତେବେଳେ ବହୁ ପ୍ରଭାବଶାଳୀ ଓଡ଼ିଆ କବି, ଲେଖକ, ସାହିତ୍ୟିକଙ୍କ ଲେଖନୀରୁ ସୃଷ୍ଟି ହୋଇଥିବା କାବ୍ୟ କବିତା, ପୁରାଣ ଶାସ୍ତ୍ର ଓ ଗ୍ରନ୍ଥାବଳୀ ଆମ ଭାଷାକୁ ସଂରକ୍ଷଣ କରିବା ସହିତ ତାହାକୁ ଆହୁରି ସମୃଦ୍ଧ ଓ ବିକଶିତ କରିପାରିଥିଲେ । ସଂପୃକ୍ତ କାର୍ଯ୍ୟରେ ତତ୍କାଳୀନ ପତ୍ର ପତ୍ରିକାଗୁଡିକର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଆମ୍ଭମାନଙ୍କପାଇଁ ଅତ୍ୟନ୍ତ ଗର୍ବର କଥାଯେ, ୨୦୧୪ ମସିହାରେ ଆମ ଭାଷା ଓଡ଼ିଆ ଭାରତର ଷଷ୍ଠତମ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇଛି । ମାତ୍ର ଅତି ଦୁଃଖର ବିଷୟଯେ, ଓଡିଶା ସରକାରୀ ଭାଷା ଅଧିନିୟମ-୧୯୫୪ ଏ ପର୍ଯ୍ୟନ୍ତ ପୂର୍ଣ୍ଣତଃ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସରକାରୀ ନଥିପତ୍ର, ଚିଠା ଓ ଟିପ୍ପଣୀ ଇତ୍ୟାଦି ସଂପୂର୍ଣ୍ଣ ରୂପେ ଓଡ଼ିଆରେ ହେଉନାହିଁ। ଫଳରେ ଜଣେ ସାଧାରଣ ଗାଉଁଲି ଲୋକଟିଏ ମଧ୍ୟ ସରକାରଙ୍କ ଆଭିମୁଖ୍ୟ, ନୀତି, ନିୟମ, ଯୋଜନା , ମାର୍ଗଦର୍ଶିକା ଓ ପରାମର୍ଶ ଇତ୍ୟାଦି ବିଷୟରେ ଅବଗତ ହୋଇପାରୁନାହିଁ ।

ଆମେ ଓଡ଼ିଆ ଭାରି ବଢିଆ ହେଲେ ସୁଦ୍ଧା ଖଣ୍ଡି ଇଂରାଜି ଓ ହିନ୍ଦିରେ କଥାବାର୍ତ୍ତା କରି ଲୋକହସା ହେଲେ ମଧ୍ୟ ସେପରି କରିବାକୁ ଆଦୌ ପଛାଉନାହୁଁ । ବ୍ୟାସକବି ଫକୀରମୋହନ ସେନାପତି କହିଛନ୍ତି :-

'ଭାଷା ହିଁ ଜୀବନ ଶକ୍ତି ଜାତିମାନଙ୍କର
ଯେଉଁ ଜାତି ଭାଷାହୀନ ସେ ଜାତି ବର୍ବର।'

ନେଲସନ୍ ମାଣ୍ଡେଲା ଏକଦା କହିଥିଲେ:-

' If you talk to a man in a language he understands, that goes to his head but if you talk to him in his mother tongue, it goes to his heart' .

ଏହି ଉକ୍ତିରୁ ମାତୃଭାଷାର ଗୁରୁତ୍ୱ ବିଷୟରେ ସହଜରେ ଅନୁମେୟ ।

ସରକାର ଖାଲି ଓଡ଼ିଆ ପଢ, ଓଡ଼ିଆ ଲେଖ ଓ ଓଡ଼ିଆ ଶିଖିବାର ନାରାବାଜି ଦେଲେ ହେବନାହିଁ । ସେଥିପାଇଁ କେତେକ ବଳିଷ୍ଠ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

ଯଥା -

୧. ଓଡ଼ିଆ ଭାଷାକୁ ରୋଜଗାରର ମାଧ୍ୟମ କରାଇବା

୨. ସମସ୍ତ ପ୍ରକାରର ନିଯୁକ୍ତି ପ୍ରକ୍ରିୟାକୁ ଓଡ଼ିଆ ମାଧ୍ୟମରେ କରାଇବା

୩. ଅଣ ଓଡ଼ିଆ ଅଧିକାରୀ/କର୍ମଚାରୀମାନେ ବାଧ୍ୟତାମୂଳକ ଭାବେ ଓଡ଼ିଆରେ ନଥିପତ୍ର କାର୍ଯ୍ୟ କରିବା ସହିତ ଓଡ଼ିଆରେ କିପରି କଥାବାର୍ତ୍ତା କରିବେ ସେଦିଗରେ ପଦକ୍ଷେପ ନେବା ।

୪. ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା କରାଯାଉଥିବା ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ସଂପର୍କିତ ପ୍ରଶିକ୍ଷଣକୁ ଅଧିକ ତ୍ୱରାନ୍ୱିତ କରାଇବା

୫.ସମସ୍ତ ବିଦ୍ୟାଳୟମାନଙ୍କରେ ସ୍ୱତନ୍ତ୍ର ଓଡ଼ିଆ ଭାଷା ଶିକ୍ଷକ ନିୟୋଜନ କରିବା ଏବଂ

୬. ଓଡ଼ିଆରେ ସରକାରୀ କାର୍ଯ୍ୟ ନକଲେ କର୍ମଚାରୀଙ୍କ ବିପକ୍ଷରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ଇତ୍ୟାଦି କରାଗଲେ ସେମାନେ ହୁଏତ ଏ କ୍ଷେତ୍ରରେ ଅଧିକ ଯତ୍ନଶୀଳ ହୋଇପାରିବେ।

ଏହା କେବଳଯେ ସରକାରଙ୍କ ଦାୟିତ୍ୱ ଭାବି ଆମେ ନିଜର ମୌଳିକ ଦାୟିତ୍ୱବଦ୍ଧତାକୁ ଭୁଲିଯିବା ତାହା ନୁହେଁ , ଆମେବି ଏ ବିଷୟରେ ସଯତ୍ନ ହେବା ନିହାତି ଜରୁରୀ । ନିଜ ପରିବାରରୁ ଏହି ମହତ କାର୍ଯ୍ୟ ପ୍ରାରମ୍ଭ କରିବା ଉଚିତ ହେବ । ଖାଣ୍ଟି ଓଡ଼ିଆରେ ଆମ୍ଭେମାନେ ନିଜନିଜ ଘରେ କଥାବାର୍ତ୍ତା ହେଲେ ଆମ ପିଲାମାନେ ମଧ୍ୟ ସେହି ଢାଞ୍ଚାରେ ପଡିବେ । ପ୍ରକୃତ କବି ଗଙ୍ଗାଧରଙ୍କ ଆଉ ଏକ କାଳଜୟୀ ଉକ୍ତିକୁ ମନେ ପକେଇବା ଯଥାର୍ଥ ହେବ ।

ଯଥା - 'ଉଚ୍ଚ ହେବାପାଇଁ କରଯେବେ ଆଶା / ଉଚ୍ଚ କର ଆଗ ନିଜ ମାତୃଭାଷା ।'

❤ "ବନ୍ଦେ ଉତ୍କଳ ଜନନୀ"
ୟୁନିଟ୍-୦୫; ଭୁବନେଶ୍ୱର
ମୋ : ୮୨୪୯୬୫୦୪୧୪

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୯ ଅକ୍ଟୋବର ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

# ଭୁଲି ହେଉନାହିଁ ହସ ହସ ମୁଖ, ମିଠା କଥା ଓ ସାମ୍ବାଦିକତାର ଠାଣି



## ସାମ୍ବାଦିକ ଅରୁଣ କୁମାର ମହାନ୍ତିଙ୍କ ଏକାଦଶାହ ଉପଲକ୍ଷେ

### ନମିତା ରାଉତ

ହଁ, ମୁଁ ଏଠାରେ ଉଦଳାରେ କାର୍ଯ୍ୟରତ ଥିବା ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ମହାନ୍ତି (ଲିଲୁ ଭାଇ)ଙ୍କ କଥା କହୁଛି । ସେ ଏତେ ଶିଘ୍ର ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଯିବେ ଏ କଥା ଆଦୌ ବିଶ୍ୱାସ କରାଯାଉନଥିଲା । ଆଜିବି ଆଖିଆଗରେ ନାଚି ଯାଉଛି ତାଙ୍କର ହସ ହସ ମୁଖ, ମିଠା କଥା ଓ ସାମ୍ବାଦିକତାର ଠାଣି । ମନେ ପଡୁଛି ଅକ୍ଟୋବର ମାସ ୯ ତାରିଖର କଥା । ଆଜକୁ ପ୍ରାୟ ୮ ବର୍ଷ ଧରି ପ୍ରତିବର୍ଷ ଠିକ୍ ଏହିଦିନ ପହଂଚିଲେ ପ୍ରଭାତରେ ପ୍ରଥମେ ଲିଲୁ ଭାଇ ଫୋନ କରନ୍ତି । ଆଉ କୁହନ୍ତି ଆଜି ହେଉଛି ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ । ବସ୍ ଷ୍ଟାଣ୍ଡ ନିକଟରେ ପ୍ରତିଷ୍ଠା କରାଯାଇଥିବା ପ୍ରତିମୂର୍ତ୍ତି ନିକଟରେ ପହଂଚ । ଏଠାରେ ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ ରହିଛି । ତେବେ ଚଳିତ ବର୍ଷ ପ୍ରଭାତରେ ମୋ ନିକଟକୁ ଫୋନ କଲେ ନାହିଁ । ଚାହୁଁ ଚାହୁଁ ଦିନ ୧୦ ଘଟିକା ବାଜିଲା। ମୁଁ ମୋ ଆଡୁ ଲିଲୁ ଭାଇଙ୍କ ନିକଟକୁ ଫୋନ ଲଗାଇଲି । କିନ୍ତୁ କେହି ଉଠାଇଲେ ନାହିଁ । ଏମିତି ଦିନ ୪ଟା ବାଜିଲା। ହଠାତ ଶୁଣିବାକୁ ମିଳିଲା ଲିଲୁ ଭାଇ ଆଜି ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଗଲେ। ପରେ ପରେ ତାଙ୍କର ଦେହ ଅସୁସ୍ଥ ଠାରୁ ଆରମ୍ଭ କରି ସବୁକିଛି କଥା ଶୁଣିଲି । ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ନିକଟରେ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା ଜଣାଇଲି । ମୋର ଯାହା ମନେ ପଡୁଛି, ଆଜକୁ ପ୍ରାୟ ୩୦ ବର୍ଷ ତଳେ ମୁଁ ସେ ସମୟରେ ଉଦଳା ମହାବିଦ୍ୟାଳୟର ଛାତ୍ରୀ ଥିଲି । ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ ସେମିନାରର ସମ୍ବାଦ ଖବର କାଗଜର ପୃଷ୍ଠା ମଣ୍ଡନ ପାଇଁ ସାମ୍ବାଦିକଙ୍କୁ ଦେବା ସକାଶେ ମୋତେ ଦାୟିତ୍ୱ ଦିଆଯାଇଥିଲା । ମୁଁ ମୋର ଜଣେ ସହପାଠୀଙ୍କୁ ସାଙ୍ଗରେ ନେଇ ଲିଲୁ ଭାଇଙ୍କ ନିକଟରେ ପହଂଚିଥିଲି ଓ ହାତଲେଖା ସେମିନାରର ସମ୍ବାଦ କାଗଜଟିକୁ ତାଙ୍କ ହାତକୁ ବଢ଼ାଇ ଦେଇଥିଲି । ଏହାଥିଲା ତାଙ୍କ ସହିତ ମୋର ପ୍ରଥମ ସାକ୍ଷାତ। ଏମିତି କିଛି ବର୍ଷ ବିତିଗଲା । ପରେ ମୁଁ ଉଦଳାରେ ରହିବା ସହିତ ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ ନିଯୁକ୍ତି ପାଇଲି । ଆମ ବିଦ୍ୟାଳୟରେ ପାଳିତ ବିଭିନ୍ନ କାର୍ଯ୍ୟକ୍ରମର ନିମନ୍ତ୍ରଣପତ୍ର ବଂଟନ କଥା ଉଠିଲେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଥମେ ମୋତେ ଖୋଜନ୍ତି । ଆଉ ସାମ୍ବାଦିକ ମାନଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନର ଦାୟିତ୍ୱ ଅର୍ପଣ କରିଥାନ୍ତି । ସେହିପରି ବିଦ୍ୟାଳୟର ବାର୍ଷିକ ଉତ୍ସବ ଠାରୁ ଆରମ୍ଭ କରି ବିଭିନ୍ନ ପାଳନୀୟ ଉତ୍ସବ ଗୁଡ଼ିକର ସମ୍ବାଦ ଖବର କାଗଜରେ ପରିବେଷଣ ପାଇଁ ମୋତେ ଲୋଡ଼ିଥାନ୍ତି । ଏ ସମସ୍ତ କାମ ପାଇଁ ମୁଁ ଲିଲୁ ଭାଇଙ୍କ ନିକଟରେ ପହଂଚିଥାଏ । ମୋ ଉପରେ ଲଦା ଯାଇଥିବା ସବୁ ଦାୟିତ୍ୱର ସମାଧାନ ବେଶ ସୁନ୍ଦର ଭାବରେ ହୋଇ ଯାଇଥାଏ । ଏହିପରି ଲିଲୁ ଭାଇଙ୍କ ସହିତ ଦୀର୍ଘ ବର୍ଷର ସମ୍ପର୍କ ଯୋଡ଼ିହୋଇ ରହିଛି । ଏହିଭଳି ଉଦଳାରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ ମୁଁ ସଂଯୋଜନାର ଦାୟିତ୍ୱ ତୁଲାଉଥାଏ । ଉକ୍ତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଲିଲୁ ଭାଇ ମଧ୍ୟ ଉପସ୍ଥିତ ଥିଲେ । ତହିଁପରଦିନ ସନ୍ଧ୍ୟାରେ ଦେଖାହେବାରୁ କହିଲେ କବିତା ସଂଯୋଜନା ସହିତ ତୁମର ନିଜସ୍ୱ କବିତା ଯାହାକି ତୁମେ ଗତ କାଲି ପାଠ କରିଥିଲ ତାହା ବହୁ ଉଚ୍ଚକୋଟିରର ଥିଲା । କବିତା ସଂଯୋଜନା ମଧ୍ୟ ବହୁ ସୁନ୍ଦର ଥିଲା । ଜଣେ ବରିଷ୍ଠ ସାମ୍ବାଦିକଙ୍କ ମୁଖରୁ ଏପରି ପ୍ରଶଂସା ଶୁଣି ମୁଁ ବହୁ ଖୁସି ହୋଇଯାଇଥିଲି । ତହିଁ ପରଦିନ ଖବରକାଗଜର ପୃଷ୍ଠାରେ ମୋର ନାମ ପୁର୍ବରୁ କବୟିତ୍ରୀ ଶବ୍ଦଟି ଯୋଡ଼ା ହୋଇ ସମ୍ବାଦଟି ପରିବେଷିତ ହୋଇଥିବାର ଦେଖିଲି। ଏହା ମୋର ଖୁସିକୁ ବହୁଗୁଣିତ କରିଦେଇଥିଲା । ଏହିଭଳି ମୋତେ ସାରସ୍ୱତ ସାଧନାରେ ଆଗେଇଯିବା ପାଇଁ ଲିଲୁ ଭାଇ ପ୍ରେରଣା ଦେଇଥିଲେ । କିଛିଦିନ ପରେ ମୁଁ ଏକ ମାସିକ ପତ୍ରିକାରେ ସାମ୍ବାଦିକତା ଆରମ୍ଭ କଲି । ପ୍ରତିବର୍ଷ ନଭେମ୍ବର ୧୬ ତାରିଖରେ ଉଦଳାରେ ଜାତୀୟ ପ୍ରେସ ଦିବସ ପାଳିତ ହୁଏ । ମୁଁ ସାମ୍ବାଦିକତା କରୁଥିବାରୁ ମୋତେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାର ସୁଯୋଗ ମିଳିଲା । ଏଠାକୁ ଆସିବା ପରେ ମୁଁ ସମଗ୍ର କପ୍ତିପଦା ଉପଖଣ୍ଡରେ କାର୍ଯ୍ୟରତ ବହୁ ସାମ୍ବାଦିକ ମାନଙ୍କୁ ଚିହ୍ନିବାର ସୁଯୋଗ ପାଇଲି। ପରେ ଅଧିକାଂଶ ସାମ୍ବାଦିକ ନିଶା ଦ୍ରବ୍ୟ ସେବନ କରୁଥିବାର ଜାଣିଲି । ଆହୁରି ଅନେକ କଥା ଶୁଣିଲି ଯାହାକି ଏଠାରେ ବ୍ୟକ୍ତ କରିବା ଉଚିତ ମନେ କରୁନାହିଁ । କିନ୍ତୁ ଲିଲୁ ଭାଇ ଏସବୁଥିରୁ ଥିଲେ ବହୁ ଉର୍ଦ୍ଧ୍ୱରେ, ଏକଥା ବେଶ ଭଲଭାବରେ ଅନୁଭବ କଲି । ଯେଉଁଥିପାଇଁକି ଲିଲୁ ଭାଇଙ୍କର ରହିଥିଲା ଏକ ସ୍ୱତନ୍ତ୍ର ସମ୍ମାନ । ଏକଥା ବୁଝିବାରେ କିଛି ଅସୁବିଧା ହେଲା ନାହିଁ । ସମଗ୍ର କପ୍ତିପଦା ଉପଖଣ୍ଡର ପ୍ରଶାସନିକ ଅଧିକାରୀ ମାନେ ଏଥିପାଇଁ ତାଙ୍କୁ ଭିନ୍ନଦୃଷ୍ଟିରେ ଦେଖିଥାନ୍ତି । ଏକଥା ସାଧାରଣରେ ବହୁଳ ଭାବରେ ଚର୍ଚ୍ଚାର ପରିସରକୁ ଆସିଥାଏ । ଏହିଭଳି ଜଣେ ମିଷ୍ଟଭାଷୀ ବରିଷ୍ଠ ସାମ୍ବାଦିକଙ୍କର ଅବର୍ତ୍ତମାନ ଉଦଳା ପାଇଁ ସୃଷ୍ଟି କରିଛି ଏକ ବିରାଟ ଶୂନ୍ୟସ୍ଥାନ। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛି । ତାଙ୍କ ପରିବାରର ସଦସ୍ୟଙ୍କୁ ଏ ଦୁଃଖ ସହନ କରିବାର ଶକ୍ତି ପ୍ରଦାନ କରନ୍ତୁ ଏତିକି ଈଶ୍ୱରଙ୍କ ପାଖେ ପ୍ରାର୍ଥନା ।

> ଲିଲୁ ଭାଇଙ୍କର ରହିଥିଲା ଏକ ସ୍ୱତନ୍ତ୍ର ସମ୍ମାନ । ଏକଥା ବୁଝିବାରେ କିଛି ଅସୁବିଧା ହେଲା ନାହିଁ । ସମଗ୍ର କପ୍ତିପଦା ଉପଖଣ୍ଡର ପ୍ରଶାସନିକ ଅଧିକାରୀ ମାନେ ଏଥିପାଇଁ ତାଙ୍କୁ ଭିନ୍ନଦୃଷ୍ଟିରେ ଦେଖିଥାନ୍ତି । ଏକଥା ସାଧାରଣରେ ବହୁଳ ଭାବରେ ଚର୍ଚ୍ଚାର ପରିସରକୁ ଆସିଥାଏ ।

♥ ଉଦଳା, ମୟୂରଭଂଜ
ମୋ-୯୪୩୭୨୩୮୨୫୪



## ମଧୁରୋକ୍ତି...( ୨ )

### ♥ ମଧୁମିତା ମିଶ୍ର

ବାସ୍...ଆହୁରି ଯନ୍ତ୍ରଣା ଲେଖା ହୋଇଗଲା ପ୍ରଭୁ...!!
ତୁମ ଭାଗ୍ୟରେ!?

ଜନ୍ମ ପୂର୍ବରୁ ହିଁ ଅନେକ ବଚନ ପାଳନ କରିବାକୁ ବଦ୍ଧପରିକର ହୋଇ ତୁମେ ଧରାଧାମକୁ ଆସିଥିଲ ପ୍ରଭୁ। ରାକ୍ଷସକୁଳର ପରାକାଷ୍ଠା ପାଇଁ ସଂକଳ୍ପ ନେଇ ଦୈତ୍ୟ କୁଳମଣି ସୁମାଳି ନିଜ କନ୍ୟା କୈକେଶିଙ୍କୁ ଋଷି ବିଶ୍ରବାଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ଦେଇଥିଲେ। ପୂର୍ବରୁ ଇଲାବେଦାଙ୍କୁ ପତ୍ନୀ ରୂପରେ ଗ୍ରହଣ କରିଥିବା ବିଶ୍ରବା ଋଷି ଏହି ରାକ୍ଷସୀ ଲଳନାର ସୌନ୍ଦର୍ଯ୍ୟରେ ପ୍ରଭାବିତ ହୋଇ ଯାଇଥିଲେ। ପୂର୍ବରୁ କୁବେରଙ୍କ ପିତା ହେବାର ସୌଭାଗ୍ୟ ଲାଭ କରିଥିବା ଏହି ମହାନ ଋଷିଙ୍କ ଔରସରୁ ଜନ୍ମ ନେଇଥିଲେ ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଓ ସୂର୍ପଣଖା। କୁହାଯାଏ ମିଳନ ସମୟରେ ଥିବା ସମ୍ପୂର୍ଣ୍ଣ ତାମସିକ ମନୋଭାବ ଯୋଗୁଁ ରାବଣ ତଥା ସୂର୍ପଣଖା ଜନ୍ମ ହୋଇଥିଲେ। ତା ପରବର୍ତ୍ତୀ ସମୟରେ ରାଜସିକ ଗୁଣ ପ୍ରଭାବରୁ କୁମ୍ଭକର୍ଣ୍ଣ ଓ ସାତ୍ତ୍ୱିକ ଗୁଣର ପ୍ରଭାବ ପାଇଁ ବିଭୀଷଣ ଜନ୍ମ ଲାଭ କରିଥିଲେ । ସନ୍ତାନମାନଂକ ଜନ୍ମ ପରେ ଋଷି ବିଶ୍ରବା ନିଜ ପତ୍ନୀଙ୍କର ଅସଲ ଉଦ୍ଦେଶ୍ୟ ବୁଝି ପାରିଥିଲେ। କୈକେଶି କେବଳ ରାକ୍ଷସ ସମାଜର ଉତ୍କର୍ଷତାକୁ ଆଖି ଆଗରେ ରଖିଥିବା କଥା ଜାଣିପାରି ସେ ମର୍ମାହତ ହୋଇ ତପସ୍ୟା କରିବା ପାଇଁ ଆଗେଇ ଯାଇଥିଲେ। ଆଉ ନିଜ ମାତାମହ ଏବଂ ମାତାଙ୍କର କୁପ୍ରବଚନାରେ ରାବଣ ଆଗେଇ ଚାଲିଥିଲା ଏକ ଦୁର୍ଦ୍ଦଶ କଳୁଷିତ ଦୂଷିତ କଳଙ୍କିତ ଭବିଷ୍ୟତକୁ ଆପଣେଇ ନେବା ପାଇଁ...!! ଲେଖା ହୋଇ ଚାଲିଲା ଏକ ଅନ୍ଧକାରମୟ ପୃଷ୍ଠା ଭାରତ ଇତିହାସରେ...ତ୍ରାହି ତ୍ରାହି ଡାକରେ ଗଗନ ପବନ ପ୍ରକମ୍ପିତ ହେବାକୁ ଲାଗିଲା...!!

ରାବଣ ନିଜ ମାତାଙ୍କ ଆଗ୍ରହ ଅନୁସାରେ ସାରା ଦୁନିଆରେ ଅପରାଜେୟ ରାକ୍ଷସରାଜ ସ୍ଥାପନା କରିବା ପାଇଁ ନିଜ ଭାଇମାନଂକ ସହ ପରମପିତା ବ୍ରହ୍ମାଙ୍କ ତପସ୍ୟା ଆରମ୍ଭ କରି ଦେଇଥିଲା। ତାଙ୍କ ପୂଜାରେ ପ୍ରସନ୍ନ ହୋଇ ବ୍ରହ୍ମଦେବ ବରଦାନ ଦେବାକୁ ପ୍ରକଟ ହେଲେ।ରାବଣ ବରଦାନରେ ମାଗି ଦେଇଥିଲା ଯେ ସେ ଦେବ, ଦାନବ, ସର୍ପ କାହା ଦ୍ୱାରା ମଧ ପରାଜିତ ହେବ ନାହିଁ। ସମସ୍ତେ ତାକୁ ଭଗବାନ ବୋଲି ପୂଜା କରିବେ। ଅମରତ୍ୱର ବରଦାନ ବଦଳରେ ରାବଣ ଏମିତି ଏକ ବରଦାନ ମାଗି ନେଇଥିଲା ଯାହା ଫଳରେ ସେ ଭାବିଥିଲା ଯେ ସେ ସଂସାରରେ ଅମର ହୋଇଯିବ। କାରଣ ତା ନଜରରେ ଏହିମାନେ ହିଁ ଦୁନିଆର ଶକ୍ତିଶାଳୀ ଜୀବ ଅଟନ୍ତି। ବରଦାନ ମାଗିବା ସମୟରେ ସେ ଭୁଲି ଯାଇଥିଲା ନର ଆଉ ବାନର, ଭଲ୍ଲୁକମାନଂକ ବିଷୟରେ। କିନ୍ତୁ ସମୟକ୍ରମେ ଏମାନଙ୍କ ମିଳିତ ଶକ୍ତି ହିଁ ପର୍ଯ୍ୟାପ୍ତ ଥିଲା ତାର ବିନାଶ ପାଇଁ । କାରଣ ପ୍ରଭୁ ଶ୍ରୀରାମ ଥିଲେ ଏହି ଦୁର୍ବଳ ଦଳ ସହିତ...!!

ପୁଷ୍ପକ ବିମାନ ସହିତ ଅନେକ ଧନସମ୍ପଦର ଅଧିକାରୀ ହୋଇ ରାବଣ ଧରାକୁ ସରା ମନେ କରିବାକୁ ଲାଗିଲା। ତଥାପି ତାର ଉଚ୍ଚାଭିଳାଷ ତାକୁ ଶାନ୍ତିରେ ରଖେଇ ଦେଇ ନଥିଲା। ତେଣୁ ସେ ଏକ ଅଦ୍ଭୁତ ଯଜ୍ଞର ଅନୁଷ୍ଠାନ କରିଥିଲା ମହାଦେବ ଶିବଶମ୍ଭୁଙ୍କୁ ପ୍ରସନ୍ନ କରିବା ପାଇଁ। ଆଉ ସେ ଆହୂତି ଦେଇଥିଲା ନିଜ ମସ୍ତକର...!! କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ସେହି ମଥା ପୁନଃ ଉଠିଯାଇଥିଲା। ଏହିପରି ଦଶଥର ହେବା ପରେ ମହାଦେବ ସାକ୍ଷାତ ଦର୍ଶନ ଦେଇଥିଲେ ଆଉ ସେହି ଦିନଠାରୁ ରାବଣଙ୍କୁ ଦଶାନନ ବୋଲି ମଧ ବୋଲା ଯାଇଥିଲା। ରାବଣ ପ୍ରକୃତରେ ନିଜକୁ ଦ୍ୱିତୀୟ ଈଶ୍ୱର ବୋଲି ମନେ କରୁଥିଲା। ତିନିଲୋକର ଅଧିକାରୀ ହୋଇ ସମସ୍ତଙ୍କୁ ନିଜ ଅଧୀନରେ ରଖିବା ପାଇଁ ତାର ଏହି ପ୍ରଚେଷ୍ଟା ଅନେକାଂଶରେ ସଫଳ ମଧ ହୋଇଥିଲା। କିନ୍ତୁ ତାର ମହତ୍ୱକାଂକ୍ଷା ତାକୁ ଅନେକ ପାପ କରାଇବାରେ ମଧ ସହାୟକ ହୋଇଥିଲା। ସେ ଠିକ୍ ଆଉ ଭୁଲ ମଧରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ସମ୍ପୂର୍ଣ୍ଣ ଭୁଲି ଯାଇଥିଲା।

ମହାଦେବଙ୍କୁ ପ୍ରସନ୍ନ କରି ତାଙ୍କର ଶ୍ରେଷ୍ଠ ଭକ୍ତ ବୋଲାଉଥିବା ରାବଣ କୈଳାସ ଉପରେ ମଧ ନିଜ ଆଧିପତ୍ୟ ବିସ୍ତାର କରିବା ପାଇଁ ପଛଘୁଞ୍ଚା ଦେଲାନି। ଆଉ କୈଳାସ ପର୍ବତକୁ ନିଜ ହାତରେ ଉଠାଇ ଦେବାର ଧୃଷ୍ଟତା କରି ବସିଲା। ଅବଶ୍ୟ ମହାଦେବ ନିଜ ପାଦରେ ଅଳ୍ପ ଚାପ ଦେବା ପରେ ସେ ଅକର୍ମଣ୍ୟ ହୋଇ ଯାଇଥିଲା ଆଉ ଶିବ ତାଣ୍ଡବ ସ୍ତୁତି କରି ନିଜ ଆରାଧ୍ୟଂକୁ ପ୍ରସନ୍ନ କରିବାର ପ୍ରଚେଷ୍ଟା କରିଥିଲା। ମୁନିଋଷି ମାନଙ୍କୁ ଯଥାସମ୍ଭବ କଷ୍ଟ ଦେଇ ସେ ଖୁସି ହେଉଥିଲା। ତାକୁ ଭଗବାନ ଭାବି ପୂଜା କରିବା ପାଇଁ ବାଧ କରୁଥିଲା। ବିଷ୍ଣୁଙ୍କ ନାମ ଶୁଣିବା ମାତ୍ରେ ନରସଂହାର ଆରମ୍ଭ କରି ଦେଉଥିଲା। ଆଉ ସେତେବେଳେ ସମସ୍ତେ ପ୍ରାର୍ଥନା କରିଥିଲେ ପ୍ରଭୁ ଶ୍ରୀହରିଙ୍କୁ... ଦୁନିଆକୁ ରକ୍ଷା କରିବା ପାଇଁ । ଯୁଗ ଯୁଗ ଧରି ଭକ୍ତଙ୍କ ରକ୍ଷା ପାଇଁ ଆଉ ଜଗତର ପାଳନ କରିବା ପାଇଁ ସର୍ବଦା ତତ୍ପର ଥିବା କରୁଣାମୟ ଶ୍ରୀହରି ମାନବ ରୂପ ନେଇ ଧରାପୃଷ୍ଠରେ ଜନ୍ମ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲେ...!!

କିନ୍ତୁ ଅପର ପକ୍ଷରେ ଶ୍ରବଣକୁମାରଙ୍କ ମାତାପିତା ଦେଇଥିବା ଅଭିଶାପ କାରଣରୁ ନିଜକୁ ଅପରାଧୀ ମନେ କରୁଥିବା ମହାରାଜ ଦଶରଥଙ୍କ ମନରେ ବୈରାଗ୍ୟ ସୃଷ୍ଟି ହୋଇ ଯାଇଥିଲା। ସେ ସନ୍ତାନ ପ୍ରାପ୍ତି କଥାଟିକୁ ସଂପୂର୍ଣ୍ଣ ରୂପେ ଅସ୍ୱସ୍ତିକର ବୋଧ କରୁଥିଲେ। ଭୟ ତଥା ଗ୍ଲାନିରେ ଭରି ଯାଇଥିବା ତାଙ୍କ ବୀତସ୍ପୃହ ମନ ଭିତରେ ନିଜେ ସ୍ୱୟଂ ବଜରଙ୍ଗବଳୀ ଆଶାର ସଂଚାର କରେଇଥିଲେ, ଆଉ ପୁତ୍ରେଷ୍ଟି ଯଜ୍ଞ ଉପରାନ୍ତେ ଯଜ୍ଞ ପୁରୁଷ ନିଜେ ଏକ କ୍ଷୀରି ପାତ୍ର ନେଇ ଉଭା ହୋଇଥିଲେ। ଆଗ୍ରହ ମଧ କରିଥିଲେ ଯେ ଏହି ପ୍ରସାଦକୁ ମହାରାଜ ନିଜ ରାଣୀଙ୍କୁ ସେବନ କରିବାକୁ ଦେବା ପରେ ସେମାନେ ପୁତ୍ରସମ୍ଭବା ହୋଇ ପାରିବେ ।

ମହାରାଜ ଦଶରଥଙ୍କର ତିନିଜଣ ରାଣୀ ଥିଲେ। କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ଏମାନଙ୍କ ଭିତରେ ଭଗିନୀଙ୍କ ପରି ଅନାବିଳ ସ୍ନେହ ମମତା ଭରି ରହିଥିଲା। ମହାରାଜ ଯେତେବେଳେ ତିନିରାଣୀଙ୍କୁ ଯଜ୍ଞ ପ୍ରସାଦ ପାଇ ଯିବାକୁ କହିଲେ ସେତେବେଳେ କୌଶଲ୍ୟା ଆଉ କୈକେୟୀ ନିଜ ନିଜ ପ୍ରସାଦ ଭାଗର କିଛି ଅଂଶ ଛୋଟ ରାଣୀ ସୁମିତ୍ରାଙ୍କୁ ଦେଇଥିଲେ। ଆଉ ସମୟକ୍ରମେ ଜନ୍ମ ନେଲେ କୌଶଲ୍ୟାଙ୍କ ଗର୍ଭରୁ ପ୍ରଭୁ ଶ୍ରୀରାମଚନ୍ଦ୍ର, କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରୁ ଦୁଇଜଣ ପ୍ରବଳ ପରାକ୍ରମୀ ସୁପୁତ୍ର ଲକ୍ଷ୍ମଣ ଏବଂ ଶତ୍ରୁଘ୍ନ।

ଅଯୋଧ୍ୟାର ଘରେ ଘରେ ଉତ୍ସବ ପାଳନ ହେବାକୁ ଲାଗିଲା। ରାଜକୁମାର ଶ୍ରୀରାମଙ୍କ ଧରାବତରଣ ସହିତ ସାଧୁସନ୍ଥ ମାନେ ନିଜକୁ ସୁରକ୍ଷିତ ମନେ କଲେ। ସେମାନଙ୍କ ମନରେ ଅଭୂତପୂର୍ବ ଉତ୍ସାହ ଭରିଗଲା। ହେ ପ୍ରଭୁ...ତୁମ ଆଗମନର ଶୁଭ ବାର୍ତ୍ତା ପ୍ରତ୍ୟେକ ପ୍ରାଣକୁ ଜୀବନ୍ତ କରି ଦେଇଥିଲା। ଏତେ ବର୍ଷ ଧରି ରାକ୍ଷସମାନଂକ ଅତ୍ୟାଚାର ସହି ମୃତପ୍ରାୟ ବଂଚି ରହିଥିବା ଜୀବନ ସବୁ ସ୍ୱପ୍ନ ଦେଖିବାକୁ ଆରମ୍ଭ କଲେ। ରାକ୍ଷସମାନେ ପ୍ରତ୍ୟେକ ଯଜ୍ଞାନୁଷ୍ଠାନକୁ ନଷ୍ଟ କରି ଦେଉଥିଲେ। ରାକ୍ଷସ ମାତା କୈକେଶୀଙ୍କ ଭାଇ ସୁବାହୁ ଆଉ ମାରିଚ ଅନ୍ୟାନ୍ୟ ସହଯୋଗୀ ମାନଂକ ସହିତ ଯାଇ ପ୍ରତ୍ୟେକ ଯଜ୍ଞସ୍ଥଳୀରେ ରକ୍ତ, ମାଂସ, ହାଡ ଆଦି ଅତ୍ୟନ୍ତ ଘୃଣ୍ୟ ବର୍ଜ୍ୟବସ୍ତୁ ଆକାଶ ମାର୍ଗରୁ ପକେଇ ଦେଇ ସେସବୁକୁ ଅପବିତ୍ର କରି ବିଫଳ କରି ଦେଉଥିଲେ। ଆଉ ତା ପରେ ନରସଂହାରର ତାଣ୍ଡବ ଲୀଳା ଆରମ୍ଭ ହୋଇ ଯାଉଥିଲା। ସମସ୍ତଙ୍କର ପ୍ରତୀକ୍ଷା କେବଳ ତୁମ ପାଇଁ ଥିଲା ପ୍ରଭୁ ! କେବେ ତୁମେ ଆସିବ ! ଆଉ କେବେ ମୁକ୍ତ କରିବ ଏ ଭୀଷଣ ଅତ୍ୟାଚାରରୁ...!?

ଆଉ ତୁମେ ନିଜର ବାଳ ସୁଲଭ କ୍ରୀଡା ଦେଖେଇ ମନକୁ ହରଣ କରିବାରେ ବ୍ୟସ୍ତ ଥିଲ...!! ତୁମର ବାଲ୍ୟଲୀଳା ସନ୍ଦର୍ଶନ କରିବା ପାଇଁ ସ୍ୱୟଂ ଶିବଶଙ୍କର ଏକ ଜ୍ୟୋତିଷ ରୂପ ନେଇ ଛୁଟି ଆସିଥିଲେ ଅଯୋଧ୍ୟାକୁ...!! ଆଉ କାକ ଭୂଷଣ୍ଡି...!! ତୁମର ଅପୂର୍ବ ବାଲ୍ୟଲୀଳାର ପ୍ରତ୍ୟକ୍ଷ ସାକ୍ଷୀ ସାଜିବା ପାଇଁ କାକ ସ୍ୱରୁପରେ ହିଁ ଆସି ଅବଲୋକନ କରନ୍ତି କିପରି ତ୍ରିଭୁବନର ସ୍ୱାମୀ ଠୁକୁର ଠୁକୁର୍ ଚାଲି ରାଜ ନଅରକୁ ଚଳ ଚଞ୍ଚଳ କରି ପକାନ୍ତି। ସେ ଦେଖନ୍ତି କିପରି ଛୋଟିଆ ଶିଶୁ ସ୍ୱରୁପରେ ଶ୍ରୀରାମ ଚନ୍ଦ୍ରକୁ ହାତରେ ଧରିବା ପାଇଁ କାନ୍ଦି ଉଠନ୍ତି। ଯେତେ ଯିଏ ଚେଷ୍ଟା କଲେ ମଧ... ଯେତେ ଯିଏ ବୁଝେଇଲେ ମଧ ସେ ବୁଝିବାକୁ ନାରାଜ ହୋଇ ସେଇ ଗୋଟିଏ ହିଁ ଜିଦ୍ କରନ୍ତି... ସେ ଚନ୍ଦ୍ରକୁ ନିଜ ହାତ ପାହାନ୍ତାରେ ପାଇବେ...!!?

ମାତାମାନେ ଆଉ ଅନ୍ୟ ପରିଚାରିକାମାନେ ବୁଝେଇ ବୁଝେଇ ଥକିଗଲେ। ହେଲେ କିଛି ଉପାୟ ପାଉ ନ ଥିଲେ। ସେତେବେଳେ ମଝିଆ ମାତା କୈକେୟୀ ଏକ ଜଳ ଭର୍ତ୍ତି ରୂପା ଥାଳିଆ ଆଣି ସେଥିରେ ପଡିଥିବା ଚନ୍ଦ୍ରର ପ୍ରତିବିମ୍ବ ଦେଖେଇ ଦେବାରୁ ତାଳି ମାରି ହସି ଉଠି ତୁମେ ସମଗ୍ର ଭବନରେ ଉଲ୍ଲାସର ବାତାବରଣ ତିଆରି କରି ଦେଇଥିବା ଦେଖି କାକ ଭୁଷଣ୍ଡି ମଧ ଖୁସି ହେଇ ଯାଉଥିଲେ। ଆଉ ତାପରେ ଥରେ ତୁମ ହାତରୁ ଖଣ୍ଡେ ରୁଟି ନେଇ ସେ ଉଡ଼ି ଚାଲି ଯାଇଥିଲେ ...

ତୁମେ ତାଙ୍କୁ ଧରିବା ଉଦ୍ଦେଶ୍ୟରେ ହାତ ବଢ଼େଇ ଦେଇଥିଲ। କାକ ଯେଉଁଆଡେ ଯାଉଥିଲେ ତୁମର କୋମଳ ହସ୍ତ ତାକୁ ଗୋଡେଇ ବଢ଼ି ଚାଲିଥିଲା। ଅନନ୍ତ ଯୋଜନ ଦୂରକୁ ଯାଇ ମହାଦେବଙ୍କ ସାନିଧ ପାଇବା ପରେ କାକ ଜାଣି ପାରିଥିଲେ ସେ କଣ ଭୁଲ କରିଥିଲେ। ତୁମକୁ କିଛି କ୍ଷଣ ସାଧାରଣ ଶିଶୁ ଭାବି ନେଇଥିବାରୁ ସେ ନିଜ ଧୃଷ୍ଟତା ପାଇଁ କ୍ଷମା ମାଗିଥିଲେ। ଆଉ ତୁମେ ମଧ ନିଜ ଚତୁର୍ଭୁଜ ସ୍ୱରୂପରେ ଦର୍ଶନ ଦେଇ ତାଙ୍କୁ କୃତାର୍ଥ କରିଥିଲ ପ୍ରଭୁ...!! ରାମ ନାମର ଅମୃତ ପାନ କରିବା ସହ ତୁମରି କୃପା ପାଇ ସେ କାଳଜୟୀ ହୋଇ ଯାଇଥିଲେ।

ଏହା ହିଁ ତ ରାମକୃପା...!! ଯାହା ପତିତ ଉଦ୍ଧାର ପାଇଁ ସଦାସର୍ବଦା ଚିରକାଳ ତତ୍ପର ହୋଇ ରହିଛି...!!

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

## ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୧୧ ଗୃହତ୍ୟାଗ

ରାଜା ତାଙ୍କ ପୌତ୍ରର ଜନ୍ମ ଉପଲକ୍ଷେ ଏକ ବିଶାଳ ରାତ୍ରିଭୋଜନ ଓ ନୃତ୍ୟର ଆୟୋଜନ କଲେ। ଏଥିପାଇଁ ସେ ରାଜ୍ୟର ଶ୍ରେଷ୍ଠ ନର୍ତ୍ତକ ଓ ଗାୟକଙ୍କୁ ଆମନ୍ତ୍ରଣ କଲେ। ସେ ଏପରି କରିବାର କାରଣ ଏହି ଯେ ସେ ଲକ୍ଷ୍ୟ କଲେ ରାଜକୁମାର ସଦ୍ୟ ପୁତ୍ର ସନ୍ତାନଟିଏ ପ୍ରାପ୍ତି ପରେ ମଧ୍ୟ ଖୁସି ନାହାନ୍ତି ଏବଂ ରାଜା ଭଲଭାବରେ ଜାଣିଥିଲେ ଯେ ରାଜକୁମାର ପ୍ରାସାଦ ପରିତ୍ୟାଗ କରିବାକୁ ଯାଉଛନ୍ତି। ଏପରି ଅଘଟଣକୁ ପାରୁ ପର୍ଯ୍ୟନ୍ତ ରୋକିବା ନିମନ୍ତେ ରାଜା ଅନ୍ତତଃ ଶେଷ ସମୟରେ ଏପରି ଆୟୋଜନ କରିଥିଲେ।

ରାତ୍ରିଭୋଜନ ସମୟରେ ସବୁଠାରୁ ସ୍ୱାଦିଷ୍ଟ ଖାଦ୍ୟ ପରଷା ଯାଇଥିଲା। ରାଜ୍ୟର ସବୁଠୁ ମନୋହର ଓ ସୁନ୍ଦରୀ ନୃତ୍ୟାଙ୍ଗନାମାନେ ତାଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିଥିଲେ। ବାପାଙ୍କୁ କେବଳ ଖୁସି କରିବା ପାଇଁ ରାଜକୁମାର ସମାରୋହରେ ଯୋଗ ଦେଇଥିଲେ। ପ୍ରକୃତରେ ସେ କ୍ଲାନ୍ତ ଥିଲେ ଏବଂ ଭାବି ଚାଲିଥିଲେ ଜରା, ରୋଗ, ଦୁଃଖ ଏବଂ ମୃତ୍ୟୁକୁ କିପରି ରୋକାଯାଇପାରିବ। ସେ ଭାବିଭାବି ଏତେ ଥକି ଯାଇଥିଲେ ଯେ ଶୋଇବାମାତ୍ରେ ତାଙ୍କୁ ନିଦ ଆସିଗଲା।

ଯେତେବେଳେ ନର୍ତ୍ତକ ଓ ଗାୟକମାନେ ଦେଖିଲେ ଯେ ସେମାନେ ଜଣେ ଶୟନରତ ରାଜକୁମାରଙ୍କ ସମ୍ମୁଖରେ ନାଚୁଛନ୍ତି ଓ ଗୀତ ଗାଉଛନ୍ତି; ସେତେବେଳେ ସେମାନେ ରହିଯାଇ ରାଜକୁମାର ପୁଣି ଉଠିବା ପର୍ଯ୍ୟନ୍ତ କିଛି କ୍ଷଣ ବିଶ୍ରାମ ନେଲେ। ରାଜକୁମାରଙ୍କ ପରି ସେମାନେ ମଧ୍ୟ ବହୁତ କ୍ଲାନ୍ତ ହୋଇଯାଇଥିଲେ ଓ ଶୀଘ୍ର ଶୋଇପଡ଼ିଲେ। ସେହି ରାତିର କିଛି ସମୟ ପରେ ରାଜାକୁମାର ଉଠିଲେ ଏବଂ ଉପସ୍ଥିତ ଲୋକମାନଙ୍କୁ ଦେଖି ଖୁବ୍ ଚକିତ ଓ ଦୁଃଖିତ ହୋଇଗଲେ। ଇଏ କି ଦୃଶ୍ୟ! ରାଜ୍ୟର ସବୁଠୁ ସୁନ୍ଦର, ମନୋହର ନର୍ତ୍ତକୀ ଏବଂ ଗାୟିକାମାନେ ଯେଉଁମାନେ ଘଣ୍ଟାଏ ପୂର୍ବରୁ ରାଜକୁମାରଙ୍କୁ ଖୁସି କରିବା ପାଇଁ ଚେଷ୍ଟା କରୁଥିଲେ, ସେମାନେ ସମସ୍ତେ କୋଠରୀର ଚଟାଣରେ, ଚେୟାରରେ, ସୋଫାରେ ଏବଂ ପଲଙ୍କରେ ଅତି ଅସୁନ୍ଦର, ଲଜ୍ଜାଜନକ ଓ ବୀଭତ୍ସ ଭଂଗୀରେ ପଡ଼ିଛନ୍ତି। କେତେକ ଯୁବତୀ ମୁହଁକୁ ଖୋଲାକରି ଘୁଷୁରି ପରି ଘୁଙ୍ଗୁଡ଼ି ମାରୁଛନ୍ତି, କେତେକ ଶୈତାନ ପରି ନିଜର ଦାନ୍ତଗୁଡ଼ିକୁ ରଗଡୁଛନ୍ତି ଓ ଘେବାଉଛନ୍ତି। ଏପରି ଅସୁନ୍ଦର ଓ ଅପରିଚ୍ଛନ୍ନ ଦୃଶ୍ୟ ରାଜକୁମାରଙ୍କୁ ବର୍ତ୍ତମାନ ଅଧିକ ନିରାଶ ଓ ଅସୁଖୀ କରାଇଲା। ସେ କୋଠରିରୁ ନୀରବରେ ଉଠିଗଲେ, କାହିଁକିନା ସେ ଚାହୁଁନଥିଲେ କୌଣସି ଜଣେ ନର୍ତ୍ତକୀ ମଧ୍ୟ ଉଠିପଡ଼ନ୍ତୁ ଏବଂ ସେ ନିଜର ବିଶ୍ୱସ୍ତ ଭୃତ୍ୟ ଚନ୍ନାକୁ ଡାକିଲେ, ନିଜର ପ୍ରିୟ ଶ୍ୱେତଅଶ୍ୱ କଣ୍ଟକ ପିଠିରେ ଜିନ୍ ପକାଇ ଦୂରଯାତ୍ରା ନିମନ୍ତେ ପ୍ରସ୍ତୁତ ହେଲେ।

ଚନ୍ନା ଯେତେବେଳେ ଘୋଡ଼ାକୁ ପ୍ରସ୍ତୁତ କରୁଥିଲେ, ସେତେବେଳେ ରାଜକୁମାର ଧୀରେ ଜୀବନରେ ପ୍ରଥମ ଥର ପାଇଁ ତାଙ୍କ ନବଜାତ ପୁତ୍ରକୁ ଦେଖିବାକୁ ଗଲେ। ତାଙ୍କର ପତ୍ନୀ ଶିଶୁ ନିକଟରେ ଶୋଇଥିଲେ ଏବଂ ତାଙ୍କର ହାତ ଶିଶୁର ମୁଖକୁ ଆବୃତ୍ତ କରିଥିଲା। ସେ ଏପରିକି ଶିଶୁର ମୁହଁକୁ ମଧ୍ୟ ଦେଖିପାରିଲେ ନାହିଁ। ସେ ଜାଣିଥିଲେ ଯଦି ପୁଅର ମୁଖ ଦେଖିବାକୁ ସ୍ତ୍ରୀର ହାତ ଘୁଞ୍ଚାଇଦିଅନ୍ତି ତେବେ ସେ ଉଠିଯାଇପାରନ୍ତି ଏବଂ ତାଙ୍କୁ ନିଶ୍ଚିତ ଭାବରେ ପ୍ରାସାଦ ତ୍ୟାଗ କରିବାର ଅନୁମତି ଦେବେନାହିଁ। ସେ ନିଜକୁ ନିଜେ କହିଲେ "ମୁଁ ପୁଅର ମୁଖ ଦେଖିବା ପାଇଁ ପତ୍ନୀଙ୍କ ହାତକୁ ଘୁଞ୍ଚାଇବାକୁ ଏବେ ଉଦ୍ୟମ ନକରି ପ୍ରଥମେ ମୁଁ ଯେଉଁଟା ପାଇବା ପାଇଁ ଆଗକୁ ଯାଉଛି, ତାହା ପାଇଗଲା ପରେ ଫେରିଆସି ପୁଅ ଓ ପତ୍ନୀଙ୍କୁ ପୁନର୍ବାର ବରଂ ଦେଖିବି।"

ତତ୍ପରେ ସେ ମଧ୍ୟରାତ୍ରରେ ଶ୍ୱେତହସ୍ତ କଣ୍ଟକର ଲାଙ୍ଗୁଡ଼ ଧରିଥିବା ତାଙ୍କର ବିଶ୍ୱସ୍ତ ଭୃତ୍ୟ ଚନ୍ନା ସହ ପ୍ରାସାଦରୁ ଚୁପ୍‌ଚାପ୍ ବାହାରି ଗଲେ। ସେ ନଗରୀର ଫାଟକ ନିକଟକୁ ଆସିଲେ ଏବଂ କେହି ତାଙ୍କୁ ଅଟକାଇଲେ ନାହିଁ। ସେମାନଙ୍କୁ



ଛାଡ଼ି ଚାଲିଗଲେ ଯେଉଁମାନେ ତାଙ୍କୁ ଜାଣିଥିଲେ, ସମ୍ମାନ ଦେଉଥିଲେ ଏବଂ ବହୁତ ଭଲପାଉଥିଲେ। ସେ ଚନ୍ଦ୍ରାଲୋକରେ ସଂପୂର୍ଣ୍ଣ ଶୋଇଯାଇଥିବା କପିଳାବସ୍ତୁକୁ ଶେଷଥର ପାଇଁ ଦେଖିଲେ। ସେ ଜରା, ରୋଗ ଏବଂ ମୃତ୍ୟୁକୁ ରୋକିବାର ପଥର ଅନ୍ୱେଷଣରେ ବାହାରିଗଲେ।

ସେ ଆନୋମା ନଦୀ କୂଳେ କୂଳେ ଚାଲିଥିଲେ। ସେଠାରେ ସେ ଓହ୍ଲାଇପଡ଼ି ନିଜର ସମସ୍ତ ଅଳଙ୍କାର ଏବଂ ରାଜକୀୟ ପୋଷାକକୁ ଖୋଲି ଚନ୍ନାକୁ ଦେଇ ସେସବୁ ରାଜାଙ୍କୁ ଫେରାଇ ଦେବାପାଇଁ କହିଲେ। ତତ୍ପରେ ସେ ନିଜର ଖଣ୍ଡାକୁ ଧରି ତାଙ୍କର ଲମ୍ବାବାଳକୁ କାଟିଦେଲେ। ସେ ଗେରୁଆ ବସ୍ତ୍ର ପରିଧାନ କଲେ, ଭିକ୍ଷାଥାଳଟିଏ ଧରିଲେ ଏବଂ ଚନ୍ନାକୁ ଫେରିଯିବା ପାଇଁ କହିଲେ।

ଚନ୍ନା ଅତି ଦୁଃଖର ସହ କହିଲା, "ପ୍ରଭୁ, ମୁଁ ତୁମ ବିନା ରାଜପ୍ରାସାଦରେ ରହିପାରିବିନି। ମୁଁ ତୁମ ସହ ଯିବାକୁ ଚାହେଁ।"

ରାଜକୁମାର କହିଲେ, "ଚନ୍ନା, ତୁମେ ଏହା କରନାହିଁ। ଏହି ପୋଷାକ ଓ ଅଳଙ୍କାରଗୁଡ଼ିକୁ ବାପାଙ୍କ ପାଖକୁ ନେଇଯାଅ ଏବଂ ତାଙ୍କୁ, ମୋ ମାଆଙ୍କୁ ଏବଂ ପତ୍ନୀଙ୍କୁ ବ୍ୟସ୍ତ ନହେବା ପାଇଁ କୁହ। ମୁଁ ବୃଦ୍ଧାବସ୍ଥା, ଅସୁସ୍ଥତା ଏବଂ ମୃତ୍ୟୁକୁ ରୋକିବାର ପଥ ଅନ୍ୱେଷଣ କରିବାକୁ ଯାଉଛି।

ଯେତେଶୀଘ୍ର ମୁଁ ଏହାକୁ ପାଇଯିବି, ମୁଁ ପ୍ରାସାଦକୁ ଫେରି ମୋର ପିତା, ମାତା, ପତ୍ନୀ, ପୁତ୍ର ଏବଂ ପୃଥିବୀର ସମସ୍ତଙ୍କୁ ଶିକ୍ଷା ଦେବି। ତତ୍ପରେ ସମସ୍ତେ ଅତି ଖୁସି ହୋଇପାରିବେ।"

ଚନ୍ନା ଯିବାକୁ ବାହାରିଲା, ମାତ୍ର ଅଶ୍ୱଟି ଗଲାନାହିଁ। ରାଜକୁମାର ଘୋଡ଼ାକୁ ସ୍ନେହରେ ଆଉଁଶି କହିଲେ, "କଣ୍ଟକ ଦୟାକରି ମୋ ବନ୍ଧୁ ସହ ଯାଅ। ମୋ ପାଇଁ ଅପେକ୍ଷା କରନାହିଁ।"

ଉଭୟେ କିଛିବାଟ ଗଲାପରେ ଘୋଡାଟି ରହିଗଲା ଓ ବୁଲିପଡ଼ି ଶେଷଥର ପାଇଁ ରାଜକୁମାରଙ୍କୁ ଚାହିଁଲା। ଚନ୍ନା ଘୋଡ଼ାଟିର ମନୋଭାବକୁ ବୁଝିପାରି କହିଲା, "ବନ୍ଧୁ, ଆମ ପ୍ରଭୁ ଆମ ପାଇଁ ବହୁତ ଭଲ ଜିନିଷ ଆଣିବାକୁ ଯାଉଛନ୍ତି। ତୁମେ ଦୁଃଖ କରନାହିଁ। ସେ ଶୀଘ୍ର ଫେରିଆସିବେ। ଚାଲ ଆମେ ଯିବା।"

ଘୋଡ଼ାଟି ଦୁଃଖର ସହିତ ଚାହିଁଥିଲା। ତା'ର ଆଖି ଦୁଇଟିରୁ ଲୁହଧାର ବହିଚାଲିଥିଲା। ସେ କିଛି କ୍ଷଣ ରାଜକୁମାରଙ୍କ ଆଡ଼କୁ ସ୍ଥିରଦୃଷ୍ଟିରେ ଚାହିଁରହିଲା। ପରେପରେ, ଘୋଡ଼ାଟି ଦୁଃଖରେ ମୃତ୍ୟୁବରଣ କରିଥିଲା। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ
'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ବଜ୍ରପାତରୁ ରକ୍ଷା ପାଇଁ ସତର୍କତା ଏକମାତ୍ର ବିକଳ୍ପ : ଶଶିଭୂଷଣ

ଉଦଳା, ୧୮/୧୦ (ନି.ପ୍ର): ବଜ୍ରପାତ ଯୋଗୁଁ ପ୍ରତିବର୍ଷ ବହୁଲୋକ ମୃତ୍ୟୁବରଣ କରୁଥିବାର ଜଣାଯାଇଛି । ଏଥିରୁ ନିଜକୁ ରକ୍ଷାକରିବା ପାଇଁ କି ପ୍ରକାର ସତର୍କତା ଅବଲମ୍ବନ କରିବା ଉଚିତ ସେ ବିଷୟରେ ଏକକର୍ମଶାଳା ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା, ଯୁବରେଡ଼କ୍ରସ ଓ ରେଂଜର୍ସ ବିଭାଗ ତରଫରୁ ମିଳିତ ଭାବରେ ଏହିକର୍ମଶାଳା ଆୟୋଜନର ନେତୃତ୍ୱ ନେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶଶିଭୁଷଣ ପାଣିଗ୍ରାହୀ ଉକ୍ତ କର୍ମଶାଳାରେ ଅଧକ୍ଷତା କରି ବଜ୍ରପାତରୁ ନିଜକୁ ରକ୍ଷା କରିବା ପାଇଁ ସତର୍କତା ଏକମାତ୍ର ବିକଳ୍ପ ବୋଲି ବ୍ୟକ୍ତ କରିଥିଲେ । ଅଧ୍ୟାପକ ଗିରିଜା ଶଙ୍କର ପାତ୍ର




ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ବଜ୍ରପାତ ସମୟରେ ବାହାରେ ନବୁଲି ଘରେ ରହିବା ଓ କୌଣସି ବିଦ୍ୟୁତ ସୁପରିବାହି ଧାତୁକୁ ସ୍ପର୍ଶ ନକରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବି ଆଶିଷ ମଲିକ, ରେଡ଼ିଓ ବାଘାଯତିନର ଘୋଷକ ଦେବେନ୍ଦ୍ର ରାଉଳ ଓ ଆକାଶ ମହାନ୍ତ ଯୋଗଦେଇ ଓଡ଼ିଶାରେ ପ୍ରତିବର୍ଷ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ଶତାଧିକ ବୋଲି ସୁଚନା ପ୍ରଦାନ କରିବା ସହ ରାଜ୍ୟସରକାର ଏହାକୁ ଜାତୀୟ ବିପତି ବୋଲି ଘୋଷଣା କରିଥିବା କଥା ଜଣାଇଥିଲେ । ବହୁଳ ଭାବରେ ତାଳଗଛ ରୋପଣ କରାଗଲେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ଅନେକ ମାତ୍ରାରେ ହ୍ରାସ ପାଇବ ବୋଲି ଶେଷରେ ମତ ରଖିଥିଲେ ।

# ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ

ବେତନଟୀ,୧୮/୧୦(ନି.ପ୍ର) : ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଓଡିଶା ପୁଲିସ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ବାବେ ଉଦଘାଟନ କରିଥିବା ବେଳେ ଏଥ ?ରେ ଭର୍ଚୁଆଲ ମୋଡରେ ଯୋଗଦେଲେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ। ସୂଚନା ମୁତାବକ ଦିନକୁଦିନ ସାଇବର ଅପରାଧ ରାଜ୍ୟରେ ଆଶାତୀତ ଭାବେ ବୃଦ୍ଧି ଘଟିଥିବା ବେଳେ କ୍ରମଶଃ ଏହା ନିୟନ୍ତ୍ରଣ ବାହାରକୁ ଯିବା ଭଳି ପରିସ୍ଥିତି ସୃଷ୍ଟି ହେଲାଣି । ହଜାର ହଜାର ରାଜ୍ୟବାସୀ ସାଇବର ଅପରାଧର ଶୀକାର ହୋଇ ସର୍ବସ୍ୱାନ୍ତ ହୋଇପଡୁଥିବା ବେଳେ ସାଇବର ଅପରାଧୀଙ୍କୁ କାବୁକରିବା ସାମ୍ପ୍ରତିକ ସ୍ଥିତିରେ ଓଡିଶା ପୁଲିସ ପାଇଁ ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସାଇବର ଅପରାଧ ସମ୍ପର୍କିତ ଜନସଚେତନତା ସାଙ୍ଗକୁ ରାଜ୍ୟବ୍ୟାପୀ ବ୍ୟାପକ ଜନମତ ସୃଷ୍ଟି କରିବାକୁ ଓଡିଶା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି । ଓଡିଶା ପୁଲିସ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁ ଭାରମ୍ଭ କାର୍ଯ୍ୟକ୍ରମରେ ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ଏସଆଇ ମଦନ ମୋହନ ପରିଡା, ଏଏସଆଇ ପଞ୍ଚାନନ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସଂଗଠକ ଭରତଚନ୍ଦ୍ର ନାଏକଙ୍କ ସମେତ ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି ଏବଂ ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ତଥା ବ୍ଳକ କର୍ମଚାରୀ ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୁଲିସ ଏସ୍ଆଇ ...

କ୍ରାଇମ୍ ବ୍ରାଞ୍ଚର ଏହି ମାମଲା ପରେ ଦଶପଲ୍ଲାର ଏକ ପେଟ୍ରୋଲ ପମ୍ପରେ ଦୀର୍ଘଦିନ ଧରି (ଓଡ଼ି ୦୨ ସିୟୁ ୬୫୫୧) ଏବଂ (ଓଡ଼ି ୦୨ ଡ଼ିଡ଼ି ୬୫୫୧) ହାଇୱା ଦୁଇଟି ରହିଥିବା ବେଳେ ଗତକାଲି ମୁନାକୁ କ୍ରାଇମ୍ ବ୍ରାଞ୍ଚ ଗିରଫ କରିବା ପରେ ଦଶପଲ୍ଲା ପୁଲିସ ହାଇୱା ଦୁଇଟିକୁ ନିଜ ହେପାଜତକୁ ନେଇଛି। ଏହାରି ମଧ୍ୟରେ ଆଜି ମଧ ଆଉଏକ ଫାର୍ମ ହାଉସରୁ ସେ ବ୍ୟବହାର କରୁଥିବା ଦାମି ଥର୍ ଗାଡି (ଓଡ଼ି ୦୨ ଡ଼ିଜି ୨୪୮୭)କୁ ଥାନା ଅଧିକାରୀ ବିନୟ ରଂଜନ ପରିଡ଼ା ଜବତ କରିଥିବା ସୂଚନା ଦେଇଛନ୍ତି। ନୟାଗଡ଼ଜିଲ୍ଲା ଦଶପଲ୍ଲାର ପୋଇବାଡ଼ି ସ୍ଥିତ ଜିତେନ୍ଦ୍ର ପାତ୍ରଙ୍କ ଫାର୍ମ ହାଉସରେ ଏହି ଦାମି ଥର୍ ଗାଡ଼ି ରହିଥିବା ବେଳେ ଖବରପାଇ ପୁଲିସ ନିଜ ହେପାଜତକୁ ଆଣିଛି। ଆହୁରି ମଧ ମୁନାଙ୍କ ସମ୍ପର୍କିୟଙ୍କ ନାମରେ ରହିଥିବା କିଛି ଜେସିବି ମେସିନ୍ ଦଶପଲ୍ଲାରେ ଚାଲୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। ମୁନାଙ୍କ ସହ ଆହୁରି କିଛି ବ୍ୟକ୍ତିଙ୍କ ସମ୍ପର୍କ ରହିଥିବା କୁହାଯାଉଥିବା ବେଳେ ସେ ବିଭିନ୍ନ ବ୍ୟବସାୟରେ ଟଙ୍କା ଲଗାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ପୁଲିସକୁ ମୁନା ମହାନ୍ତିର ମା'ଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨ ଲକ୍ଷ ଟଙ୍କାର ନେଣଦେଣ ହୋଇଥିବା ସୂଚନା ମିଳିଛି। ଅରବିନ୍ଦ ଦାଶ ମାଷ୍ଟରମାଇଣ୍ଡ ଫେରାର ଶଙ୍କର ପୃଷ୍ଟି ସହ ଆର୍ଥିକ କାରବାର ରହିଛି। ଉଭୟ ମୁନା ଏବଂ ଅରବିନ୍ଦ ଶଙ୍କର ପୃଷ୍ଟି ଲାଗି କାମ କରୁଥିଲେ। ସୌମ୍ୟା ପ୍ରିୟଦର୍ଶିନୀ ସାମଲଙ୍କୁ ଢେଙ୍କାନାଳରୁ ଗିରଫ କରାଯାଇଛି। ସେ ପୂର୍ବରୁ ଆଶାୟୀମାନଙ୍କ ସହ ଲିଙ୍କରେ ଥିଲା। ଏସ୍ଆଇ ପରୀକ୍ଷା ଅନିୟମିତତା ଖୁଲସା ହେବ ପରେ ସୌମ୍ୟା ପ୍ରିୟଦର୍ଶିନୀ ଜରିଆରେ ଅଗ୍ରୀମ ଚେକ୍, ଅରିଜିନାଲ ସାର୍ଟିଫିକେଟ୍ ଫେରା ଯାଇଥିଲା। ସୌମ୍ୟା ଏସ୍ଆଇ ମାମଲାରେ ପ୍ରମାଣ ନଷ୍ଟ କରିବାରେ ପ୍ରମୁଖ ଭୂମିକା ରହିଥିଲା।

### ଚୀନ୍‌କୁ ପାନେ ...

ମସ୍କୋ ଏବେ ଭାରତ ସହିତ ସହଯୋଗରେ ଏହି ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ବୃହତ ସ୍ତରରେ ବାଣିଜ୍ୟିକ ଭାବରେ କାର୍ଯ୍ୟକାରୀ କରିବାକୁ ଆଗ୍ରହୀ। ସମ୍ପ୍ରତି, ଚୀନ୍ ଏପ୍ରିଲରୁ ଏହାର ରପ୍ତାନି କଟକଣାକୁ କଡ଼ାକଡ଼ି କରିଛି। ଏହି ପଦକ୍ଷେପ ଆମେରିକା ସହିତ ବାଣିଜ୍ୟ ଯୁଦ୍ଧ ମଧ୍ୟରେ ଆସିଛି। ଏହି କଟକଣାଗୁଡ଼ିକ ଭାରତ ଏବଂ ଅନ୍ୟାନ୍ୟ ଦେଶରେ ଅଟୋମୋବାଇଲ୍, ଶକ୍ତି ଏବଂ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଭଳି ଶିଳ୍ପରେ ଉତ୍ପାଦନକୁ ପ୍ରଭାବିତ କରିଛି।

# ବାଲେଶ୍ୱର ଇନ୍‌ଟାକ୍ ଚାପ୍‌ଟର୍ ତରଫରୁ ୨ ଦିନିଆ କର୍ମଶାଳା

ବାଲେଶ୍ୱର, ୧୮/୧୦ (ନି.ପ୍ର): ଇନ୍‌ଟାକ୍ ତରଫରୁ ଏକ ୨ ଦିନିଆ ଟେରାକୋଟା ନିର୍ମାଣ କର୍ମଶାଳା, ବାଲେଶ୍ୱର କଳା ଓ ଚାରୁକଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ଇନ୍‌ଟାକ୍ ଚାପଟରର ଆବାହକ ଶ୍ରୀଯୁକ୍ତ ଉଦୟ ରଞ୍ଜନ ଦାସ ଏହି ସଭାରେ ସଭାପତିତ୍ୱ କରିଥିଲେ। କୋ-କନ୍‌ଭେନର ସଂଗ୍ରାମ




କୁମାର ଦାସ ତାଙ୍କ ବକ୍ତବ୍ୟରେ ଭାଗ ନେଇଥିବା ସ୍ଥାନୀୟ ବିଦ୍ୟାଳୟର ପିଲାମାନଙ୍କୁ ଇନ୍‌ଟାକ୍ ସମ୍ବନ୍ଧରେ ଓ ଏହାର କାର୍ଯ୍ୟକଳାପ ବିଷୟରେ ବିଶଦ ଭାବରେ ଜଣାଇଥିଲେ। ଅନ୍ୟତମ ଅତିରିକ୍ତ ସହ ଆବାହକ ନିକୁଞ୍ଜ ବିହାରୀ ଦାସ ଛାତ୍ରଛାତ୍ରୀମାନଙ୍କୁ ଏହି କର୍ମଶାଳା ବିଷୟରେ ତାଙ୍କ ବକ୍ତବ୍ୟ ମାଧ୍ୟରେ ଅବଗତ କରାଇଥିଲେ। ଅତିରିକ୍ତ ସହ ଆବାହିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇନ୍‌ଟାକ୍‌ର ସଦସ୍ୟ ସର୍ବଶ୍ରୀ ଭାବଗ୍ରାହୀ ମହାନ୍ତି, ସତ୍ୟନାରାୟଣ ନନ୍ଦ, ହରେନ୍ଦ୍ର ଚନ୍ଦ୍ର ରଣା, ଅଖିଳ କୁମାର ଦାସ, ସୌରଭ ବେହେରା ଓ ସଲିମ୍ ସୁବା ଆଦି ସଦସ୍ୟ ସହଯୋଗ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ସ୍ଥାନୀୟ ୭ଟି ବିଦ୍ୟାଳୟରୁ ୩୩ ଜଣ ଛାତ୍ରଛାତ୍ରୀମାନଙ୍କୁ କର୍ମଶାଳାର ସମାପ୍ତି ପରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଆସନ୍ତାକାଲି ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ।

# ପବିତ୍ର ଧନ୍ୱନ୍ତରୀ ଜୟନ୍ତୀ ଓ ଧନତେରସ୍ର ଶୁଭେଚ୍ଛା ଜଣାଇଲେ ପ୍ରଭାତୀ ପରିଡା

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ପବିତ୍ର ଧନ୍ୱନ୍ତରୀ ଜୟନ୍ତୀ ଓ ଧନତେରସ୍ର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ଆରୋଗ୍ୟ ଓ ସମୃଦ୍ଧିର ଦିନ ପବିତ୍ର ଧନ୍ୱନ୍ତରୀ ଜୟନ୍ତୀ ଓ ଧନତେରସ୍ ଅବସରରେ ଆପଣମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ସ୍ୱାସ୍ଥ୍ୟ ଆମ ପାଇଁ ସବୁଠାରୁ ମୂଲ୍ୟବାନ ସମ୍ପଦ । ଆଜିର ପବିତ୍ର ଦିନରେ ଧନ୍ୱନ୍ତରୀଙ୍କ ନିକଟରେ ଆପଣମାନଙ୍କ ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରୁଛି ।

# ନୀଳମଣି ମହାବିଦ୍ୟାଳୟରେ 'ପୋଷଣ ମାସ ୨୦୨୫' କାର୍ଯ୍ୟକ୍ରମ ପାଳିତ




ରୂପ୍ସା , ୧୮/୧୦ (ନି.ପ୍ର): ନୀଳମଣି ମହାବିଦ୍ୟାଳୟରେ 'ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାହ ୨୦୨୫'ବିଷୟକ ଏକ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ତପନ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନାଚକ୍ରରେ ଅଧ୍ୟାପକ ଶମ୍ଭୁ ନାଥ ଗିରି ଅତିଥି ପରିଚୟ ପ୍ରଦାନ ପୂର୍ବକ ବିଭିନ୍ନ ପାରମ୍ପାରିକ ଖାଦ୍ୟରେ ପୋଷୋକ ତତ୍ୱ ଉପରେ ଆଲୋକପାତ କରିଥିଲେ ।ପୋଷଣ ଅଭିଯାନର ସଂଯୋଜିକା ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ପ୍ରାରମ୍ଭିକ ଭାଷଣ ତଥା ସୁସ୍ଥ ନିରାମୟ ଜୀବନରେ ପୌଷ୍ଟିକ ତଥା ସୁଷମ ଖାଦ୍ୟର ଆବଶ୍ୟକତା ସମ୍ପର୍କୀୟ ଅତ୍ୟନ୍ତ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରାଧ୍ୟାପକ ସରୋଜ କୁମାର ପାଣି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟର ଅଭ୍ୟାସ କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ଚରଣ ପଣ୍ଡା ଗର୍ଭବତୀ ତଥା ସ୍ତନ୍ୟପାୟୀ ମହିଳାଙ୍କ ନିମନ୍ତେ ଉପଯୁକ୍ତ ପୋଷଣର ଆବଶ୍ୟକତା ସମ୍ପର୍କରେ ମତପ୍ରକାଶ କରିଥିଲେ। ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁ କୈଶର ଅବସ୍ଥାରେ ସୁଷମ ଖାଦ୍ୟର ତାଲିକା ଉପରେ ଏକ ନିବନ୍ଧ ପାଠ କରିଥିଲେ। ଅଧ୍ୟାପିକା ଡ଼ଃ ସୁଜାତା ରାଣୀ ଗିରି ମେଦବହୁଳତା ନିରାକରଣରେ ସାତ୍ୱିକ ଖାଦ୍ୟ ତଥା ଯୋଗର ଭୂମିକା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅଧ୍ୟାପକ ତପନ କୁମାର ଦାସ ପୋଷଣ ମାସ ଅଭିଯାନର ମହତ୍ୱ ତଥା ଭିନ୍ନ ଭିନ୍ନ ଋତୁରେ ପ୍ରକୃତିର ପୋଷକଯୁକ୍ତ ଖାଦ୍ୟ ର ଅବଦାନ ସମ୍ପର୍କୟ ତଥ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ରୁବିରାଣୀ ଦାଶ ପୋଷଣଯୁକ୍ତ ଖାଦ୍ୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ଼ଃ ଅର୍ଦ୍ଧେନ୍ଦୁ କୁମାର ଦାସ ପୁଷ୍ଟିକର ଖାଦ୍ୟ ଓ ପୁଷ୍ଟିହୀନତାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିବା ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ।

# ସତର୍କତାର ସହ ଦୀପାବଳି ପାଳନ କରିବାକୁ ଓଡ଼ିଶା ଅଗ୍ନିଶମ ବିଭାଗ ଡିଜିଙ୍କ ଅପିଲ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ଓଡ଼ିଶା ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ଶୁଭ ଦୀପାବଳି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ସମଗ୍ର ଓଡ଼ିଶାବାସୀଙ୍କୁ ସତର୍କତାର ସହ ଆଲୋକର ପର୍ବକୁ ନିଜ ପରିବାର ସହିତ ପାଳନ କରିବାକୁ ଅନୁରୋଧ କରିଛନ୍ତି । ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ଜରୁରୀକାଳୀନ ସେବା ନମ୍ବର ୧୧୨ ଡାଏଲ୍ କରନ୍ତୁ । ଏଥିସହ, ଆମ୍ବୁଲାନ୍ସ ସେବା ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବା ବିଷୟରେ ନିଜେ ଅବଗତ ହେବା ସହ ଆଖପାଖ ଲୋକଙ୍କୁ ମଧ ସୂଚିତ କରନ୍ତୁ । ଶୁଭ ଦୀପାବଳି, ସୁରକ୍ଷିତ ଦୀପାବଳି ।

# ଫଳକ ଉନ୍ମୋଚନ ସମୟରେ ବିଧାୟକ ହଟହଟା: ଖରାପ ରାସ୍ତାକୁ ନେଇ ତାତିଲେ ଲୋକେ

ବୈଶିଙ୍ଗା, ୧୮/୧୦ (ନି.ପ୍ର): ଖୁଣ୍ଟାପୁର ଆର. ଆଇ ଅଫିସର ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ବିଧାୟକ ଯାଇଥିବା ସମୟରେ ସାଧାରଣଲୋକଙ୍କ ଆକ୍ରୋଶର ଶିକାର ହେବାକୁ ଦେଖିବାକୁ ମିଳିଥିଲା ଓ ଏହିଭଳି ଘଟଣା ଦେଖିବାକୁ ମିଳିଛି ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଅଂଚଳରେ ଓ ସୂଚନା ମୁତାବକ ଖୁଣ୍ଟାପୁର ଏବଂ ଦିଗାନଗର ରାସ୍ତା ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ୍ୱ ହେବ ଖାଲଖମାରେ ଭର୍ତି ହୋଇଥିବା ସ୍ଥଳେ ଜନସାଧାରଣ ବିଭିନ୍ନ ସମୟରେ ବହୁ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଆମ୍ବୁଲାନ୍ସ ତ ଯିବା ଦୂରର କଥା, ବାଇକଟିଏ ଯିବା କଷ୍ଟକର ହୋଇପଡିଛିଓ ତେବେ ବହୁବାର ଉକ୍ତ ରାସ୍ତା ନିର୍ମାଣ






ନିମନ୍ତେ ସ୍ଥାନୀୟ ବିଧାୟକଙ୍କୁ ଦୁଇ ଗ୍ରାମର ଜନସାଧାରଣ ଦୃଷ୍ଟି ଆକର୍ଷଣ କରୁଥିବା ସତ୍ୱେ ବିଧାୟକ ଏଥିପ୍ରତି କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି ଓ ତେବେ ରାସ୍ତା କାର୍ଯ୍ୟ କୁ ପ୍ରାଥମିକତା ନଦେଇ ବିକଶିତ ଗାଁ ବିକଶିତ ଓଡିଶାରେ ଅନ୍ୟ ପ୍ରକଳ୍ପ ମଂଜୁର ହେବାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା ଓ ତେବେ ଏକ ବର୍ଷ ତଳେ ରାଜସ୍ୱ ବିଭାଗ ରେଫରୁ ୫୧. ୫୧ ଲକ୍ଷ ଟଙ୍କା ବିନିମୟରେ ଖୁଣ୍ଟାପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ ହେବା ପାଇଁ ମଞ୍ଜୁରୀ ପାଇଥିଲା । ସେହି କାର୍ଯ୍ୟର ଫଳକ ଉନ୍ମୋଚନ ନିମନ୍ତେ ବିଧାୟକ ଗସ୍ତ କରିଥିବା ସମୟରେ ତାଙ୍କ ନିକଟକୁ ଯାଇ ସମସ୍ୟା ବାବଦରେ ଅବଗତ କରିବାକୁ ଯାଇଥିବା ସମୟରେ କିଛି ସ୍ଥାନୀୟ ଜନସାଧାରଣଙ୍କୁ ବିଧାୟକ ଅଣଦେଖା କରିବାରୁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ଏଥିରେ ବିଧାୟକ ହଟହଟା ହେବା ସହିତ ତର ରେରେ ସେଠାରୁ ଖସିଯିବା ନେଇ ସ୍ଥାନୀୟ ଅଂଚଳରେ ଏହା ବେଶ ଚର୍ଚ୍ଚାର ବିଷୟ ପାଲଟିଛି ।

# ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଯୁବକଙ୍କୁ ଗିରଫକରି ବଡ଼ସାହି ପୋଲିସକୁ ହସ୍ତାନ୍ତର କଲା ନୀଳଗିରି ପୋଲିସ

ନୀଳଗିରି , ୧୮/୧୦ (ନି.ପ୍ର): ଭିନ୍ନଭିନ୍ନ ଫାଇନାନ୍ସ କମ୍ପାନୀର ଫିଲ୍ଡ ଅଫିସର ପରିଚୟଦେଇ ଲକ୍ଷାଧିକ ଟଙ୍କା ଲୁଟ ଘଟଣାରେ ଆଜି ଜନୈକ ଯୁବକଙ୍କୁ ନୀଳଗିରି ପୋଲିସ ଅଟକରଖିବା,ପରେ ଉତ୍ତମମାଧମ ଦେଇ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନାକୁ ହସ୍ତାନ୍ତର କରିବା ଘଟଣା ନୀଳଗିରି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ ନୀଳଗିରି ଥାନା ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମର ରଘୁନାଥ ପଣ୍ଡା ଏବଂ ପଦ୍ମଲୋଚନ ବେହେରା ନାମକ ଦୁଇଜଣ ଯୁବକଙ୍କ ଠାରୁ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ରତନପୁର ଗ୍ରାମର ପ୍ରଭାକର ମଣ୍ଡଳଙ୍କ ଜ୍ଞାନ ମଣ୍ଡଳ ନିଜକୁ ପ୍ରିଫ୍ର ଫାଇନାନ୍ସ, ଏକ୍ସିଓ କମ୍ପାନୀ ଏବଂ କରୁର ବିଶ୍ୟା କମ୍ପାନୀର ଫିଲ୍ଡ ଅଫିସର ପରିଚୟ ଦେଇ



ସବସିଡ ଲୋନ କରିଦେବାର ପ୍ରଲୋଭନ ଦେଖାଇ ଉପରୋକ୍ତ ଯୁବକଙ୍କ ଠାରୁ ପାନକାର୍ଡ, ଆଧାର ଏଟିଏମ ଆଦି ଅତ୍ୟାବଶ୍ୟକ କାଗଜପତ୍ର ନେଇଯାଇଥିଲେ। ମାତ୍ର ଲୋନ୍ କରାଇବା ତ ଦୂରର କଥା ଯୁବକ ଜଣକ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ସେମାନଙ୍କ ନିକଟକୁ ଋଣ ପରିଶୋଧ ପାଇଁ ନୋଟିସ ଆସିବାପରେ ତାଙ୍କ ନାମରେ ଆଧାର, ପାନ୍, ଏଟିଏମ୍ ବ୍ୟବହାର କରାଯାଇ ବିଭିନ୍ନ କମ୍ପାନୀରୁ ଋଣ ଉଠାଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ଯୁବକ ଜଣକର କୌଣସି ପତ୍ତା ମିଳିନଥିଲା। ଶେଷରେ ଆଜି ଯୁବକ ଜଣକ କାଂଶ ବଜାରରେ ଥିବା ଖବରପାଇ ତାଙ୍କୁ ଧରିବାପାଇଁ ପ୍ରୟାସ କରାଯାଇଥିବା ବେଳେ ଯୁବକ ଜଣକ ଅସଭ୍ୟଭାଷାରେ ଗାଳିଗୁଲଜ କରିବା ସହ ଦୌଡ଼ି ଖସିଯିବାକୁ ଚେଷ୍ଟା କରିଥିଲେ। ସ୍ଥାନୀୟଲୋକ ଯୁବକଙ୍କୁ ଧରିବାପରେ ଉତ୍ତମମଧମ ଦେଇ ନୀଳଗିରି ପୋଲିସରେ ଜିମାଦେଇଥିଲେ। ନୀଳଗିରି ପୋଲିସ ଯୁବକ ଜଣକୁ ଅଟକରଖି ଘଟଣାର ସତ୍ୟତା ଥିବା ଜାଣି ବଡ଼ସାହି ପୋଲିସକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

**AFFIDAVIT**

By virtue of an affidavit sworn before Executive Magistrate Cum/ Tahilsidar, Jaleswar, I, Goura Chandra Das, aged 56 years, S/o- Late Raghunath Das, resident of At- Kalyanpur, Po- Chamauja, Ps- Jaleswar, Dist- Balasore, Odisha declare that my Good name is Sri Goura Chandra Das, S/o- Late Raghunath Das which is mentioned in my Aadhaar Card bearing No.- 8693 6733 5611 and Voter Card No.- OR/02/012/ 210407 . But as per the ROR of Mouza - Kalyanpur Khata No-79 Sthitiban record my name have been wrongly noted Sri Gourahari Das, S/o- Late Raghunath Das. Both Goura Chandra Das and Gourahari Das is one and same person.

**Goura Chandra Das**

**AFFIDAVIT**

By virtue of an affidavit sworn before Executive Magistrate Cum/ Tahilsidar, Jaleswar, I, Narayana Chandra Das, , aged 56 years, S/o- Late Raghunath Das, resident of At- Kalyanpur, Po- Chamauja, Ps- Jaleswar, Dist- Balasore, Odisha declare that my Good name is Sri Narayana Chandra Das, S/o- Late Raghunath Das which is mentioned in my Aadhaar Card bearing No.- 9776 2634 1852 and Voter Card No.- OR/02/012/ 210411 . But as per the ROR of Mouza - Kalyanpur Khata No-79 Sthitiban record my name have been wrongly noted Sri Narana Das, S/o- Late Raghunath Das. Both Narana Das and Narayana Chandra Das is one and same person.

**Narayana Chandra Das**

# ବେତନଟୀ ତହସିଲ କାର୍ଯ୍ୟାଳୟରେ ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତ

ବେତନଟୀ , ୧୮/୧୦ (ନି.ପ୍ର): ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ଟି ପ୍ରକଳ୍ପର ବେତନଟୀ ତହସିଲ କାର୍ଯ୍ୟାଳୟ ପରିସରରେ ଭିତ୍ତିପ୍ରସ୍ତର ଓ ଲୋକାର୍ପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ଲୋକାର୍ପିତ କରିଛନ୍ତି। ମୋଟ୍ ୨ଟି ପ୍ରକଳ୍ପ ପାଇଁ ୯୬ ଲକ୍ଷ ୧୩ ହଜାର ବ୍ୟୟ ଅଟକଳ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ; ବେତନଟୀ ତହସିଲ କାର୍ଯ୍ୟାଳୟ ରେ ନୂତନ ଏଫ- ଟାଇପ କ୍ୱାର୍ଟର (ତିନୋଟି) ନିର୍ମାଣ ଓ ନୂତନ ଡି- ଟାଇପ କ୍ୱାର୍ଟର ନିର୍ମାଣ କାର୍ଯ୍ୟର ଲୋକାର୍ପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ର ସହକାରୀ ଯନ୍ତ୍ରୀ



ସଂଜୀବ କୁମାର ସେନାପତି, କନିଷ୍ଠ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ନାୟକ, ଇଂଜିନିୟର ରାଜେଶ ପ୍ରଧାନ, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ,୨୫ ନମ୍ବର ମଣ୍ଡଳ ସଭାପତି ଭବାନୀଶଙ୍କର ସାହୁ, ୨୪ ନମ୍ବର ମଣ୍ଡଳ ସଭାପତି ସୁମନ୍ତ ମହାରଣା, ଅନନ୍ଦିତା ସାହୁ, ଠିକାଦାର ହିମାଂଶୁ କବାଟ, ଗ୍ୟନରଞ୍ଜନ ବେହେରା, କମଳାକାନ୍ତ ଜେନା, ଭବାନୀଶଙ୍କର ସେଠୀ, ରାଜେଶ୍ୱର ବେହେରା , ଚନ୍ଦ୍ର ଶେଖର ବେରା, ଦିପ୍ତିକାନ୍ତ ସେଠୀ, ବିକାଶ ଦାସ, ସଂଜୀବ ଜେନା (ବୁଲୁ), କେଶବ ନାଥ, ହିତେଶ ଜେନା, ରାକେଶ ମହାନ୍ତ, ଜଗା ଦାସ , ହିମାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ପାରମ୍ପରିକ ଧୂମସା - ମାଦଳର ତାଳେ ତାଳେ ଅତିଥି ଓ ଅଧିକାରୀମାନଙ୍କୁ ସ୍ୱାଗତ କରାଯାଇଥିଲା।

# ଦୁର୍ନିତୀଗ୍ରସ୍ତ ନିଲମ୍ବିତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି: ଆର୍ଥିକ ଅନିୟମିତତା ନେଇ ଜିଲ୍ଲାପାଳଙ୍କଠାରେ ଅଭିଯୋଗ

ବାଲିଆପାଳ, ୧୮/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ଦେଉଳା ଠାରେ ଥିବା ଅନୁସୁଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ସରକାରଙ୍କ ପକ୍ଷରୁ ଆଶ୍ରମ ସ୍କୁଲ୍ ସ୍ଥାପନ କରାଯାଇଛି। ପିଲାଙ୍କ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ମାଗଣା ଶିକ୍ଷା ବ୍ୟବସ୍ଥା, ଉନ୍ନତମାନର ଖାଦ୍ୟ, ଛାତ୍ରାବାସର ଉନ୍ନତିକରଣ ପାଇଁ ଆସୁ ଥିବା ସରକାରୀ ଅନୁଦାନ କୁ ଚଞ୍ଚକତା କରି ନିଲମ୍ବିତ ହୋଇଥିବା ପ୍ରଧାନ ଶିକ୍ଷକ ଆତ୍ମସାତ୍ କରିଥିବା ନେଇ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ସୁଚନା ଅନୁସାରେ ପ୍ରତ୍ୟେକ ବର୍ଷ ବିଦ୍ୟାଳୟର ଉନ୍ନତି କରଣ ପାଇଁ ଏକ ଲକ୍ଷ ଟଙ୍କା ଓ ପି- ମେଟ୍ରିକ୍-କଲାରସିରେ ଏକ ଲକ୍ଷ ଟଙ୍କା ଆସିଥାଏ। ମାତ୍ର ଏହି ବିଦ୍ୟାଳୟରେ ପରିଚାଳନା କମିଟି ନଥିବାରୁ ବିନା ରେଜୁଲେସନରେ ନିଲମ୍ବିତ ପ୍ରଧାନ ଶିକ୍ଷକ ରାଜୀବ ଲୋଚନ ପାତ୍ର ମନ ଇଚ୍ଛା ବିଲ୍ କରି ବହୁ ଅର୍ଥ ହେରଫେର କରିଛନ୍ତି ବୋଲି ସୁଚନା ଅଧିକାର ତଥ୍ୟ ରୁ ଜଣାପଡିଛି । ଏହା ବ୍ୟତିତ ବ୍ଳକ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଏହି ଦୁର୍ନୀତିରେ ସଂପୃକ୍ତ ଥିବା ନେଇ ଗ୍ରାମବାସୀ ଅନନ୍ତ କୁମାର ବିଶ୍ୱାଳ, ଉମାକାନ୍ତ ବେହେରା, ବୁଦ୍ଧିଆ ମାରାଣ୍ଡି,ଚେମ ବିନ୍ଧାଣି, ଲକ୍ଷ୍ମୀ ଧର ପାତ୍ର, ଘନଶ୍ୟାମ ବିନ୍ଧାଣି, ନନ୍ଦ ଟୁଟୁ, ସୁଶାନ୍ତ ପ୍ରମାଣିକ ପ୍ରମୁଖ ଶ୍ରୀ ପାତ୍ରଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଧ୍ୱନି ପ୍ରତିଧ୍ୱନି



# ତିନି ବାଲି ବୋଝେଇ ଟ୍ରାକ୍ଟର ମହିଳାଙ୍କ ଦ୍ୱାରା ଅଟକ



ବାଲିଆପାଳ , ୧୮/୧୦ (ନି.ପ୍ର): ଦିନକୁ ଦିନ ସୁବର୍ଣ୍ଣ ରେଖା ନଦୀ ଗର୍ଭରୁ ବାଲି ମାଫିଆ ମାନେ ବିଭିନ୍ନ ଉପାୟରେ ବେଆଇନ ଭାବେ ବାଲି ଉତ୍ତୋଳନ କରି ପଶ୍ଚିମ ବଙ୍ଗକୁ ଚାଲାଣ କରିବା ଘଟଣା ବଢ଼ି ବଢ଼ି ଚାଲିଛି। ରାସ୍ତାରେ ଯିବା ପାଇଁ ବିରୋଧ କରିବାରୁ ବିଲ ରାସ୍ତା ଅବଲମ୍ୱନ କରୁଛନ୍ତି। ଅସ୍ତି ପଞ୍ଚାୟତର ପାଲଚମ୍ପେଇ ଗ୍ରାମରେ ଶନିବାର ସକାଳୁ ତିନିଟି ଟ୍ରାକ୍ଟରରେବାଲି ବୋଝେଇ କରି ନେଉଥିବା ସମୟରେ ଗ୍ରାମର କିଛି ମହିଳା ତିନି ଘଣ୍ଟାରୁ ଉର୍ଦ୍ଧ୍ୱ ଅଟକି ରଖି ଥିଲେ। ମହିଳା ମାନେ ବାରମ୍ବାର ମାଇନ୍ସ ଏବଂ ବାଲିଆପାଳ ପୋଲିସକୁ ଫୋନ୍ କରି ନୟାନ୍ତ ହୋଇଥିଲେ ମଧ୍ୟ କେହି ତାଙ୍କ ଫୋନ୍ ଉଠାଇ ନଥିଲେ। ବାଲିଆପାଳ ପୋଲିସ ଏବଂ ସାଇନ୍ସ ଅଫିସର୍ ଓ ପାଳଚମ୍ପେଇ ଗାଁ ର ଡ଼୍।ଡମ୍ବେର ସୁଶାନ୍ତ ଦଳାଇଙ୍କ ସଲାସୁତୁରାରେ ଏହି ବାଲି ଚାଲାଣ ହେଉଛି ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ମହିଳା ସଞ୍ଜିତା ମାଝୀ, ରଶ୍ମିତା ମାଝୀ,ରୀନା ବେହେରା, ସବିତା ମାଝୀ, ଦେବସ୍ମିତା ମାଝୀ, ଆଶାଲତା ମାଝୀ, ସବିତା ମାଝୀ, ଶାନ୍ତି ଲତା ମାଝି କହିଛନ୍ତି।

# ମେଗା ପାନୀୟଜଳ ପ୍ରକଳ୍ପ ଦୁର୍ନୀତି ନେଇ ଭିଜିଲାନ୍ସ ତଦନ୍ତପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖିଲେ ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ

ନୀଳଗିରି , ୧୭/୧୦ (ନି.ପ୍ର): ମେଗାପାନୀୟଜଳ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ନୀଳଗିରିର ଗ୍ରାମାଞ୍ଚଳବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବାପାଇଁ ୨୦୨୨ମସିହାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ୧୭୨କୋଟି ବ୍ୟୟବରାଦରେ ସୋନନଦୀ ଉପରେ ବ୍ୟାରେଜ କରି ବ୍ଲକର ୨୦ଗୋଟି ପଞ୍ଚାୟତକୁ ପାନୀୟଜଳ ପାଇଁ କଲିକତା ଅଞ୍ଚଳର 'କୁବେର'ନାମକ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। ଏହି ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣରେ ଠିକାସଂସ୍ଥା ବ୍ୟାପକ ହରିଲୁଟ କରି ଅର୍ଥ ଆତ୍ମସାତ କରୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା। ଏପରିକି ଖୋଦ୍ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ସ୍ଥିତି ଅନୁଧ୍ୟାନକରି ଦୁର୍ନୀତି ହୋଇଥିବା ଜାଣିବାପରେ ସଂସ୍ଥାକୁ କଳାତାଲିକା ଭୁକ୍ତ କରିବାପାଇଁ ମନ୍ତ୍ରୀଙ୍କୁ ଚିଠିଲେଖିଥିଲେ। ସାଂସଦଙ୍କ ଅଭିଯୋଗପରେ କମ୍ପାନୀର ଭାଇସପ୍ରେସିଡେଣ୍ଟ ଓ ଇଞ୍ଜିନିୟରଙ୍କୁ ମଧ୍ୟ ସସ୍ପେଣ୍ଡ କରାଯାଇଥିଲା। ଏଥିସହ ଆରଡବ୍ଲ୍ୟୁଏସଏସ ର ସହକାରୀ ଯନ୍ତ୍ରୀଙ୍କୁ ମଧ୍ୟ କାରଣଦର୍ଶାଅ ନୋଟିସ ଜାରି ହୋଇଥିଲା। ମାତ୍ର ମୋତେ ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡା କାଠ ନ୍ୟାୟରେ ଦୁର୍ନୀତି ଥମିବାର ନାଁ ନେଉନାହିଁ। ଏନେଇ ଶନିବାର ନୀଳଗିରି ସ୍ଥିତ ସେନାପତି ପ୍ରେସରେ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀ କରି ଉକ୍ତ ମେଗା ପ୍ରକଳ୍ପ କାର୍ଯ୍ୟରେ ବଡଧରଣର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ରଲେଖି ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି। ଅଭିଯୋଗ ଅନୁସାରେ ବଡ଼ପାଇପ ମାଟିତଳେ ୫ଫୁଟ ଗଭୀରରେ ଏବଂ ସାନପାଇପ ୩ଫୁଟ ଗଭୀରରେ ପୋତାଯିବା ପାଇଁ ଗାଇଡଲାଇନ୍ ଥିବା କହିଥିଲେ। ମାତ୍ର କଉଠି ୬ଇଞ୍ଚ ତ କଉଠି ଫୁଟେତଳେ ପାଇପ ବିଛାଯାଇଥିବା ବେଳେ ନିମ୍ନମାନର ପାଇପ ଲଗାଯାଇଥିବା ଅଭିଯୋଗ କରିଥିଲେ। ତେଣୁ ଏହାର ଭିଜିଲାନସ୍ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବାସହିତ ପଞ୍ଚାୟତରାଜ ମନ୍ତ୍ରୀ, ବାଲେଶ୍ୱର ସାଂସଦ, ଓଡ଼ିଶା ସରକାରଙ୍କ ମୁଖ୍ୟସଚୀବ, ଭିଜିଲାନସ୍ ଡିଜି, ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଅବଗତ କରିଥିବା ଜଣାଯାଇଛି।

# ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀଙ୍କ ନାମରେ ଆର୍ଥିକ ଅନିୟମିତତା

## କଡମିଆଁ ପ୍ରାଥମିକ ବିଦ୍ୟାଳୟରେ ତଦନ୍ତକାରୀ ଟିମ



ଖଇରା, ୧୮/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଡମିଆଁ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ଜୟନ୍ତୀ କୁଅଁରଙ୍କ ନାମରେ ଆର୍ଥୀକ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ମାନେ ଜିଲା ଶିକ୍ଷାଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ପରେ ନନ୍ଦୁର ହାଇସ୍କୁଲର ପ୍ରଧାନଶିକ୍ଷକ ଭବାନୀ ପ୍ରସାଦ ଦିବେଦୀ ଓ କୁପାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ନେତୃତ୍ୱରେ ଗଠିତ ତଦନ୍ତକାରୀ ଟିମ ଗତ ୨୧ତାରିଖରେ ପ୍ରଥମ ପର୍ଯ୍ୟାୟରେ ତଦନ୍ତ ପରେ ଶନିବାର ବିଦ୍ୟାଳୟକୁ ଯାଇ ଦ୍ୱିତୀୟ ପର୍ଯ୍ୟାୟର ତଦନ୍ତ କରିଛନ୍ତି । ଉକ୍ତ ଟିମ କ୍ୟାଶ ବୁକ, ରିଜୋଲ୍ୟୁସନ ଖାତା, ଭିନ୍ନ ଭିନ୍ନ ସମୟରେ ଜିନିଷ କିଣା ବାବଦରେ ରଖାଯାଇଥିବା ଭାଉଚରକୁ ଯାଞ୍ଚ କରିଥିଲେ । ପ୍ରବେଶ ଉତ୍ସବ,ପିଟିଏମ, ୟୁନିଫର୍ମ, ଇକୋ କ୍ଲବ ଇତ୍ୟାଦି ବାବଦରେ କରାଯାଇଥିବା ଖର୍ଚ୍ଚର ଭାଉଚର ଠିକଠାକ ଥିବା ବେଳେ ଖେଳ ଓ ଅନ୍ୟାନ୍ୟ ସରଞ୍ଜାମ ପାଇଁ ଖର୍ଚ୍ଚ ହୋଇଥିବା ୩୦ହଜାର ଟଙ୍କା ର ସରଞ୍ଜାମ ବିଦ୍ୟାଳୟରେ ନଥିବା,ଗଣିତ ଓ ବିଜ୍ଞାନ ବିଷୟରେ ଦକ୍ଷତାବୃଦ୍ଧି ପାଇଁ କରାଯାଇଥିବା ୫ହଜାର ଟଙ୍କାର ଭାଉଚର ସହିତ ବାହାର ବିଦ୍ୟାଳୟର ଫଟୋ ଲଗାଯାଇଥିବା ନେଇ ଟିମ ହୃଦୟଙ୍ଗମ କରିବା ସହ କିଛି ଭାଉଚରରେ କରାଯାଇଥିବା ଦସ୍ତଖତ ପରିଚାଳନା କମିଟି ସଭାପତି ଦସ୍ତଖତ ସହ ମିଶୁନଥିବା ନେଇ ଏହି ଟିମର ଦୃଷ୍ଟିଗୋଚର ହୋଇଥିଲା । ଏ ସମ୍ପର୍କରେ ଟିମ ମୁଖ୍ୟ ଭାବେ ନନ୍ଦୁର ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ମତାମତ ନିଆଯିବାରେ ତଦନ୍ତ ବେଳେ ଯାହା ଯାହା ତ୍ରୁଟି ମିଳିଥିଲା ସେ ସବୁକୁ ଉପସ୍ଥିତ ଗ୍ରାମବାସୀ ଓ ପରିଚାଳନା କମିଟିକୁ ଅବଗତ କରାଯାଇ ସେମାନଙ୍କ ଦସ୍ତଖତ ମଧ୍ୟ ନିଆଯାଇଛି । ସେ ତାଙ୍କର ଏହି ରିପୋର୍ଟକୁ ଯଥାଶୀଘ୍ର ବିଇଓଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି ।

# ଓରମାସ ପକ୍ଷରୁ ଦୀପାବଳି ଉତ୍ସବ ୨୦୨୫ ଦୀପସ୍ଥଳ ଉଦ୍‌ଘାଟିତ



ପାରାଦ୍ୱୀପ, ୧୮/୧୦ (ନି.ପ୍ର): ଆଜି ପାରାଦ୍ୱୀପ ବାଲିଯାତ୍ରା ପଡିଆ ରେ ଓରମାସ ପକ୍ଷରୁ 'ଦିପାବଳୀ ଉତ୍ସବ ୨୦୨୫ 'ଦୀପସ୍ଥଳ କୁ ପୌର ପରିଷଦର ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶୁଭ ଉଦଘାଟନ କରିଛନ୍ତି। ଏହି ସ୍ଥଳ ରେ ଉତ୍ପାଦକ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ହାତ ତିଆରି ଟେରାକୋଟା ଦୀପ ଯଥା ବୋହୂ ଦୀପ, କଳସ ଦୀପ, ଷ୍ଟାଣ୍ଡ ଦୀପ, ଝାଡୁ , କାଇଁଚ ତିଆରି ଜିନିଷ, ତାଳପତ୍ର ତିଆରି ଗୃହସଜ୍ଜା ଉପକରଣ ଆଦି ବିକ୍ରୟ କରାଯାଉଛି। ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ମଧ୍ୟ ଏହି ଦୀପ ସ୍ଥଳ ଟିକୁ ଯାଇ ଦୀପ କିଣିବା ସହ ଉତ୍ପାଦକ ମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବାପାଇଁ ଜିଲ୍ଲାବାସୀ ଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଡେପୁଟି ସି ଇ ଓ ଓରମାସ ଶ୍ରୀମତୀ ମଧୁସ୍ମିତା ସାହୁ, ପୌର ନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା , ଓରମାସ ତଥା ପୌର ପରିଷଦର କର୍ମକର୍ତ୍ତା, ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ର ଋତୁ ରେ ସୁନ୍ଦର ହାତ ତିଆରି ଦୀପ ତଥା ଗୃହ ସଜା ଉପକରଣ ଜିଲ୍ଲା ବାସୀଙ୍କୁ ଆକୃଷ୍ଟ କରିବ ବୋଲି ଓରମାସ ର ଡେପୁଟି ସି.ଇ.ଓ ମତପ୍ରକାଶ କରିଥିଲେ।

## ସାଲିଆ ସାହି ଇଡ଼କୋ ବସ୍ତିରେ ଜଘନ୍ୟ ହତ୍ୟାକାଣ୍ଡ ଘଟଣା: ୨ କଏଦୀଙ୍କୁ ଆଜୀବନ

ଭୁବନେଶ୍ୱର, ୧୮/୧୦ (ନି.ପ୍ର): ୨୦୨୩ମସିହାରେ ସାଲିଆ ସାହି ଇଡ଼କୋ ବସ୍ତିରେ ଜଘନ୍ୟ ହତ୍ୟାକାଣ୍ଡ ଘଟଣା । ଦୁଇ ଜଣ ବିଚାରଧୀନ କଏଦୀଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରାଜଜ -୨ । ବିଶ୍ୱ ନାଥ କିସ୍କୁ ଏବଂ ସୁନାରାମ ମୁର୍ମୁଙ୍କୁ ଆଜୀବନ କାରାଦଣ୍ଡାଦେଶ ମିଳିଛି । ଏହାସହ ୨୫ହଜାର ଟଙ୍କା ଜୋରିମାନା । ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କରଦାଣ୍ଡ । ୯ଜଣ ସାକ୍ଷୀଙ୍କ ବୟାନ ଏବଂ ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି କୋର୍ଟ । ୨୦୨୩ରେ ଇଡ଼କୋ ବସ୍ତିରେ ସୁଶୀଲ ହେମ୍ବ୍ରମଙ୍କୁ କାଠ ଫାଳିଆରେ ବାଡେଇ ହତ୍ୟା କରିଥିଲେ ଅଭିଯୁକ୍ତ ।

# ଆଞ୍ଚଳିକ ସାଧନ ସଂଯୋଜକଙ୍କୁ ସେବା ନିବୃତ ସମ୍ବର୍ଦ୍ଧନା



ଖଇରା, ୧୮/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ହରିପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ ସଂଯୋଜକ ବିଶ୍ୱନାଥ ଧିନ୍ଦାଙ୍କୁ ଶନିବାର ଦିନ ଶାନ୍ତଲତା ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ନାୟକ ସଭାରେ ଅଧ୍ୟକ୍ଷତା କରିଥିଲେ । ବିଆରସିସି ମାଣିକ ମିଶ୍ର ମୁଖ୍ୟ ଅତିଥି, ନବ ନିଯୁକ୍ତ ସିଆରସିସି ସରୋଜ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଅବସର ନେଇଥିବା ସିଆରସିସି ଶ୍ରୀ ଧିନ୍ଦା ସବୁବେଳେ ଶିକ୍ଷକ ମାନଙ୍କ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ । ସହକାରୀ ଶିକ୍ଷକ ରଞ୍ଜନ କୁମାର ମହଲା ଅତିଥି ପରିଚୟ, ଦେବସ୍ମିତା ପାତ୍ର ବେଦପାଠ ଓ ବୁଦ୍ଧଦେବ ନାଇକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ତରଫରୁ ବିଦାୟୀ ସିଆରସିସିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ପ୍ରମୋଦ କୁମାର ଜେନା, ଅଶେଷ ବେହେରା,ପ୍ରଶାନ୍ତ ପ୍ରଧାନ, ଜଗବନ୍ଧୁ ଜେନା, ତମାଳ ବାରିକ, ରଶ୍ମିରେଖା ସାହୁ, ଅନନ୍ତ ନାଇକି, ଯଶୋଦା ଦେଉରୀ, ସସ୍ମିତା ସେଣ୍ଠ ପ୍ରମୁଖ ସହଯୋଗ କରିଥିଲେ ।

## ନିତ୍ୟାନନ୍ଦ ଶିଶୁ ମନ୍ଦିରର ବିଜ୍ଞାନ ମେଳା

ବାଲିଆପାଳ , ୧୮/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ନିଜର ଶ୍ରେଣୀ ଅନୁଯାୟୀ କ,ଖ,ଗ,ଘ ବିଭାଗ ରେ ବିଭାଜିତ କରାଯାଇଥିଲା। ବିଚାରକ ଭାବେ ଲଙ୍ଗଳେଶ୍ୱର ଦୁର୍ଗା ପ୍ରସନ୍ନ ମହାବିଦ୍ୟାଳୟ ଜୀବ ବିଜ୍ଞାନ ଅଧ୍ୟାପିକା ସଞ୍ଜିତା ଦାସ, ପ୍ରତାପପୁର ନିଶାମଣି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ବେହେରା , ନୂଆଗାଁ ଉପ୍ରା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗୁରୁପ୍ରସାଦ ପାଢୀ, ଯୋଗଦେଇଥିଲେ। ଅତିଥି ଭାବେ ବିଦ୍ୟାଳୟ ସ୍ଥାୟୀ ସଭାପତି ପ୍ରମଥ ଜେନା, ସମ୍ପାଦକ ରଞ୍ଜନ କୁମାର ବେହେରା, ପ୍ରଧାନ ଆଚାର ?ୟ ପ୍ରଭାକର ବେହେରା ଯୋଗଦେଇ' ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ' ବୋଲି କହିବା ସହିତ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ବିଜ୍ଞାନ ପ୍ରତିଯୋଗିତାରେ ୬୫ ପିଲା ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଗୁରୁଜୀ ଗଦାଧର ବେହେରା, ସାଇ ବିକାଶ ବେହେରା, ଉମାଶଙ୍କର ପଣ୍ଡା ଓ ଅନ୍ୟ ଗୁରୁଜୀ ଗୁରୁମା କାର ?ୟକ୍ରମ ରେ ସହଯୋଗ କରିଥିଲେ। ଗୁରୁଜୀ ବସନ୍ତ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରତାଇ ମେଳାରେ ବିକ୍ରୀ ହେଉଛି ଅପମିଶ୍ରିତ ମୃଦୁ ପାନୀୟ ଓ ବାସି ଖାଦ୍ୟ: ନିଦ୍ରାରେ ଖାଦ୍ୟ ନିରାପତ୍ତା ବିଭାଗ, ରୋଗ କିଣୁଛନ୍ତି ଲୋକେ



ଲଙ୍ଗଳେଶ୍ୱର , ୧୮/୧୦ (ନି.ପ୍ର): ବାଲିଆପାଳ ବ୍ଲକ ରତାଇ ରେ ପାର୍ବଣ ମେଳା ବସିଛି ଏହି ମେଳା କୁ ଦୂରଦୂରାନ୍ତରୁ ହଜାର ହଜାର ଲୋକ ବୋଲିବା କୁ ଆସିଥାନ୍ତି। ନିଦ୍ରାରେ ଖାଦ୍ୟ ନିରାପତ୍ତା ବିଭାଗ ର ଅଧିକାରୀ ଥିବାରୁ ଅପମିଶ୍ରିତ ମୃଦୁ ପାନୀୟ ଓ ବାସୀ ଖାଦ୍ୟ ବେପାର ଜମୁଛି। ଫାଷ୍ଟ ଫୁଡ୍ ଗୁଡ଼ିକ ବିକ୍ରୀ ନ ହୋଇ ରହିଜାଉଛି ତାକୁ ତାପର ଦିନ ବାସୀ ଗନ୍ଧୁଆ ଗ୍ରାହକ ମାନଙ୍କୁ ବିକି ଦେଉଛି ଦୋକାନୀ ସେହିପରି । ଗ୍ରାମାଞ୍ଚଳରେ ଏବେ ଛତୁ ଫୁଟିଲା ପରି ମୃଦୁ ଥଣ୍ଡା ପାନୀୟ ଓ ପାଣି ବୋତଲ ବିକ୍ରୀ ହେଉଛି ତାର ମାନ ଓ ଗୁଣବତ୍ତା ଯାଞ୍ଚ ହୋଇନଥିବା ରୁ ଲୋକମାନେ ମେଳାରୁ ଟଙ୍କା ଦେଇ ରୋଗ କିଣୁଛନ୍ତି ।ଉଚ୍ଚ ସ୍ତରୀୟ ଖାଦ୍ୟ ନିରାପତ୍ତା ଅଧିକାରୀ ଙ୍କ ଦ୍ୱାରା ମେଳାରେ ନିୟମିତ ମାନ ଓ ଗୁଣବତ୍ତା ଯାଞ୍ଚ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଜାଗା ବିବାଦକୁ ନେଇ ଦୁଇ ପକ୍ଷ ମୁହାଁମୁହିଁ: ଉଭୟଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବାଲିଆପାଳ , ୧୮/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ବିନ୍ଧାଣି ସାଇରେ ତିନି ଏକରରୁ ଉର୍ଦ୍ଧ୍ୱ ଜାଗା ଉପରେ ଦୀର୍ଘ ବର୍ଷ ଧରି ଆଦିବାସୀ ଶ୍ରେଣୀର କିଛି ପରିବାର ବସବାସ କରିଆସୁଛନ୍ତି। ଉକ୍ତ ଜାଗାଟି ଜମିଦାରି ଅମଳ ସମୟରୁ ମୁଖଦାମଣି ମହାଶୟଙ୍କ ନାମରେ ରହିଛି ।୧୯୫୧ ମସିହାରେ ଜମିଦାରି ଉଚ୍ଛେଦ ପରେ ସରକାର ଉକ୍ତ ଜାଗାର ପଟାକୁ ଅଙ୍ଗନାନାମା ପଟାରେ ପରିଣତ କରି କାର୍ତ୍ତିକ ବିନ୍ଧାଣି,ଗାଗଲ ବିନ୍ଧାଣି,ବାସୁ ହେମ୍ବ୍ରମଙ୍କୁ ଦଖଲ କାରି ଭାବରେ ଦର୍ଶାଇ ଥିବା ପଟାରେ ଉଲ୍ଲେଖ ରହିଛି। ମାତ୍ର ୨୦୨୧ ମସିହାରେ ମୁଖଦା ମଣିଙ୍କର ନାତି ସୁରେନ୍ଦ୍ର ନାରାୟଣ ରାୟ ବସ୍ତା ଅଞ୍ଚଳର ଜୟନାରାୟଣ ଦାସଙ୍କୁ ଉକ୍ତ ଜାଗା ବିକ୍ରି କରିଥିଲେ। ୨୦୨୪ ମସିହାରେ ବାଲିଆପାଳ ତହସିଲ ପକ୍ଷରୁ ଉଚ୍ଛେଦ ପାଇଁ ନୋଟିସ ହୋଇଥଲା । ମାତ୍ର ସେ ଜାଗାରୁ ଜବରଦଖଲକାରୀ ମାନଙ୍କୁ ଉଠାଇ ବାରେ ଅସମର୍ଥ ହେବାରୁ ୨୩.୨.୨୫ ରେ ଜୟନାରାୟଣ ଦାସ ବାଲିଆପାଳ ଅଞ୍ଚଳର ଧର୍ମ ଦ୍ୱାରର ବିଜୟ ନାୟକଙ୍କୁ ବିକ୍ରି କରିଛନ୍ତି । ପଟାଧାରି ବିଜନ ନାୟକ କିଣିଥିବା ୩ଏକରୁ ଉର୍ଦ୍ଧ୍ୱ ଜାଗାରୁ ଜବରଦଖଲ ମୁକ୍ତ କରିବା ପାଇଁ ସରପଞ୍ଚ ,ଗ୍ରାମବାସୀ ଏବଂ ଜବରଦଖଲ କାରିଙ୍କୁ ନେଇ ବୈଠକ କରାଇଥିଲେ । ମାତ୍ର ଦୁଇ ଜବରଦଖଲ କାରୀ ସହଯୋଗ କରିଥିବା ବେଳେ ଅନ୍ୟ ଜଣେ ଜବରଦଖଲ କାରୀ ବୈଠକକୁ ଆସିନଥିଲେ ।ଗ୍ରାମବାସୀଙ୍କ କଥା, ଏବଂ ଜବରଦଖଲ କାରିଙ୍କ ଅନୁରୋଧ ରକ୍ଷାକରି ଜବରଦଖଲକାରୀଙ୍କୁ ଜାଗାର ମୂଲ୍ୟ ନେଇ ସେମାନେ ରହୁଥିବା ଆଠ ଡେସିମିଲ ଲେଖାଏଁ ଜାଗା ଜବରଦଖଲ କାରି ଙ୍କ ନାମରେ ରେଜେଷ୍ଟି କରାଯିବ ବୋଲି ଷ୍ଟାମ୍ପ ପେପରରେ ଲେଖା ଯାଇଥଲା। ବୁଧବାର ଉକ୍ତ ଜାଗା ରୁ ଗଛ କାଟିବା ପାଇଁ ଯାଇ ଥିବା ଜାଗା ମାଲିକ ଓ ଜବରଦଖଲ କାରି ଙ୍କ ମଧ୍ୟରେ ଟଣାଓଟରା ପରେ ଦୁଇ ପକ୍ଷରୁ ଥାନା ରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ଦୁଇ ପକ୍ଷରୁ ଗୁରୁବାର ସାମ୍ବାଦିକ ସମ୍ମିଳନୀ କରି ନିଜ ନିଜର ସ୍ପଷ୍ଟି କରଣ ରଖିଥିଲେ। ଜବରଦଖଲ କାରୀ ଙ୍କ କହିବା କଥା ଚାରି ପିଢି ଧରି ରହିଆସୁଥିବା ଜାଗାକୁ ଚଞ୍ଚକତା କରି ରେଜେଷ୍ଟି କରାଯାଇଛି। ତେଣୁ ପ୍ରଶାସନ ଏହାର ସଠିକ ତଦନ୍ତ କରି ଆମକୁ ନ୍ୟାୟ ପ୍ରଦାନ କରନ୍ତୁ। ଅନ୍ୟ ପକ୍ଷରେ ଜମି ମାଲିକ ନିଜର ସମସ୍ତ କାଗଜପତ୍ର ଠିକ୍ ରହିଛି ଏବଂ ସେ ଉଚିତ ମୂଲ୍ୟ ଦେଇ ଜାଗାକୁ କିଣିବା କଥା କହିଛନ୍ତି। ତାଙ୍କ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି।

# ଆଦି କର୍ମଯୋଗୀ ଅଭିଯାନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ମୟୂରଭଞ୍ଜ ସମ୍ମାନିତ



ବାରିପଦା , ୧୮/୧୦ (ନି.ପ୍ର): ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଉଦାହରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଦ୍ୱାରା ସ୍ୱୀକୃତି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀ ଠାରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ 'ଆଦି କର୍ମଯୋଗୀ ଅଭିଯାନ' ଉପରେ ଜାତୀୟ ସମ୍ମେଳନ ଉତ୍ସବରେ ଭାରତର ରାଷ୍ଟ୍ରପତି ମାନ୍ୟବର ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରେଷ୍ଠ କାର୍ଯ୍ୟ ପ୍ରଦର୍ଶନ କରିଥିବା ରାଜ୍ୟ, ଜିଲ୍ଲା, ବ୍ଲକ ଓ ସମ୍ବନ୍ଧିତ ଜନଜାତି ଉନ୍ନୟନ ସଂସ୍ଥା ମାନଙ୍କୁ ସମ୍ମାନିତ କରିଛନ୍ତି। ଉକ୍ତ ଉତ୍ସବରେ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ମାନ୍ୟବର ମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ଓ ମନ୍ତ୍ରାଳୟର ସଚିବ ବିଭୁ ନାୟାର ଉପସ୍ଥିତ ଥିଲେ। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାକୁ ଆଦି କର୍ମଯୋଗୀ ଅଭିଯାନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କୁ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପୁରସ୍କୃତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୟ ଗର୍ବ ଓ ଆନନ୍ଦର ସହିତ ଏହି ସମ୍ମାନ ସାମଗ୍ର ମୟୂରଭଞ୍ଜ ଜିଲ୍ଲାର ବୋଲି କହିଛନ୍ତି। ଆଦିବାସୀ ବହୁଳମୟୂରଭଞ୍ଜ ଜିଲ୍ଲାରେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଓ ଅନୁଷ୍ଠାନ ଯଥା ଆଦି କର୍ମଯୋଗୀ, ଆଦି ସହଯୋଗୀ ଓ ଆଦି ସାଥି ମାନଙ୍କର ଏହା ମିଳିତ ପ୍ରୟାସର ଫଳ ବୋଲି କହିଛନ୍ତି। ଏହି ଅଭିଯାନରେ ଜିଲ୍ଲାର ୧୩୬୩ଟି ଆଦିବାସୀ ବହୁଳ ବସତି ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ସଶକ୍ତ କରିବା ତଥା ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ଆଶା ରଖିଛନ୍ତି ସେମାନଙ୍କ ପାଇଁ ଏହା କିପରି ଶତ ପ୍ରତିଶତ ଉପଲବ୍ଧ ହେବ ତାହା ଆମର ଲକ୍ଷ୍ୟ ବୋଲି କହିଛନ୍ତି। ଏହି ଅଭିଯାନର ମୂଳ ଲକ୍ଷ୍ୟ ଅନୁସାରେ ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ସ୍ୱାବଲମ୍ବୀ, ବିକଶିତ ଗ୍ରାମ କରିବା ଏବଂ ଦେଶର ଉନ୍ନତିରେ ସେମାନଙ୍କ ସକ୍ରିୟ ସହଭାଗୀତା ରହିବା ସହିତ ଉନ୍ନତିର ଲାଭ ଆଦିବାସୀ ଅଂଚଳର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

# ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ଭଦ୍ରକ କାର୍ଯ୍ୟାଳୟର ଶୁଭ ଉଦ୍ଘାଟନ



ଭଦ୍ରକ , ୧୮/୧୦ (ନି.ପ୍ର): ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ,ଭଦ୍ରକ କାର୍ଯ୍ୟାଳୟ ଆଜି ଜିଲ୍ଲାପାଳ ଦିଲିପ ରାଉତରାଏଙ୍କ କର କୋମଳ ରେ ଶୁଭ ଉଦ୍ ଘାଟନ ହୋଇଯାଇଛି । ଏଇ କାର୍ଯ୍ୟକ୍ରମ ରେ ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଉପ ନିର୍ଦ୍ଦେଶକ, ଅଭିଯୋଜନ ରଶ୍ମିତା ମହାପାତ୍ର,ପବ୍ଲିକ ପ୍ରସିକ୍ୟୁଟର୍ ମିନି ଟପ୍ପ, ସହକାରୀ ପବ୍ଲିକ ପ୍ରସିକ୍ୟୁଟର୍ ଓ ଜିଲ୍ଲା ର ସରକାରୀ/ବେସରକାରୀ ଅଧିବକ୍ତା ମାନେ ଉପସ୍ଥିତ ଥିଲେ। ଜିଲ୍ଲା ରେ ବିଭିନ୍ନ ଅପରାଧିକ କାର୍ଯ୍ୟ କରୁଥିବା ବ୍ୟକ୍ତି ଙ୍କୁ ସଠିକ୍ ଭାବରେ ଅନୁସନ୍ଧାନ କରାଯାଇ ଉପଯୁକ୍ତ ଦଣ୍ଡ ବିଧାନ କରିବା ଲକ୍ଷ୍ୟ ରେ ଉକ୍ତ କାର୍ଯ୍ୟାଳୟ ଟି ପ୍ରତିଷ୍ଠା କରାଯାଇଛି । ବହୁ ସମୟ ରେ ପ୍ରକୃତ ଦୋଷୀ ସଠିକ୍ ତଦନ୍ତ ଅଭାବ ରୁ ଅଳ୍ପ ଦିନ ଦଣ୍ଡ ପାଇ ମୁକ୍ତ ହୋଇ ପୁଣି ଅପରାଧିକ କାର୍ଯ୍ୟକଳାପ ରେ ଲିପ୍ତ ରହୁଛି। ଏହା ଫଳ ରେ ଜନ ସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଇ ନିର୍ଦ୍ଦେଶାଳୟ ଖୋଲିଲା ପରେ ଅପରାଧିକ କାର୍ଯ୍ୟ କଳାପ ରେ ଅଙ୍କୁଶ ଲାଗିବ ବୋଲି ଆରକ୍ଷୀ ଅଧିକ୍ଷକ ମତ ବ୍ୟକ୍ତ କରିଛନ୍ତି । ଉକ୍ତ କାର୍ଯ୍ୟାଳୟ ଟି ପୁରୁଣା କୋର୍ଟ ପରିସର ରେ କାର୍ଯ୍ୟକ୍ଷମ କରିବ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida